


୭୭ତମ ସାଧାରଣତନ୍ତ୍ର ଦିବସ ଅବସରରେ 'ସକାଳ' ପରିବାର ପକ୍ଷରୁ ଶୁଭେଚ୍ଛା ଓ ଅଭିନନ୍ଦନ ।

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-211 ◆MONDAY ◆26 JANUARY 2026 ◆PAGE-12 ◆₹ 7.00

PANIKOILI

◆ବର୍ଷ-୪୩ ◆ସଂଖ୍ୟା-୨୧୧ ◆ସୋମବାର ◆୨୬ ଜାନୁଆରୀ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


# ଶୁଭାଂଶୁ ଶୁକ୍ଲାଙ୍କୁ ଅଶୋକ ଚକ୍ର


## ଦିବଂଗତ ଅଭିନେତା ଧର୍ମେନ୍ଦ୍ରଙ୍କୁ ମିଳିବ ପଦ୍ମବିଭୂଷଣ ସମ୍ମାନ

## ଅଲ୍‌କା ୟାଗ୍‌ନିକ୍, ମାମୁଟ୍ଟୀ, ବିଜୟ ଅମୃତ୍‌ରାଜଙ୍କୁ ପଦ୍ମଭୂଷଣ

■ନୂଆଦିଲ୍ଲୀ, ୨୫।୧ (ଏଜେନ୍ସି): ଅପୂର୍ବ ସାହସ ଓ ବୀରତ୍ୱର ପରାକାଷ୍ଠା ଦେଖାଇ ମହାକାଶ କେନ୍ଦ୍ରରେ ପାଦ ଥାପିଥିବା ପ୍ରଥମ ଭାରତୀୟ ତଥା ବାୟୁସେନାର ଗ୍ରୁପ୍ କ୍ୟାପ୍‌ଟେନ ଶୁଭାଂଶୁ ଶୁକ୍ଲାଙ୍କୁ ଦେଶର ଶାନ୍ତି ସମୟର ସର୍ବୋଚ୍ଚ ସାମରିକ ସମ୍ମାନ 'ଅଶୋକ ଚକ୍ର' ପ୍ରଦାନ କରାଯିବ। ସେହିପରି ଦିବଂଗତ ଅଭିନେତା ଧର୍ମେନ୍ଦ୍ର, ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ କେ ଟି ଥୋମାସ୍, କେରଳର ପୂର୍ବତନ ମୁଖ୍ୟମନ୍ତ୍ରୀ ଭି ଏସ୍ ଅଚ୍ୟୁତାନନ୍ଦନ୍, ଶାସ୍ତ୍ରୀୟ ଭାୟୋଲିନ ବାଦକ ଏନ. ରାଜମ୍ ଏବଂ ବିଶିଷ୍ଟ ଲେଖକ ପି. ନାରାୟଣଙ୍କୁ ଦେଶର ଦ୍ୱିତୀୟ ସର୍ବୋଚ୍ଚ ବେସାମରିକ ସମ୍ମାନ ପଦ୍ମଭିଭୂଷଣ ପାଇବାକୁ ମନୋନୀତ ହୋଇଛନ୍ତି।




ଶୁଭାଂଶୁ ଶୁକ୍ଲା





ଧର୍ମେନ୍ଦ୍ର ସିଂହ ଦେଓଲ

୭୭ତମ ସାଧାରଣତନ୍ତ୍ର ଦିବସ ପାଳନର ଅବ୍ୟବହିତ ପୂର୍ବରୁ ରବିବାର ସନ୍ଧ୍ୟାରେ କେନ୍ଦ୍ର ସରକାର ▶ପୃଷ୍ଠା-୭

## ୪ ଓଡ଼ିଆଙ୍କୁ ପଦ୍ମଶ୍ରୀ









■ଭୁବନେଶ୍ୱର, ୨୫ ।୧ (ସମିସ): ସାଧାରଣତନ୍ତ୍ର ଦିବସ ଅବ୍ୟବହିତ ପୂର୍ବରୁ ଦେଶର ସର୍ବୋଚ୍ଚ ବେସାମରିକ ପୁରସ୍କାର 'ପଦ୍ମ ପୁରସ୍କାର' (ପଦ୍ମବିଭୂଷଣ, ପଦ୍ମଭୂଷଣ ଓ ପଦ୍ମଶ୍ରୀ) ଘୋଷଣା କରାଯାଇଛି। ୨୦୨୬ ପାଇଁ ମୋଟ୍ ୧୩୧ ଜଣଙ୍କୁ ପଦ୍ମ ପୁରସ୍କାର ପ୍ରଦାନ କରିବାକୁ ରାଷ୍ଟ୍ରପତି ଅନୁମୋଦନ କରିଥିବାବେଳେ ଓଡ଼ିଶାରୁ ୪ ଜଣ ସ୍ଥାନ ପାଇଛନ୍ତି। ସାହିତ୍ୟ ଓ ଶିକ୍ଷା ଏବଂ କଳା କ୍ଷେତ୍ରରେ ୨ ଲେଖାଏଁ ପଦ୍ମଶ୍ରୀ ପାଇବା ପାଇଁ ମନୋନୀତ ହୋଇଛନ୍ତି। ଲଗାତାର ୩ ବର୍ଷ ଧରି ଓଡ଼ିଶାରୁ ୪ ଜଣ ଲେଖାଏଁ ପ୍ରତିଭାବାନ ବ୍ୟକ୍ତିଙ୍କୁ ପଦ୍ମ ପୁରସ୍କାରରେ ସମ୍ମାନୀତ କରିବା ପାଇଁ କେନ୍ଦ୍ର ▶ପୃଷ୍ଠା-୭

### ଆଗୁଆ ପଞ୍ଚାୟତ ନିର୍ବାଚନକୁ କମିସନଙ୍କ 'ନା'

## ନିର୍ଦ୍ଧାରିତ ସମୟରେ ହେବ ନିର୍ବାଚନ

■ ଭୁବନେଶ୍ୱର, ୨୫।୧ (ସମିସ): ରାଜ୍ୟରେ ଆଗୁଆ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ହେବ ନାହିଁ। ପଞ୍ଚାୟତିରାଜ ସଂସ୍ଥାଗୁଡ଼ିକ ନିର୍ଦ୍ଧାରିତ ୫ ବର୍ଷ ପୂରଣ କରିବା ପରେ ଧାର୍ଯ୍ୟ ସମୟରେ ନିର୍ବାଚନ କରାଯିବ। ରବିବାର ରାଜ୍ୟ ନିର୍ବାଚନ କମିଶନ ମଧୁସୂଦନ ପାଢ଼ୀ ସ୍ପଷ୍ଟ ଭାବରେ ଏହା ପ୍ରକାଶ କରିବା ପରେ ଦିନକ ତଳେ ଆରମ୍ଭ ହୋଇଥିବା କଳ୍ପନାଜଳ୍ପନାରେ ଯବନିକା ପଡ଼ିଛି। ରାଜ୍ୟରେ ୫୦ରୁ ଊର୍ଦ୍ଧ୍ୱ ସରପଞ୍ଚ, ସମିତି ସଭ୍ୟ ଓ ଶତାଧିକ ୱାର୍ଡମେମ୍ବର ପଦ ଖାଲି ପଡ଼ିଛି। ବର୍ଷବର୍ଷ ଧରି ଏହାର ନିର୍ବାଚନ କରାଯାଉ ନାହିଁ; ଏପରିକି ନିର୍ବାଚନ ପାଇଁ ବିଜ୍ଞପ୍ତି ପକାଶ କରି ଏହାକୁ ପୁଣି ପ୍ରତ୍ୟାହାର କରାଯାଇଛି। ଏପରି ସମୟରେ ଆଗୁଆ ପଞ୍ଚାୟତ ନିର୍ବାଚନ ସଂକ୍ରାନ୍ତରେ ଶାସକ ଦଳ ସଭାପତି କିପରି ଆକଳନ କଲେ ତାହାକୁ ନେଇ ବିରୋଧୀ ସରକାରଙ୍କୁ ଘେରିଛନ୍ତି। ଏ ସମ୍ପର୍କରେ ସରକାର ସ୍ପଷ୍ଟୀକରଣ ଦିଅନ୍ତୁ ବୋଲି ଦାବି କରିଛନ୍ତି।

**ଦିନକ ତଳେ ଆଗୁଆ ନିର୍ବାଚନ ସମ୍ଭାବନା ଥିବା କହିଥିଲା ବିଜେପି**

**ବିଜେପି ପାର୍ଟି ଅଫିସରେ ନିର୍ବାଚନ ଘୋଷଣାକୁ ବିରୋଧୀଙ୍କ ନିନ୍ଦା**

ଶନିବାର ବିଜେପି ରାଜ୍ୟ କାର୍ଯ୍ୟାଳୟରେ ଏକ ଦଳୀୟ କାର୍ଯ୍ୟକ୍ରମରେ ଆଗୁଆ ପଞ୍ଚାୟତ ନିର୍ବାଚନ ପାଇଁ ମନମୋହନ ସାମଲ ସୂଚନା ଦେଇଥିଲେ। ସେ କହିଥିଲେ ଯେ ସାରା ଦେଶରେ ଫେବୃଆରୀ ମାସରେ ଜନଗଣନା ଆରମ୍ଭ ହେବ। ରାଜ୍ୟରେ ପଞ୍ଚାୟତ ନିର୍ବାଚନ ଜାନୁଆରୀ-ଫେବୃଆରୀ ମାସରେ ହେବାକୁ ଥିବାବେଳେ ଏହାର ୨ରୁ ୩ ମାସ ଆଗରୁ ନିର୍ବାଚନ କରିବାକୁ ରାଜ୍ୟ ସରକାର ପ୍ରସ୍ତୁତ କରୁଛନ୍ତି। ତେଣୁ ଯେଉଁମାନେ ବିଜେପି ସମର୍ଥିତ ସରପଞ୍ଚ ଓ ସମିତି ସଭ୍ୟମାନେ ରହିଛନ୍ତି, ସେମାନେ ଏବେଠାରୁ ପ୍ରସ୍ତୁତି ଆରମ୍ଭ କରନ୍ତୁ। ଗତ ୪ ବର୍ଷରେ ଯେଉଁ ▶ପୃଷ୍ଠା-୭

### 'ସକାଳ'ର ଛୁଟି

ପବିତ୍ର ସାଧାରଣତନ୍ତ୍ର ଦିବସ ଅବସରରେ 'ସକାଳ' କାର୍ଯ୍ୟାଳୟ ଛୁଟି ରହୁଥିବାରୁ ୨୭ ତାରିଖ ସଂସ୍କରଣ ବନ୍ଦ ରହିବ। ପରବର୍ତ୍ତୀ ସଂସ୍କରଣ ୨୮ ତାରିଖ (ବୁଧବାର) ପ୍ରକାଶ ପାଇବ।

-ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ

## କେନ୍ଦୁଝରରେ ଟ୍ରିପଲ୍-ମର୍ଡର୍

■ ଆନନ୍ଦପୁର, ୨୫।୧ (ସମିସ): ଗୋଟିଏ କି ଦୁଇଟି ନୁହେଁ, ଏକାଥରେ ଗଡ଼ିଛି ତିନିତିନିଟି ମୁଣ୍ଡ। ଗୋଟିଏ ପରିବାରର ୩ ଜଣଙ୍କୁ ପିଟିପିଟି ହତ୍ୟା କରାଯାଇଛି। କେନ୍ଦୁଝର ଜିଲ୍ଲା ଘସିପୁରା ଥାନା ଅନ୍ତର୍ଗତ ଖାଳିଆମେଣ୍ଟା ପଞ୍ଚାୟତର ନିଆଳିଝରଣ ଗ୍ରାମରେ ରବିବାର ସଂଧ୍ୟାରେ ଏପରି ଏକ ସାଂଘାତିକ ଘଟଣା ଘଟିଛି। ଏହି ଖବର ଜିଲ୍ଲାବ୍ୟାପୀ ତୀବ୍ର ଆଲୋଡ଼ନ ସୃଷ୍ଟି କରିଛି। ମୃତକମାନେ ହେଲେ, ଜିତେନ୍ଦ୍ର ସୋରେନ୍, ତାଙ୍କ ସ୍ତ୍ରୀ ମାଳତୀ ସୋରେନ୍ ଓ ଝିଅ ଡାବିରି ସୋରେନ୍। ସେହିପରି ଏହି ଅଘଟଣରେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ଚିକିତ୍ସା ଲାଗି ଆନନ୍ଦପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ହତ୍ୟାକାଣ୍ଡର କାରଣ ସ୍ପଷ୍ଟ ହୋଇନଥିବା ବେଳେ ବିଭିନ୍ନ ଦିଗ ସଂପର୍କରେ ଆଲୋଚନା ହେଉଛି। ନିକଟ ଅତୀତରେ ଜିତେନ୍ଦ୍ର, ମାଳତୀ ଓ ତାଙ୍କ ଝିଅ ଡାବିରି ନିଜର ଧର୍ମ ପରିବର୍ତ୍ତନ କରିଥିଲେ। ସେତେବେଳେ ଏହାକୁ କିଛି ସ୍ଥାନୀୟ ଲୋକ ବିରୋଧ କରିଥିଲେ। ଏହା ହତ୍ୟାକାଣ୍ଡର କାରଣ ହୋଇଥାଇପାରେ ବୋଲି ସନ୍ଦେହ କରାଯାଉଛି। ସେହିପରି ଜମିବାଡ଼ି ବିବାଦ ଓ ଗୁଣିଗାରେଡ଼ିକୁ ନେଇ ମଧ ଏହି ହତ୍ୟାକାଣ୍ଡ ଘଟିଥାଇପାରେ ବୋଲି ଆଲୋଚନା ହେଉଛି। ଘସିପୁରା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଏହି ଘଟଣାରେ ପୁଲିସ ଜଣଙ୍କୁ ଅଟକ ରଖି ପଚରାଉରା କରୁଛି। ପୁଲିସ ସବୁ ଦିଗକୁ ନେଇ ତଦନ୍ତ ଚଳାଇଛି। ଏହାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଛି।



## ଅଫେରା ରାଇଜରେ ଅଭିଜିତ

■ଭୁବନେଶ୍ୱର, ୨୫।୧ (ସମିସ): ଅଫେରା ରାଇଜରେ ଅଭିଜିତ ଦା'। ଓଡ଼ିଶା ସଂଗୀତ ଜଗତର ବାଦ୍‌ଶାହ ଅଭିଜିତ ମଜୁମଦାରଙ୍କ ରବିବାର ସକାଳେ ଭୁବନେଶ୍ୱର ଏମ୍‌ସରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଯାଇଛି। ତାଙ୍କୁ ୫୪ବର୍ଷ ହୋଇଥିଲା। ସେ ଯକୃତଜନିତ ରୋଗରେ ପୀଡ଼ିତ ଥିଲେ। ଗତ ବର୍ଷ ସେପ୍ଟେମ୍ବର ୪ ତାରିଖରେ ପରିବାରଲୋକ ତାଙ୍କୁ କଟକର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଇଥିଲେ। କିନ୍ତୁ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ ଏମ୍‌ସକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କୁ ଦୀର୍ଘ ଦିନ ଧରି ଆଇସିୟୁରେ ଚିକିତ୍ସା କରାଯାଇଥିଲା। ଅବସ୍ଥାରେ ଉନ୍ନତି ହେବାରୁ ଗତ ନଭେମ୍ବର ୧୦ ତାରିଖରେ ତାଙ୍କୁ ମେଡିସିନ୍ ୱାର୍ଡକୁ ସ୍ଥାନାନ୍ତର କରାଯାଇଥିଲା। ସେ ଧୀରେଧୀରେ ସୁସ୍ଥ ହେଉଥିବାରୁ ଏମ୍‌ସ କର୍ତ୍ତୃପକ୍ଷ ତାଙ୍କୁ ଡିସ୍‌ଚାର୍ଜ କରିବାକୁ ଚିନ୍ତା କରୁଥିଲେ। କିନ୍ତୁ ଦୁଇ ଦିନ ତଳେ ହଠାତ୍ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ି ଯାଇଥିଲା। ଏମ୍‌ସ ଡାକ୍ତରୀଦଳଙ୍କ ସମସ୍ତ ପ୍ରକାର ଉଦ୍ୟମ ସତ୍ତ୍ୱେ ▶ପୃଷ୍ଠା-୭

**ଓଡ଼ିଆ ସଙ୍ଗୀତ ଜଗତ ସ୍ତବ୍ଧ**




## ପ୍ରମୁଖ ଜେନେରାଲଙ୍କ ବିରୋଧରେ ଚାଲିବ ତଦନ୍ତ | ଚୀନ୍ ରାଷ୍ଟ୍ରପତିଙ୍କୁ ହତ୍ୟା ଷଡ଼ଯନ୍ତ୍ର

ବେଜିଂ, ୨୫।୧ (ଏଜେନ୍ସି): ଅନ୍ୟ ଦେଶର ଆଭ୍ୟନ୍ତରୀଣ ମାମଲାରେ ହସ୍ତକ୍ଷେପ କରୁଥିବା ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗଙ୍କୁ ହତ୍ୟା ଷଡ଼ଯନ୍ତ୍ର ହେଉଛି । ଏହାକୁ ନେଇ ପୁଣି ଚୀନ୍ ସେନାରେ ହଇଚଇ ଖେଳି ଯାଇଛି। ପିପୁଲ୍ସ ଲିବରେସନ ଆର୍ମି (ପିଏଲଏ) ର ସବୁଠାରୁ ଶକ୍ତିଶାଳୀ ଜେନେରାଲଙ୍କ ମଧ୍ୟରୁ ଅନ୍ୟତମ ତଥା ରାଷ୍ଟ୍ରପତି ଜିନପିଙ୍ଗ ଘନିଷ୍ଠ ଝାଙ୍ଗ ୟୁସିଆକୁ ତଦନ୍ତ ପରିସରକୁ ନେବା ପରେ ଏହି ଆଶଙ୍କା ବଢ଼ିବାରେ ଲାଗିଛି। ଚୀନ୍ ପ୍ରତିରକ୍ଷା ମନ୍ତ୍ରାଳୟ ଏହି ତଦନ୍ତ ହେଉଥିବା ସ୍ପଷ୍ଟ କରିଛି। ରାଷ୍ଟ୍ରପତିଙ୍କୁ ୟୁସିଆ ହତ୍ୟା ଷଡ଼ଯନ୍ତ୍ର କରୁଥିଲେ ବୋଲି କୁହାଯାଉଛି। ବିଶେଷଜ୍ଞଙ୍କ ଅନୁଯାୟୀ ଜିନପିଙ୍ଗଙ୍କୁ ସେ କ୍ଷମତାଚ୍ୟୁତ କରିବା ପାଇଁ ଚାହୁଁଥିଲେ। ମାତ୍ର ୟୁସିଆ ନିଜେ ଜିନପିଙ୍ଗଙ୍କ ଜାଲରେ ଫସି ଯାଇଥିଲେ। ତାଙ୍କ ବିରୋଧରେ ଅନୁଶାସନ ଏବଂ ଆଇନ ଉଲ୍ଲଂଘନ ଅଭିଯୋଗ ଲାଗିଛି।

ସୂଚନା ଅନୁଯାୟୀ, ଚୀନର ସବୁଠାରୁ ଶକ୍ତିଶାଳୀ ସାମରିକ ସଂସ୍ଥା କେନ୍ଦ୍ରୀୟ ସାମରିକ କମିଶନର ଉପାଧ୍ୟକ୍ଷ ତଥା ସାମରିକ ବିଭାଗରେ ଏକ ଉଚ୍ଚ ପଦବୀରେ ଝାଙ୍ଗ୍ କାର୍ଯ୍ୟ କରୁଛନ୍ତି। ସେ ଜିନପିଙ୍ଗଙ୍କ ଅଧୀନରେ ସେନାର ପ୍ରତ୍ୟକ୍ଷ କମାଣ୍ଡରେ ଥିଲେ । ୭୫ ବର୍ଷ ବୟସ ୟୁସିଆ ୧୯୬୮ ରେ ସେନାରେ ଯୋଗ ଦେଇଥିଲେ। ଚୀନ୍ ସାମରିକ ବାହିନୀର ଜଣେ ଅଭିଜ୍ଞ ଜେନେରାଲ ଭାବେ ସେ ପରିଚିତ। ଚୀନ ବିଶେଷଜ୍ଞ ତଥା ମାନବାଧିକାର କର୍ମୀ ଜେନିଫର ଜେଙ୍ଗଙ୍କ ଦାବି କହିଛନ୍ତି ଯେ ଜିନପିଙ୍ଗଙ୍କୁ ହଟାଇବା ପାଇଁ ପ୍ରୟାସ କରାଯାଇଥିଲା। ପୁରୁଣା କମ୍ୟୁନିଷ୍ଟ ନେତାମାନଙ୍କ ସହ ମିଶି କ୍ଷମତା ପରିବର୍ତ୍ତନ ଚାହୁଁଥିବା ଲୋକଙ୍କ ମଧ୍ୟରେ ୟୁସିଆ ଥିଲେ। ପୂର୍ବତନ ରାଷ୍ଟ୍ରପତି ହୁ ଜିନତାଓ, ପୂର୍ବତନ ପ୍ରଧାନମନ୍ତ୍ରୀ ୱେନ୍ ଜିଆବାଓ ଏବଂ ୟୁସିଆ ପ୍ରମୁଖ ଜିନପିଙ୍ଗଙ୍କୁ ହଟାଇ ତାଙ୍କ କ୍ଷମତା ହ୍ରାସ କରିବାକୁ ଚାହୁଁଥିଲେ। ଚୀନକୁ ଡେଙ୍ଗ ଜିଆଓପିଙ୍ଗ ଯୁଗକୁ ଫେରାଇ ଆଣିବା ତାଙ୍କର ଲକ୍ଷ୍ୟ ଥିଲା। ମାତ୍ର ଭୁଲ ସମୟରେ ଭୁଲ ପଦକ୍ଷେପ ନେଇ ଧରା ପଡ଼ିଥିଲେ। ଏହି ଷଡଯନ୍ତ୍ରକୁ ବିଫଳ କରିବା ପାଇଁ ଜିନପିଙ୍ଗ ଜାଣିଶୁଣି ମେଡିକାଲରେ ଭର୍ତ୍ତି ହୋଇଥିଲେ।


ୟୁସିଆଙ୍କୁ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରୁ ହେପାଜତକୁ ନିଆଯାଇଥିଲା। ସେ ଚାରି ଜଣ ସୁରକ୍ଷାକର୍ମୀଙ୍କ ସହ ଏଠାରେ ପହଞ୍ଚି ଥିବାବେଳେ ଶହେରୁ ଅଧିକ ଲୋକେ ତାଙ୍କୁ ଘେରି ନେଇଥିଲେ।

## ଶଙ୍କରାଚାର୍ଯ୍ୟଙ୍କ ମନ୍ତବ୍ୟ | ଯେତେ ସମସ୍ୟା ସୃଷ୍ଟି କଲେ ବି ପଛଘୁଞ୍ଚା ଦେବିନି

ପ୍ରୟାଗରାଜ, ୨୫।୧ (ଏଜେନ୍ସି): ପ୍ରୟାଗରାଜରେ ଶଙ୍କରାଚାର୍ଯ୍ୟ ସ୍ୱାମୀ ଅବିମୁକ୍ତେଶ୍ୱରାନନ୍ଦ ଏବଂ କୁମ୍ଭମେଳା ପ୍ରଶାସନ ମଧ୍ୟରେ ବିବାଦ ଥମିବାର ନା ଧରୁନି। ଗତ ୭ ଦିନ ହେଲା ଶଙ୍କରାଚାର୍ଯ୍ୟ ଅନଶନ କରୁଥିବାବେଳେ ଶନିବାର ରାତିରେ ତାଙ୍କ ଶିବିରରେ କିଛି ଲୋକ ଧସେଇ ପଶିବାକୁ ଉଦ୍ୟମ କରିଥିଲେ। ଏମାନେ ଯୋଗୀଙ୍କ ସପକ୍ଷରେ ସ୍ଲୋଗାନ ଦେଇଥିଲେ। ଶଙ୍କରାଚାର୍ଯ୍ୟଙ୍କ ଶିଷ୍ୟଙ୍କ ସହ ଧସ୍ତାଧସ୍ତି ହୋଇଥିଲେ। ଏବେ ମାମଲା ଥାନାରେ ପହଞ୍ଚିଛି। ଶଙ୍କରାଚାର୍ଯ୍ୟଙ୍କ ସୁରକ୍ଷା ସୁନିଶ୍ଚିତ କରିବାକୁ କୁହାଯାଇଛି। ଏହି ଘଟଣାକୁ ନେଇ ସ୍ୱାମୀ ଅବିମୁକ୍ତେଶ୍ୱରାନନ୍ଦ ସରକାରଙ୍କୁ ସମାଲୋଚନା କରିଛନ୍ତି। ଯେତେ ସମସ୍ୟା ସୃଷ୍ଟି କଲେ ବି ପଛଘୁଞ୍ଚା ଦେବି ନାହିଁ ବୋଲି କହିଛନ୍ତି। ସେ କହିଛନ୍ତି ଯେ ଗୋସୁରକ୍ଷା କଥା କହୁଥିବାରୁ ଆମକୁ ଆକ୍ରମଣ କରାଯାଉଛି। ବିଜେପି ଆମକୁ ସହିପାରୁ ନାହିଁ। ଯେତେ ସମସ୍ୟା ସୃଷ୍ଟି କଲେ ବି ପଛକୁ ହଟିବାର ନାହିଁ। ଯେତେ ଜୁଲମ କରିବେ ସେତେ ମଜବୁତର ସହ ପଦକ୍ଷେପ ନେବୁ।

**ବିବାଦକୁ ସୁଯୋଗ ଭାବୁଛନ୍ତି ଉପ-ମୁଖ୍ୟମନ୍ତ୍ରୀ**

**ମୁଖ୍ୟମନ୍ତ୍ରୀ ହେବାକୁ ସ୍ୱପ୍ନ ଦେଖୁଛନ୍ତି କେଶବ ମୌର୍ଯ୍ୟ**




ଅନ୍ୟପଟେ ଉପ-ମୁଖ୍ୟମନ୍ତ୍ରୀ କେଶବ ମୌର୍ଯ୍ୟ ଏହି ବିବାଦକୁ ସୁଯୋଗ ଭାବେ ଦେଖୁଥିବା ଚର୍ଚ୍ଚା ହେଉଛି। ସେ ଶଙ୍କରାଚାର୍ଯ୍ୟଙ୍କ ଆଧାର କରି ନିଜେ ମୁଖ୍ୟମନ୍ତ୍ରୀ ହେବାକୁ ସ୍ୱପ୍ନ ଦେଖୁଛନ୍ତି। ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କୁ ଶଙ୍କରାଚାର୍ଯ୍ୟ ତୀବ୍ର ସମାଲୋଚନା କରୁଥିବାବେଳେ କେଶବ ନୂଆ ପନ୍ଥା ଆପଣାଇଛନ୍ତି। ସେ ବିବାଦର ଅନ୍ତ କରାଇବାକୁ ଶଙ୍କରାଚାର୍ଯ୍ୟଙ୍କୁ ଅନୁରୋଧ କରିଛନ୍ତି। ଏଥିପାଇଁ ସ୍ୱାମୀଙ୍କ ପାଦ ତଳେ ପଡ଼ି କ୍ଷମା ମାଗିବି ବୋଲି କହିଛନ୍ତି। ପୂର୍ବରୁ ତାଙ୍କୁ ମୁଖ୍ୟମନ୍ତ୍ରୀ କରାଇବା ପାଇଁ ଶଙ୍କରାଚାର୍ଯ୍ୟ କହିଥିଲେ। ସାଧୁସନ୍ଥଙ୍କ ଏହି ଭାବନାକୁ ସମ୍ମାନ କରାଯିବା ଉଚିତ ବୋଲି କେଶବ କହିଛନ୍ତି।



ନୂଆଦିଲ୍ଲୀର କର୍ତ୍ତବ୍ୟପଥରେ ସାଧାରଣତନ୍ତ୍ର ଦିବସ ପରେଡ୍‌ର ଅଭ୍ୟାସ

## ସାମ୍ବାଦିକ ମାର୍କ ଟୁଲିଙ୍କ ପରଲୋକ

ନୂଆଦିଲ୍ଲୀ, ୨୫।୧ (ଏଜେନ୍ସି): ବରିଷ୍ଠ ସାମ୍ବାଦିକ ମାର୍କ ଟୁଲିଙ୍କ ପରଲୋକ ହୋଇଛି। ନୂଆଦିଲ୍ଲୀର ଏକ ଘରୋଇ ହସ୍ପିଟାଲରେ ରବିବାର ସେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ମୃତ୍ୟୁ ବେଳକୁ ତାଙ୍କୁ ୯୦ ବର୍ଷ ବୟସ ହୋଇଥିଲା। ପଦ୍ମଶ୍ରୀ ପୁରସ୍କାରପ୍ରାପ୍ତ ଏହି ସାମ୍ବାଦିକ କିଛି ଦିନ ଧରି ଅସୁସ୍ଥ ଥିଲେ। ସାକେତର ମ୍ୟାକ୍ସ ହସ୍ପିଟାଲରେ ତାଙ୍କର ଚିକିତ୍ସା ଜାରି ରହିଥିଲା। ମାର୍କ ଟଲିଙ୍କ ଜନ୍ମ କୋଲକାତାରେ ହୋଇଥିଲା। ସେ ୨୨ ବର୍ଷ ଧରି ବିବିସିର ନୂଆଦିଲ୍ଲୀ ବ୍ୟୁରୋ ମୁଖ୍ୟ ଭାବରେ କାର୍ଯ୍ୟ କରିଥିଲେ। ସେ ବିବିସି ରେଡିଓ ୪ କାର୍ଯ୍ୟକ୍ରମ 'ସମଥିଙ୍ଗ୍ ଅଣ୍ଡରଷ୍ଟୁଡ'ର ଜଣେ ପ୍ରସିଦ୍ଧ ଲେଖକ ଏବଂ ଉପସ୍ଥାପକ ମଧ୍ୟ ଥିଲେ। ସେ ୧୯୮୦ ଦଶକରେ ଖଲିସ୍ତାନୀ ଆତଙ୍କବାଦୀ ଭିଣ୍ଡରାୱାଲାର ସାକ୍ଷାତକାର ନେଇଥିଲେ। ତାଙ୍କୁ ୨୦୦୨ ମସିହାରେ ନାଇଟ୍ ଉପାଧି ଦିଆଯାଇଥିଲା। ୨୦୦୫ରେ ଭାରତ ସରକାର ତାଙ୍କୁ ପଦ୍ମଭୂଷଣ ସମ୍ମାନ ପ୍ରଦାନ କରିଥିଲେ। ମାର୍କ ଟଲି ଭାରତ ଉପରେ ଅନେକ ପୁସ୍ତକ ଲେଖିଛନ୍ତି। ଏହା ମଧ୍ୟରେ ନୋ ଫୁଲ୍ ଷ୍ଟପ୍ସ ଇନ୍ ଇଣ୍ଡିଆ, ଇଣ୍ଡିଆ ଇନ୍ ସ୍ଲୋ ମୋସନ୍ ଏବଂ ଦି ହାର୍ଟ ଅଫ୍ ଇଣ୍ଡିଆ ସାମିଲ ରହିଛି। ଭାରତର ସ୍ୱର ଭାବେ ପରିଚିତ ଟଲି ଦୀର୍ଘ ବର୍ଷ ଧରି ଭାରତୀୟ ରାଜନୀତି, ସମାଜଏବଂ ସଂସ୍କୃତିର ଗଭୀର ବିଶ୍ଳେଷଣ କରି ବିଶ୍ୱକୁ ପରିଚିତ କରାଇଥିଲେ। ତାଙ୍କ ମୃତ୍ୟୁରେ ଗଣମାଧ୍ୟମରେ ଜଗତରେ ଏକ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି। ଟଲିଙ୍କ ପିତା ଏକ ରେଲୱେ କମ୍ପାନୀର ନିର୍ଦ୍ଦେଶକ ଥିଲେ। ସେ ବ୍ରିଟିଶ ଉପନିବେଶବାଦ ପରିବାରରୁ ଆସିଥିଲେ। ପିଲାବେଳେ ଭାରତରେ କିଛି ବର୍ଷ ବିତାଇବା ପରେ ଟଲି ଇଂଲଣ୍ଡ ପଳାଇ ଯାଇଥିଲେ। ଭାରତୀୟ ସଂସ୍କୃତି ତାଙ୍କ ଉପରେ ଗଭୀର ପ୍ରଭାବ ପକାଇ ଥିଲା।



## ଆକ୍ରମଣ ଭୟ: ବଙ୍କରରେ ଖାମନେଇ

ତେହରାନ, ୨୫।୧ (ଏଜେନ୍ସି): ସରକାର ବିରୋଧୀ ବିକ୍ଷୋଭ ପ୍ରଦର୍ଶନକୁ ଦଳିଦେବା ପାଇଁ ଇରାନ ସରକାର ଭଡ଼ାଟିଆ ସେନା ଲଗାଇ ଆନ୍ଦୋଳନକାରୀଙ୍କୁ ହତ୍ୟା କରି ଚାଲିଛନ୍ତି। ପ୍ରତିଶ୍ରୁତି ଦେଇ ଆମେରିକା ହାତ ଟେକିଦେବାରୁ ଏଭଳି ସ୍ଥିତି ହେଲା ବୋଲି ବିକ୍ଷୋଭକାରୀ ଅଭିଯୋଗ କରିଛନ୍ତି। ଏପରି ସମୟରେ ଆମରିକା ନୌସେନା ଯୁଦ୍ଧ ଜାହାଜ ୟୁଏସ୍ଏସ୍ ଆବ୍ରାହମ ଲିଙ୍କନ କ୍ୟାରିଅର ଷ୍ଟ୍ରାଇକ୍ ଗ୍ରୁପ୍ ଇରାନ ଅଭିମୁଖେ ବଢ଼ି ଚାଲିଛି। ଏହାକୁ ନେଇ ଦୁଇ ଦେଶ ମଧ୍ୟରେ ଜୋରଦାର ସଂଘର୍ଷ ହେବାର ଆଶଙ୍କା ରହିଛି। ଆମରିକାର ଏଭଳି ସମରସଜ୍ଜା ଦେଖି ଇରାନ ପିଳେହି ପାଣି ହୋଇଯାଇଛି। ଆମେରିକାକୁ ଡରେଇବା ପାଇଁ ବୃଥା ଧମକ ଦେଇଚାଲିଛି। ୱାଶିଂଟନ ଆକ୍ରମଣ କଲେ ଆଖପାଖରେ ଥିବା ଆମେରିକା ଘାଟୀଗୁଡ଼ିକୁ ଧ୍ୱଂସ କରିଦେବୁ ବୋଲି କୁହାଯାଇଛି। ଯୁଦ୍ଧର କଳା ବାଦଲ ଅଞ୍ଚଳକୁ ଘେରି ରହିଥିବା ବେଳେ ଇରାନର ସର୍ବୋଚ୍ଚ ଶାସକ ଅୟତୁଲ୍ଲା ଅଲ ଖାମନେଇ ଭୟରେ ଲୁଚି ରହିଛନ୍ତି। ସେ ଆମେରିକା କାର୍ଯ୍ୟାନୁଷ୍ଠାରୁ ବଞ୍ଚିବା ଲାଗି ମାଟି ତଳେ ଥିବା ବଙ୍କର (ଏଏଫ୍‌ପି) ରେ ଆଶ୍ରୟ ନେଇଛନ୍ତି। ଏହା ଏକ ବୁଲେଟ ପ୍ରୁଫ ଗଡ଼ ଭଳି। କୌଣସି ଆକ୍ରମଣ ଏହାକୁ ଭେଦି ପାରିବ ନାହିଁ। ଦୀର୍ଘ ଦିନ ହେଲା ତାଙ୍କୁ ସାର୍ବଜନୀନ ଭାବେ ଦେଖା ଯାଇ ନାହିଁ। ଏବେ ତାଙ୍କ ପୁଅ ସରକାର ଚଲାଉଛନ୍ତି।

ରିପୋର୍ଟ ଅନୁଯାୟୀ, ଆମେରିକା ଯେକୌଣସି ସମୟରେ ଏୟାର ଷ୍ଟ୍ରାଇକ୍ କରିପାରେ ବୋଲି ଇରାନର ବରିଷ୍ଠ ସାମରିକ ଅଧିକାରୀମାନେ ଖାମନେଇଙ୍କୁ ସୂଚନା ଦେଇଥିଲେ। ଏବେ ୮୬ ବର୍ଷୀୟ ଖାମନେଇ ତେହେରାନର ଏକ ବଙ୍କରରେ ଲୁଚି ରହିଛନ୍ତି। ଏହି ବଙ୍କରଟି ଅନେକ ଗୁପ୍ତ ଭୂତଳ ସୁଡ଼ଙ୍ଗ ସହିତ ସଂଯୁକ୍ତ ରହିଛି। ଆମେରିକା ଯୁଦ୍ଧ ଜାହାଜ ମଧ୍ୟପ୍ରାଚ୍ୟ ଅଭିମୁଖେ ମାଡ଼ି ଚାଲିଛି। ଏହା ସ୍ଥିତିକୁ ଅଧିକ ସଙ୍ଗୀନ କରିଦେଇଛି। ଏବେ ଖାମନେଇ ନିଜ ପ୍ରଶାସନିକ କାର୍ଯ୍ୟକୁ ସାନପୁଅ ମାସୁଦ ଖାମନେଇ (୫୩) ଙ୍କୁ ହସ୍ତାନ୍ତର କରିଛନ୍ତି। ସେ ସରକାରଙ୍କ କାର୍ଯ୍ୟନିର୍ବାହୀ ଶାଖା ଓ କ୍ଷମତାର ଅନ୍ୟାନ୍ୟ ଅଂଶ ମଧ୍ୟରେ ମୁଖ୍ୟ ଯୋଗାଯୋଗକାରୀର ଭୂମିକା ନିର୍ବାହ କରୁଛନ୍ତି। ଏହା ପୂର୍ବରୁ ଟ୍ରମ୍ପ ଘୋଷଣା କରିଥିଲେ ଯେ ଆମେରିକା ମଧ୍ୟପ୍ରାଚ୍ୟକୁ ଯୁଦ୍ଧଜାହାଜ ପଠାଉଛି। ଇରାନ ପ୍ରତି ଏହା ଏକ କଠୋର ଚେତାବନୀ ବୋଲି ଟ୍ରମ୍ପ କହିଥିଲେ। ଅନ୍ୟପଟେ ଆମେରିକା ଆଗରେ ମୁଣ୍ଡ ନୁଆଁଇବାକୁ ଇରାନ ମନା କରିଦେଇଛି। ଇରାନ ରାଷ୍ଟ୍ରପତି ମାସୁଦ ପେଜେସକିଆନ କହିଥିଲେ ଯେ ଆମେରିକା କିମ୍ବା ଇସ୍ରାଏଲ ଇରାନର ସର୍ବୋଚ୍ଚ ନେତାଙ୍କ ଉପରେ ଆକ୍ରମଣ ତାହାକୁ ଯୁଦ୍ଧ ଘୋଷଣା ବୋଲି ଧରାଯିବ।

## ଚଳଚ୍ଚିତ୍ର ନିର୍ମାତା ବିକ୍ରମ ଭଟ୍ଟଙ୍କ ଅଡୁଆ ବଢ଼ିଲା

**୧୩.୫ କୋଟିର ଠକେଇ ମାମଲା ରୁଜୁ**

ମୁମ୍ବଇ, ୨୫।୧ (ଏଜେନ୍ସି): ଚଳଚ୍ଚିତ୍ର ନିର୍ମାତା ବିକ୍ରମ ଭଟ୍ଟଙ୍କ ଅଡୁଆ କମ୍ ହେବାର ନା ଧରୁନି। ଏବେ ସେ ପୁଣି ଆଉ ଏକ ଠକେଇ ମାମଲାରେ ଫସିଛନ୍ତି। ବିକ୍ରମ ଏବଂ ତାଙ୍କ ଝିଅ କୃଷ୍ଣା ଭଟ୍ଟଙ୍କ ବିରୋଧରେ ମୁମ୍ବଇର ଭର୍ସୋଭା ଥାନାରେ ଠକେଇ ମାମଲା ରୁଜୁ ହୋଇଛି। ପୁନେର ଫିଲ୍ମ ଫାଇନାନ୍ସର ଶିବରାଜ ପୃଥ୍ୱୀରାଜ ଖାୱାଡେ ଅଭିଯୋଗ କ୍ରମେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ବାପଝିଅ ଉଭୟେ ତାଙ୍କୁ ୧୩.୫ କୋଟି ଟଙ୍କା ଠକି ନେଇଥିବା ଅଭିଯୋଗ ହୋଇଛି। ଅଭିଯୋଗରେ କୁହାଯାଇଛି ଯେ ୨୦୨୧ରେ ଆଗାମୀ ଫିଲ୍ମରେ ନିବେଶ କରିବାକୁ ଖାୱାଡେଙ୍କୁ ବିକ୍ରମ ରାଜି କରାଇ ନେଇଥିଲେ। ନିବେଶ ଟଙ୍କା ଶୀଘ୍ର ଫେରାଇ ଦେବେ ପାଇଁ ମଧ୍ୟ ସେ ପ୍ରତିଶ୍ରୁତି ଦେଇଥିଲେ। ଏ ବାବଦକୁ ଚଳଚ୍ଚିତ୍ର ନିର୍ମାତା ତାଙ୍କଠାରୁ ମୋଟ ୧୩.୫୦ କୋଟି ଟଙ୍କା ନେଇଥିଲେ। ମାତ୍ର ନିର୍ଦ୍ଧାରିତ ସମୟ ପରେ ବି ମୂଳ ଟଙ୍କା କିମ୍ବା କୌଣସି ଲାଭ ଦିଆଯାଇ ନ ଥିଲା। ୨୦୨୧ର ଘଟଣା ହୋଇଥିବାରୁ ଆଇପିସିର ବିଭିନ୍ନ ଧାରା ଅନୁଯାୟୀ ମାମଲା ରୁଜୁ କରାଯାଇଛି। ମାମଲାର ଗମ୍ଭୀରତାକୁ ଦେଖି ମୁମ୍ବଇ ପୋଲିସର ଅର୍ଥନୈତିକ ଅପରାଧ ଶାଖା (ଇଓଡବଲ୍ୟୁ)କୁ ଏହାକୁ ସ୍ଥାନାନ୍ତର କରାଯାଇଛି। ଏହା ପୂର୍ବରୁ ଗତ ବର୍ଷ ଡିସେମ୍ବର ୭ରେ ବିକ୍ରମ ଭଟ୍ଟ ଏବଂ ତାଙ୍କ ପତ୍ନୀ ଶ୍ୱେତାମ୍ବରୀଙ୍କୁ ରାଜସ୍ଥାନ ପୁଲିସ ୩୦ କୋଟି ଟଙ୍କାର ଠକେଇ ଅଭିଯୋଗରେ ଗିରଫ କରିଥିଲା। ଏକ ବ୍ୟବସାୟିକ ଚୁକ୍ତି ସହିତ ଜଡିତ ଆର୍ଥିକ ଅନିୟମିତତାନେଇ ଉଭୟଙ୍କ ବିରୋଧରେ ମାମଲା ରୁଜୁ ହୋଇଥିଲା।

## ବାଂଲାଦେଶରେ ଥମୁନି ହିନ୍ଦୁ-ବିରୋଧୀ ହିଂସା

ଢାକା, ୨୫।୧ (ଏଜେନ୍ସି): ସଂଖ୍ୟାଲଘୁଙ୍କ ପାଇଁ ବାଂଲାଦେଶ ନର୍କ ପାଲଟି ଯାଇଛି। ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହାସିନା ବିତାଡ଼ିତ ହେବା ପରଠାରୁ ଆରମ୍ଭ ହୋଇଥିବା ହିଂସା ଜଣଙ୍କ ପରେ ଜଣେ ହିନ୍ଦୁଙ୍କ ଜୀବନ ନେଇ ଚାଲିଛି। ବାଂଲାଦେଶର କାମଚଳା ମହମ୍ମଦ ୟୁନୁସଙ୍କ ସରକାରଙ୍କ ସ୍ଥାଣୁତା ଏବଂ ନିର୍ବାଚନ ଘୁଞ୍ଚାଇବାର ଚକ୍ରାନ୍ତ ହିନ୍ଦୁଙ୍କ ଜୀବନକୁ ବିପଦମ ମୟ କରିଦେଇଛି। କ୍ରମାଗତ ଭାବେ ହିନ୍ଦୁଙ୍କୁ ନିଶାଣ କରାଯାଉଛି। ଏହି କ୍ରମରେ ବାଂଲାଦେଶରେ ଆଉ ଜଣେ ହିନ୍ଦୁ ଯୁବକଙ୍କୁ ଜିଅନ୍ତା ଜାଳି ହତ୍ୟା କରାଯାଇଛି। ନରସିନ୍ଦି ସହର ସ୍ଥିତ ପୁଲିସ ଲାଇନକୁ ଲାଗି ରହିଥିବା ମସଜିଦ ମାର୍କେଟ ଅଞ୍ଚଳରେ ଏଭଳି ଜଘନ୍ୟ ହତ୍ୟାକାଣ୍ଡ ଘଟିଛି। ୨୩ ବର୍ଷୀୟ ଚଞ୍ଚଳ ଚନ୍ଦ୍ର ଭୌମିକଙ୍କୁ ଅତି ନୃଶଂସ ଭାବେ ମାରି ଦିଆଯାଇଛି। ଶୁକ୍ରବାର ରାତିରେ ଗ୍ୟାରେଜ ଭିତରୁ ଭୌମିକଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ତାଙ୍କ ପରିବାର ସଦସ୍ୟ ଏହାକୁ ସୁଚିନ୍ତିତ ଷଡ଼ଯନ୍ତ୍ର କହିଛନ୍ତି। ଏହାକୁ ମିଶାଇ ବାଂଲାଦେଶରେ ଗତ ୪୦ ଦିନ ମଧ୍ୟରେ ୧୦ ହିନ୍ଦୁଙ୍କୁ ହତ୍ୟା କରାଗଲାଣି। ଏହା ପୂର୍ବରୁ ଗତ ବର୍ଷ ଡିସେମ୍ବର ୧୮ ରେ ମୟମନସିଂ ଜିଲ୍ଲାରେ ହିନ୍ଦୁ ଯୁବକ ଦୀପୁ ଚନ୍ଦ୍ର ଦାସଙ୍କୁ ଏକ ଭିଡ଼ ପିଟି ପିଟି ହତ୍ୟା କରିଥିଲା। ତାଙ୍କ ମୃତଦେହକୁ ଗଛରେ ଝୁଲାଇ ନିଆଁ ଲଗାଇ ଦିଆଯାଇଥିଲା।

**ହିନ୍ଦୁ ଯୁବକଙ୍କୁ ଜିଅନ୍ତା ଜାଳି ହତ୍ୟା**

ସୂଚନା ଅନୁଯାୟୀ, ଚଞ୍ଚଳ ଯେଉଁ ଗ୍ୟାରେଜରେ କାମ କରୁଥିଲା ସେଠାରୁ ତାଙ୍କ ମୃତଦେହ ମିଳିଛି। ପୁଲିସ ମାମଲାର ତଦନ୍ତ ଆରମ୍ଭ କରିଛି। ଏବେ ସିସିଟିଭି ଫୁଟେଜର ଯାଞ୍ଚ କରାଯାଉଛି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଘଟଣା ସମୟରେ ଚଞ୍ଚଳ ଗ୍ୟାରେଜ ଭିତରେ ଶୋଇଥିଲେ। ରାତିରେ କେହି ବାହାରୁ ସଟରରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିଲେ। ନିଆଁ ଶୀଘ୍ର ଭିତରେ ବ୍ୟାପି ଯାଇଥିଲା। ସେମାନେ ବାହାରେ ଥାଇ ଭୌମିକ ଛଟପଟ ହେଉଥିବାର ଦେଖିଥିଲେ। ପ୍ରାଣ ହରାଇବା ପରେ ସେଠାରୁ ପଳାଇ ଥିଲେ। ଚଞ୍ଚଳ ତାଙ୍କ ପରିବାରର ଏକମାତ୍ର ରୋଜଗାରିଆ ବ୍ୟକ୍ତି ଥିଲେ। ପୂର୍ବରୁ ତାଙ୍କ ବାପାଙ୍କ ମୃତ୍ୟୁ ହୋଇସାରିଥିଲା। ସେ ତାଙ୍କ ଅସୁସ୍ଥ ମାଆ, ଅକ୍ଷମ ବଡ଼ ଭାଇ ଓ ସାନ ଭାଇଙ୍କ ପେଟ ପୋଷୁଥିଲେ। କାହା ସହ ଚଞ୍ଚଳଙ୍କ କୌଣସି ଶତ୍ରୁତା ନ ଥିଲା।

## ଟ୍ରମ୍ପଙ୍କୁ ମେଲୋନିଙ୍କ ବିରୋଧ



ୱାଶିଂଟନ, ୨୫।୧ (ଏଜେନ୍ସି): ଆଫଗାନିସ୍ତାନ ଯୁଦ୍ଧରେ ନାଟୋର ଭୂମିକାକୁ ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଦେଇଥିବା ମନ୍ତବ୍ୟକୁ ସଦସ୍ୟ ରାଷ୍ଟ୍ରଗୁଡ଼ିକ ତୀବ୍ର ବିରୋଧ କରିଛନ୍ତି। ନାଟୋ ଦେଶ ଗୁଡ଼ିକୁ ଏହାକୁ ନେଇ ଚାପା ଅସନ୍ତୋଷ ପ୍ରକାଶ କରିବା ପରେ ଟ୍ରମ୍ପ ନିଜ ସୁର ବଦଳାଇ ସ୍ଥିତିକୁ ସମ୍ଭାଳିବାକୁ ପ୍ରୟାସ କରିଛନ୍ତି। ସେ ଶନିବାର ବ୍ରିଟିଶ ସୈନିକଙ୍କୁ ପ୍ରଶଂସା କରିଛନ୍ତି। ଆଫଗାନିସ୍ତାନ ଯୁଦ୍ଧରେ ଦେଇଥିବା ବଳିଦାନକୁ ମନେ ପକାଇଛନ୍ତି। ସାମାଜିକ ଗଣମାଧ୍ୟମରେ ଟ୍ରମ୍ପ ଲେଖିଛନ୍ତି ବ୍ରିଟେନର ମହାନ ଏବଂ ଅତ୍ୟନ୍ତ ସାହସୀ ସୈନିକମାନେ ସବୁବେଳେ ଆମେରିକା ସହିତ ରହିବେ। ଆଫଗାନିସ୍ତାନରେ ୪୫୭ ଜଣ ବ୍ରିଟିଶ ସୈନିକଙ୍କ ମୃତ୍ୟୁ ଘଟିଛି। ଅନେକ ଗୁରୁତର ଆହତ ହୋଇଛନ୍ତି। ସେମାନେ ବିଶ୍ୱର ସର୍ବଶ୍ରେଷ୍ଠ ଯୋଦ୍ଧାମାନଙ୍କ ମଧ୍ୟରେ ଅନ୍ୟତମ। ଏହା ପୂର୍ବରୁ ଟ୍ରମ୍ପ ଏକ ସାକ୍ଷାତକାରରେ କହିଥିଲେ ଯେ ଆଫଗାନିସ୍ତାନରେ ନାଟୋ ଦେଶଙ୍କ ସୀମିତ ଭୂମିକା ଥିଲା। ସେମାନେ ସମ୍ମୁଖରୁ ଦୂରରେ ରହିଥିଲେ। ଟ୍ରମ୍ପଙ୍କ ଏହି ମନ୍ତବ୍ୟ ନାଟୋ ସହଯୋଗୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି କରିଥିଲା।

ଅନ୍ୟପକ୍ଷରେ ଟ୍ରମ୍ପଙ୍କ ମନ୍ତବ୍ୟକୁ ୨୦୦୧ ସେପ୍ଟେମ୍ବର ୧୧ ଆକ୍ରମଣ ପରେ ନାଟୋ ଦେଖାଇଥିବା ଏକତା ପ୍ରତି ଅପମାନ ବୋଲି ଇଟାଲୀ ପ୍ରଧାନମନ୍ତ୍ରୀ ଜର୍ଜିଆ ମେଲୋନି କହିଛନ୍ତି। ସେ ଟ୍ରମ୍ପଙ୍କ ଦାବିକୁ ଖଣ୍ଡନ କରିଦେଇଛନ୍ତି। ସେ କହିଛନ୍ତି ଯେ ଆକ୍ରମଣ ପରେ ନାଟୋ ଇତିହାସରେ ପ୍ରଥମ ଥର ପାଇଁ ଧାରା ୫ ସକ୍ରିୟ କରାଯାଇଥିଲା। ଏହାକୁ ସମସ୍ତେ ସମର୍ଥନ ଦେଇଥିଲେ। ଆମେ ଆଫଗାନିସ୍ତାନରେ ହଜାର ହଜାର ସୈନ୍ୟଙ୍କୁ ମୁତୟନ କରିଥିଲୁ।

## ମହାକାଶରେ ଘର ତୋଳିବ ଭାରତ

ନୂଆଦିଲ୍ଲୀ, ୨୫ ।୧(ଏଜେନ୍ସି): ଖୁବ୍ଶୀଘ୍ର ମହାକାଶରେ ଭାରତ ନିଜର ଘର ଅର୍ଥାତ ସ୍ପେଶ୍ ଷ୍ଟେସନ ସ୍ଥାପନ କରିବ। ଏଥିପାଇଁ ଭାରତୀୟ ମହାକାଶ ଗବେଷଣା ସଂଗଠନ (ଇସ୍ରୋ) ପ୍ରସ୍ତୁତି ଆରମ୍ଭ କରିବା ସହ ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିଛି। ଏହାର ମୂଳ ମଡ୍ୟୁଲ ନିର୍ମାଣ ପାଇଁ ଭାରତୀୟ କମ୍ପାନୀଗୁଡିକଠାରୁ ଆବେଦନ ଆମନ୍ତ୍ରଣ କରାଯାଇଛି। ୨୦୨୮ ରେ ଭରାତୀୟ ମହାକାଶ ଷ୍ଟେସନର ପ୍ରଥମ ମଡ୍ୟୁଲ୍ ଉତ୍କ୍ଷେପଣ ହେବାର କାର୍ଯ୍ୟକ୍ରମ ରହିଛି। ଏହାକୁ ପୃଥିବୀର ନିମ୍ନ କକ୍ଷରେ ସ୍ଥାନିତ କରାଯିବ। ଏହା ମହାକାଶ ଯାତ୍ରାରେ ଇସ୍ରୋର ଏକ ଅତ୍ୟନ୍ତ ମହତ୍ୱାକାଂକ୍ଷୀ ମିଶନ। ଏହା ଦ୍ୱାରା ଭାରତକୁ ଏକ ସ୍ଥାୟୀ ମହାକାଶ ବେସ୍ ମିଳିବ। ଏଠାରେ ମହାକାଶ ବୈଜ୍ଞାନିକ, ମହାକାଶଚାରୀମାନେ ବିଭିନ୍ନ ଗବେଷଣା କରିପାରିବେ। ଏଥିରେ ସଫଳ ହେଲେ ଭାରତ ବିଶ୍ୱର ବଛା ବଛା ଦେଶଗୁଡ଼ିକ ମଧ୍ୟରେ ସ୍ଥାନିତ ହେବ। ଏହି ଷ୍ଟେସନଟି ପୃଥିବୀଠାରୁ ପ୍ରାୟ ୪୦୦-୫୦୦ କିମି ଉଚ୍ଚତାରେ ଅବସ୍ଥିତ ହେବ। ଏଥିରେ ଏକା ସମୟରେ ୩-୪ ଜଣ ମହକାଶଚାରୀ ରହିପାରିବେ। ୨୦୩୫ ସୁଦ୍ଧା ମିଶନର ସମସ୍ତ ୫ଟି ମଡ୍ୟୁଲ ସମ୍ପୂର୍ଣ୍ଣ ଭାବେ ସମାପ୍ତ କରିବାକୁ ଲକ୍ଷ୍ୟ ରଖାଯାଇଛି। ପ୍ରତ୍ୟେକ ମଡ୍ୟୁଲ ୩.୮ ମି ବ୍ୟାସ ଓ ୮ ମି ଉଚ୍ଚ ହେବ। ଏଗୁଡ଼ିକ ଉଚ୍ଚ-ଶକ୍ତି ସମ୍ପନ୍ନ ଆଲୁମିନିୟମ ମିଶ୍ରଧାତୁରୁ ନିର୍ମିତ ହେବ।

**ପ୍ରସ୍ତୁତି ଆରମ୍ଭ କଲା ଇସ୍ରୋ**



## ଜୀବନ ପାଇଁ ୧୫ ମିନିଟ୍‌ର କଷ୍ଟ ଦେଇଥିଲା ଆମେରିକା

**ଭେନେଜୁଏଲା କାମଚଳା ରାଷ୍ଟ୍ରପତିଙ୍କ ଖୁଲାସା**

**ଟ୍ରମ୍ପଙ୍କୁ ଡେଲ୍‌ସି ସହଯୋଗ କରୁଥିବା ଦାବି**

କାରାକସ, ୨୫।୧ (ଏଜେନ୍ସି): ଭେନେଜୁଏଲାର କାମଚଳା ରାଷ୍ଟ୍ରପତି ଡେଲସି ରୋଡ୍ରିଗିଜ ଆମେରିକାର କ୍ରୁର ମୁଖା ଖୋଲି ଦେଇଛନ୍ତି। ପୂର୍ବତନ ରାଷ୍ଟ୍ରପତି ନିକୋଲାସ ମାଦୁରୋଙ୍କୁ ଗିରଫ କରିବା ପାଇଁ ଆମେରିକା ରାତି ଅଧରେ ନେଇଥିବା ସାମରିକ କାର୍ଯ୍ୟାନୁଷ୍ଠାନରେ କିଭଳି ମନ୍ତ୍ରୀମାନଙ୍କୁ ଧମକ ଦିଆଯାଇଥିଲା ତାହା କହିଛନ୍ତି। ପ୍ରଘଟ ହୋଇଥିବା ଏକ ଭିଡିଓରେ ଡେଲସି କହୁଛନ୍ତି ଯେ ମାଦୁରୋଙ୍କୁ ଧରିବା ସମୟରେ ତାଙ୍କୁ ଏବଂ ତାଙ୍କ କ୍ୟାବିନେଟ ସହଯୋଗୀଙ୍କୁ ୧୫ ମିନିଟର କଷ୍ଟ ଦେଇଥିଲା। ଏହି ସମୟ ମଧ୍ୟରେ ଆମେରିକା ସର୍ତ୍ତ ନ ମାନିଲେ ଗୁଳି କରିଦିଆଯିବ ବୋଲି କୁହାଯାଇଥିଲା। ତେଣୁ ବାଧ୍ୟ ହୋଇଥିବା ସେମାନେ ଏହି ସର୍ତ୍ତକୁ ସ୍ୱୀକାର କରିଥିଲେ। ପ୍ରାୟ ଦୁଇ ଘଣ୍ଟା ପର୍ଯ୍ୟନ୍ତ ଚାଲିଥିବା ଏକ ବୈଠକର ଭାଇରାଲ ହୋଇଥିବା ଲିକ୍ ଭିଡିଓରେ ଏହି ଦାବି କରାଯାଇଛି। ଆମେରିକା ସେନା କାର୍ଯ୍ୟାନୁଷ୍ଠାନର ସାତ ଦିନ ପରେ ଭେନେଜୁଏଲାରେ ଏହି ବୈଠକ ହୋଇଥିଲା।

ରିପୋର୍ଟ ଅନୁଯାୟୀ, ମାଦୁରୋଙ୍କୁ ଗିରଫ ପରେ ଡେଲସିଙ୍କ ଭାଇ ଜର୍ଜ ରୋଡ୍ରିଗେଜ ଓ ଗୃହମନ୍ତ୍ରୀ ଡିଓସଡାଡୋ କାବେଲୋଙ୍କୁ ଧମକ ଦିଆଯାଇଥିଲା। ଆମେରିକାର ସଶସ୍ତ୍ର ବାହିନୀ ତାଙ୍କୁ ଜାଣିଶୁଣି ଭୁଲ୍ ସୂଚନା ଦେଇଥିଲେ। ମାଦୁରୋ ଏବଂ ତାଙ୍କ ପତ୍ନୀ ସିଲିଆ ଫ୍ଲୋରେସଙ୍କୁ ହତ୍ୟା କରାଯାଇଥିବା କୁହାଯାଇଥିଲା। ମାତ୍ର ପରେ ଉଭୟଙ୍କୁ ଅପହରଣ କରି ଆମେରିକା ନିଆଯାଇଥିବା ଜଣା ପଡ଼ିଥିଲା। ତେଣୁ ଡେଲ୍ସି ଭେନେଜୁଏଲାର ରାଜନୈତିକ ସ୍ଥିତିକୁ ସଜାଡ଼ିବା ପାଇଁ ଉଚିତ ମଣିଥିଲେ। ଏଭଳି କଠିନ ପରିସ୍ଥିତିରେ ଦାୟିତ୍ୱ ଗ୍ରହଣ କରିବା ଏକ ଅତ୍ୟନ୍ତ ଯନ୍ତ୍ରଣାଦାୟକ ଥିଲା। ଆଉ ଏକ ବଡ଼ ବିପର୍ଯ୍ୟୟ କିମ୍ବା ସାମରିକ ଆକ୍ରମଣରୁ ଭେନେଜୁଏଲାର ସୁରକ୍ଷା ସୁନିଶ୍ଚିତ କରିବାକୁ ସେ ଆମେରିକା ସର୍ତ୍ତ ମାନିଥିଲେ।

ଅନ୍ୟପକ୍ଷରେ ଡେଲସିଙ୍କ ବିରୋଧ କରାଯାଉଛି। ତାଙ୍କୁ ଆମେରିକାର ସହଯୋଗୀ କୁହାଯାଉଛି। ବିଶେଷଜ୍ଞଙ୍କ ଅନୁଯାୟୀ, ରାଷ୍ଟ୍ରପତି କାଳ୍ପନିକ କାହାଣୀ ଗଢୁଛନ୍ତି। ଆଭ୍ୟନ୍ତରୀଣ ସହଯୋଗ ବିନା ମାଦୁରୋଙ୍କୁ କ୍ଷମତାରୁ ହଟାଇବା ସମ୍ଭବ ହୋଇନଥାନ୍ତା। ଆରମ୍ଭରୁ ରୋଡ୍ରିଗେଜ୍ ଏଥିରେ ସାମିଲ ଥାଇପାରନ୍ତି। ସେହିପରି ଟ୍ରମ୍ପଙ୍କୁ ସହଯୋଗ କରିବାକୁ ରୋଡ୍ରିଗେଜ୍ ଓ ତାଙ୍କ ଭାଇ ପୂର୍ବରୁ ପ୍ରତିଶ୍ରୁତି ଦେଇଥିଲେ।

**ପଶ୍ଚିମବଙ୍ଗ ଏସ୍ଆଇଆର୍: ୧.୨୫ କୋଟି ନାମ ସାର୍ବଜନୀନ**

## ଗଣତନ୍ତ୍ରକୁ ଦୁର୍ବଳ କରୁଛନ୍ତି ଇସି: ମମତା

କୋଲକାତା, ୨୫।୧ (ଏଜେନ୍ସି): ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ନିର୍ବାଚନ କମିଶନ (ଇସି) ଏସଆଇଆର ତାଲିକାରେ ତାର୍କିକ ବିସଙ୍ଗତି ତଥା ଲଜିକାଲ ଡିସ୍କ୍ରେପେନ୍ସି ଥିବା ଲୋକଙ୍କ ତାଲିକା ଜାରି କରିଛନ୍ତି। ଇସିଙ୍କ ୱେବସାଇଟରେ ଏହାକୁ ଅପଲୋଡ୍ କରାଯାଇଛି। ପଞ୍ଚାୟତ, ବ୍ଲକ ଏବଂ ୱାର୍ଡ କାର୍ଯ୍ୟାଳୟରେ ଏହାକୁ ପୋଷ୍ଟ କରାଯିବ। ସୂଚନା ଅନୁଯାୟୀ, ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପାଳନ କରିବାକୁ ନେଇ ଇସି ଦ୍ୱନ୍ଦ୍ୱରେ ଥିଲେ। କାରଣ ଶୁକ୍ରବାର ବିଳମ୍ବିତ ରାତି ପର୍ଯ୍ୟନ୍ତ ବିଏଲଓଙ୍କୁ ଜରୁରୀ ସଫ୍ଟୱେୟାର ମିଳି ପାରି ନ ଥିଲା। ଅନ୍ୟପକ୍ଷରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଇସିଙ୍କ ବିରୋଧରେ ଗମ୍ଭୀର ଅଭିଯୋଗ ଲଗାଇଛନ୍ତି। ବିଜେପି ଇଙ୍ଗିତରେ ଇସି ଦେଶରେ ଗଣତନ୍ତ୍ରକୁ ଦୁର୍ବଳ କରୁଥିବା ମମତା କହିଛନ୍ତି।

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-211 ♦MONDAY ♦26 JANUARY 2026 ♦PAGE-12 ♦₹ 7.00
♦ବର୍ଷ-୪୩ ♦ସଂଖ୍ୟା-୨୧୧ ♦ସୋମବାର ♦୨୬ ଜାନୁଆରୀ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦

### ସାଧାରଣତନ୍ତ୍ର ଦିବସ ପୂର୍ବରୁ ଦେଶବାସୀଙ୍କ ଉଦ୍ଦେଶ୍ୟରେ ରାଷ୍ଟ୍ରପତିଙ୍କ ଅଭିଭାଷଣ

## ଦେଶର ବିକାଶରେ ମହିଳାଙ୍କ ଯୋଗଦାନ ବଢ଼ିଛି

■ନୂଆଦିଲ୍ଲୀ,୨୫।୧(ଏଜେନ୍ସି): ଗଣତନ୍ତ୍ରଦିବସର ପୂର୍ବ ସନ୍ଧ୍ୟାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦେଶକୁ ସମ୍ବୋଧନ କରିଛନ୍ତି। ସେ ଗଣତନ୍ତ୍ର ଦିବସର ଶୁଭେଚ୍ଛା ଦେବା ସହିତ ଏହି ଉତ୍ସବ ଦେଶବାସୀଙ୍କ ରାଷ୍ଟ୍ରୀୟ ଏକତା ତଥା ଗୌରବ ଭାବନାକୁ ମଜବୁତ କରୁଛି ବୋଲି କହିଛନ୍ତି। ଏହି ଅବସରରେ ରାଷ୍ଟ୍ରପତି ଶାନ୍ତି ବାର୍ତ୍ତା, ବିକାଶରେ ଅଲଗା ଅଲଗା କ୍ଷେତ୍ରର ଭୂମିକା, ନାରୀ ଶକ୍ତି, ଅପରେସ ସିନ୍ଦୂର, ଭୋଟର ଦିବସ ଏବଂ ପରିବେଶ ସଂରକ୍ଷଣ ଉପରେ ଅଭିଭାଷଣ ରଖିଛନ୍ତି।



ରାଷ୍ଟ୍ରପତି ମୁର୍ମୁ କହିଛନ୍ତି ଯେ ଏହି ବର୍ଷ ଗଣତନ୍ତ୍ର ଦିବସ ସହିତ ବନ୍ଦେ ମାତରମର ୧୫୦ତମ ବାର୍ଷିକୀ ମଧ୍ୟ ପାଳନ କରାଯାଉଛି। ଗଣତନ୍ତ୍ର ଦିବସର ଏହି ପବିତ୍ର ଦିନ ଆମକୁ ଦେଶର ଅତୀତ, ବର୍ତ୍ତମାନ ଏବଂ ଭବିଷ୍ୟତ ବିଷୟରେ ଚିନ୍ତା କରିବା ଏବଂ ବୁଝିବାର ସୁଯୋଗ ଦେଉଛି। ସମୟ ସହିତ ଆମ ଦେଶର ଅବସ୍ଥା ପରିବର୍ତ୍ତନ ହୋଇଛି। ଭାରତ ସ୍ୱାଧୀନ ହୋଇଛି। ଆମେ ନିଜେ ଆମ ଦେଶର ଭବିଷ୍ୟତ ଗଢ଼ିବା। ଏବେ ଦେଶର ବିକାଶରେ ମହିଳାଙ୍କ ଅଂଶଗ୍ରହଣ ବୃଦ୍ଧି ପାଇଛି। ୫୭ କୋଟି ଜନଧନ ଆକାଉଣ୍ଟ ମଧ୍ୟରୁ ୫୬ ପ୍ରତିଶତ ମହିଳାଙ୍କର ରହିଛି। ୧୦ କୋଟିରୁ ଅଧିକ ସ୍ୱୟଂ ସହାୟକ ଗୋଷ୍ଠୀ ଅଛନ୍ତି। ଝିଅମାନେ କ୍ରୀଡ଼ାରେ ରେକର୍ଡ କରିଛନ୍ତି। ମହିଳା କ୍ରିକେଟ ଦଳ ଆଇସିସି କ୍ରିକେଟ ବିଶ୍ୱକପ୍ ଏବଂ ଦୃଷ୍ଟିହୀନ ବିଶ୍ୱକପ୍ ଜିତିଛି। ନାରୀ ଶକ୍ତି ଆଇନ ଦେଶର ମହିଳାମାନଙ୍କୁ ଆହୁରି ସଶକ୍ତ କରିବ। ଭାରତୀୟ ଅର୍ଥନୀତି ବିଶ୍ୱର ଦ୍ରୁତଗତିରେ ବଢୁଥିବା ଅର୍ଥବ୍ୟବସ୍ଥା ହୋଇଛି। ବିଶ୍ୱରେ ଅନିଶ୍ଚିତତା ଲାଗି ରହିଥିବାବେଳେ ଭାରତର କ୍ରମାଗତ ଭାବେ ଆର୍ଥିକ ବିକାଶ କରିଚାଲିଛି। ଖୁବଶୀଘ୍ର ଭାରତ ବିଶ୍ୱର ତୃତୀୟ ବୃହତ୍ତମ ଅର୍ଥନୀତି ହେବାକୁ ଯାଉଛି।

ରାଷ୍ଟ୍ରପତି ଶାନ୍ତିକୁ ନେଇ କହିଛନ୍ତି ଯେ ଆମ ସଂସ୍କୃତିରେ ସର୍ବଦା ଶାନ୍ତି ବଜାୟ ରଖିବାକୁ ପ୍ରାର୍ଥନା କରାଯାଇଥାଏ। ବିଶ୍ୱରେ ଶାନ୍ତି ରହିଲେ ହିଁ ମାନବତାର ଭବିଷ୍ୟତ ସୁରକ୍ଷିତ ହେବ। ଆଜି ବିଶ୍ୱର ଅନେକ ସ୍ଥାନରେ ଅଶାନ୍ତି ବ୍ୟାପି ରହିଥିବାବେଳେ ଭାରତ ଶାନ୍ତି ଏବଂ ଭାଇଚାରାର ବାର୍ତ୍ତା ପ୍ରସାର କରୁଛି। ଆମେ ଭାରତ ମାଟିରେ ଜନ୍ମଗ୍ରହଣ କରି ଗର୍ବିତ।

# ଚନ୍ଦ୍ରଭାଗାରେ ବୁଡ଼ ପକାଇଲେ ଲକ୍ଷାଧିକ ଶ୍ରଦ୍ଧାଳୁ

■ କୋଣାର୍କ,୨୫।୧(ସମିସ): ମାଘ ଶୁକ୍ଳ ସପ୍ତମୀ ତିଥି, ରବିବାର ପ୍ରତ୍ୟୁଷରେ ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀରେ ଲକ୍ଷାଧିକ ଶ୍ରଦ୍ଧାଳୁ ବୁଡ଼ ପକାଇଛନ୍ତି। ଚଳିତବର୍ଷ ମାଘ ବୁଡ଼ରେ ମହାବିଭ୍ରାଟ ସୃଷ୍ଟି ହୋଇଛି। ପରମ୍ପରା ଅନୁଯାୟୀ, ପ୍ରତ୍ୟୁଷରୁ ମାହେନ୍ଦ୍ର ମେଳାରେ ତୀର୍ଥ ଜଳରେ ତ୍ରିଶମ୍ଭୁଙ୍କ ମହାସ୍ନାନ ପରେ ସାଧୁସନ୍ଥ ଓ ଶ୍ରଦ୍ଧାଳୁମାନେ ତୀର୍ଥସ୍ନାନ କରିଥାଆନ୍ତି। ଶାନ୍ତି ଶୃଙ୍ଖଳା ରକ୍ଷା ନିମନ୍ତେ ପ୍ରଶାସନ ପକ୍ଷରୁ ତୀର୍ଥ ପୁଷ୍କରିଣୀ ଚାରିପଟେ ବ୍ୟାରିକେଡ୍ ନିର୍ମାଣ

### ସୁରକ୍ଷା ବ୍ୟବସ୍ଥା ଢିଲା; ଭାଙ୍ଗିଲା ପରମ୍ପରା



କରାଯାଇ ପୁଲିସ୍ ସୁରକ୍ଷା ମଧ୍ୟରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କୁ ତୀର୍ଥରେ ପ୍ରବେଶ କରିବାର ବ୍ୟବସ୍ଥା କରାଯାଇଥାଏ। ତ୍ରିଶମ୍ଭୁଙ୍କ ମହାସ୍ନାନ ପରେ ଶ୍ରଦ୍ଧାଳୁଙ୍କ ତୀର୍ଥ ପ୍ରବେଶ ନିମନ୍ତେ ପୁଲିସ ପକ୍ଷରୁ ତୋପ ଫୁଟାଇ ସୂଚନା ଦିଆଯାଇଥାଏ। କିନ୍ତୁ ଚଳିତବର୍ଷ ପୁଲିସ ସୁରକ୍ଷା ଢିଲା ଯୋଗୁଁ ତ୍ରିଶମ୍ଭୁଙ୍କ ମହାସ୍ନାନ ପୂର୍ବରୁ ରାତି ୩ଟା ୪୫ ମିନିଟ୍‌ରେ ଦୁଇଟି ଗେଟ୍ ଦେଇ ଶ୍ରଦ୍ଧାଳୁଙ୍କୁ ପୂର୍ବ ସୂଚନା ବିନା ତୀର୍ଥସ୍ନାନ ନିମନ୍ତେ ଛାଡ଼ି ଦିଆଯାଇଥିଲା। ପ୍ରାୟ ୫୦୦ରୁ ଅଧିକ ଶ୍ରଦ୍ଧାଳୁ ତୀର୍ଥ ପୁଷ୍କରିଣୀରେ ସ୍ନାନ କରୁଥିବା ପୁରୀ ଏସ୍‌ପିଙ୍କ ନଜରକୁ ଆସିଥିଲା। ଏହାପରେ ହୁଇସିଲ୍ ମାରି ଅଧା ଗାଧୁଆ ଅବସ୍ଥାରେ ଶ୍ରଦ୍ଧାଳୁମାନଙ୍କୁ ତୀର୍ଥ ପୁଷ୍କରିଣୀରୁ ବାହାର କରାଯାଇଥିଲା। ଶ୍ରୀଜୀଉଙ୍କ ମହାସ୍ନାନ ନୀତି ସମ୍ପନ୍ନ ପରେ ପୁଲିସ୍ ପ୍ରଶାସନ ପକ୍ଷରୁ ତୋପ ସଙ୍କେତ ଦିଆଯାଇଥିଲା।

ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ, ସେବାୟତମାନେ ମାଧିପୁର ଗ୍ରାମର ଶ୍ରୀଶ୍ରୀ ତ୍ରିବେଣୀଶ୍ୱର, ସନ୍ଥପୁରର ଈଶାଣେଶ୍ୱର ଓ କୁରୁଜଙ୍ଗର ଦକ୍ଷିଣେଶ୍ୱର ଦେବଙ୍କ ଚଳନ୍ତି ପ୍ରତିମାଙ୍କୁ ସ୍ୱ ସ୍ୱ ବିମାନରେ ଆଟୋପ ଶୋଭାଯାତ୍ରାରେ ଅଣାଯାଇ ରାତି ୩ଟାରେ ଚନ୍ଦ୍ରଭାଗା ତୀର୍ଥ ପୂଜା ମଣ୍ଡପରେ ବିଜେ କରିଥିଲେ। ରବିବାର ଭୋର୍ ୩ଟା ୫୫ରେ ଶ୍ରୀଜୀଉମାନଙ୍କ ପୂଜାର୍ଚ୍ଚନା ଓ ମହାସ୍ନାନ ନୀତି ସମ୍ପନ୍ନ ହୋଇଥିଲା। ଶହଶହ ଶ୍ରଦ୍ଧାଳୁ ତୀର୍ଥ ପୁଷ୍କରିଣୀରେ ପ୍ରବେଶ କରିବା ମାତ୍ରେ ପୁଷ୍କରିଣୀର ନିମ୍ନଭାଗରେ ଜମି ରହିଥିବା କୁଢ଼କୁଢ଼ ଆବର୍ଜନା ଉପରକୁ ଉଠି ପୂତିଗନ୍ଧମୟ ପରିବେଶ ସୃଷ୍ଟି କରିଥିଲା। ଗାଧୋଇବା ତ ଦୂରର କଥା, ସିଂହଭାଗ ଶ୍ରଦ୍ଧାଳୁ ମୁଣ୍ଡରେ ପାଣିଛିଞ୍ଚି ଅସନ୍ତୋଷ ଚିତ୍ତରେ ତୀର୍ଥ ପରିସରରୁ ଫେରୁଥିବା ପରିଲକ୍ଷିତ ହୋଇଥିଲା। ଏହି ଅବସରରେ ପୁରୀ ରାଧାବଲ୍ଲଭ ମଠ ପକ୍ଷରୁ ସାଧୁସନ୍ଥମାନେ ତୀର୍ଥ ଆଳତି କରିଥିଲେ।

କୋଣାର୍କ ସୂର୍ଯ୍ୟ ଆଳତି ଟ୍ରଷ୍ଟ ପକ୍ଷରୁ ଆୟୋଜିତ ସୂର୍ଯ୍ୟ ଆଳତି କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗ ଦେଇ ଏହା ତାଙ୍କ ଜୀବନାବଧିର ପ୍ରଥମ ସୁଯୋଗ ଏବଂ ଏଥିପାଇଁ ସେ ଧନ୍ୟ ହୋଇଛନ୍ତି ବୋଲି କହିଥିଲେ। ବେଳାଭୂମିରେ ଶ୍ରଦ୍ଧାଳୁମାନେ ସୂର୍ଯ୍ୟଦର୍ଶନ କରିଥିଲେ।

### ■ ତୀବ୍ର ବିରୋଧ ପରେ ନଇଁଲେ କୋରାପୁଟ ଜିଲ୍ଲାପାଳ

## ବିବାଦୀୟ 'ଆଇଁଷ' ବିଜ୍ଞପ୍ତି ପ୍ରତ୍ୟାହାର

■ ଭୁବନେଶ୍ୱର,୨୫।୧(ସମିସ): ସାଧାରଣତନ୍ତ୍ର ଦିବସରେ ଆମିଷ ଖାଦ୍ୟ ବିକ୍ରି ବନ୍ଦ ନିଷ୍ପତ୍ତିକୁ ରାଜ୍ୟବ୍ୟାପୀ ସମାଲୋଚନା ହେବା ପରେ ଶେଷରେ ନଇଁଛି କୋରାପୁଟ ଜିଲଲା ପ୍ରଶାସନ। ଗତ ୨୩ ତାରିଖରେ ଜାରି ବିବାଦୀୟ 'ଆଇଁଷ' ବିଜ୍ଞପ୍ତିକୁ କୋରାପୁଟ ଜିଲଲାପାଳ ପ୍ରତ୍ୟାହାର କରିଛନ୍ତି । ରବିବାର ଏନେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି।

ଜାନୁଆରୀ ୨୬ ତାରିଖ ସାଧାରଣତନ୍ତ୍ର ଦିବସରେ ଜିଲ୍ଲାବ୍ୟାପୀ ମାଂସ, ଚିକେନ, ମାଛ, ଅଣ୍ଡା ସହ ଅନ୍ୟ ଆମିଷ ଜାତୀୟ ଖାଦ୍ୟ ବିକ୍ରି ହୋଇପାରିବ ନାହିଁ ବୋଲି କୋରାପୁଟ ଜିଲ୍ଲାପାଳ ୨୩ ତାରିଖରେ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶ ଜିଲ୍ଲାର ସମସ୍ତ ତହସିଲଦାର, ବିଡିଓ ଏବଂ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ପଠାଯାଇଥିଲା । ମାତ୍ର ଜିଲ୍ଲା ପ୍ରଶାସନର ଏପରି ନିର୍ଦ୍ଦେଶନାମାକୁ କୋରାପୁଟ ଜିଲ୍ଲା ସହ ସାରା ରାଜ୍ୟରେ କଡ଼ା ସମାଲୋଚନା କରାଯାଇଥିଲା। ବୁଦ୍ଧିଜୀବୀଙ୍କଠାରୁ ଆରମ୍ଭ କରି ଅବସରପ୍ରାପ୍ତ ପ୍ରଶାସକ, ସାଧାରଣ ଲୋକେ ଏପରି ନିଷ୍ପତ୍ତିକୁ ପାଗଳାମୀ ବୋଲି ଆଖ୍ୟା ଦେଇଥିଲେ। ଆଇନରେ ଏପ୍ରକାରର କୌଣସି ବ୍ୟବସ୍ଥା ନ ଥିବା ବେଳେ ଲୋକଙ୍କ ଆହାର କ'ଣ ହେବ ତାହା ନିର୍ଦ୍ଧାରଣ କରିବାକୁ ଜିଲ୍ଲାପାଳଙ୍କୁ କିଏ ଅଧିକାର ଦେଲା ବୋଲି ପ୍ରଶ୍ନ ଉଠିଥିଲା। ଏପରିକି ରାଜ୍ୟ ସରକାରଙ୍କ ଜଣେ ବରିଷ୍ଠ ପ୍ରଶାସନିକ ଅଧିକାରୀ କୋରାପୁଟ ଜିଲ୍ଲାପାଳଙ୍କୁ ଏହି ପ୍ରସଙ୍ଗରେ ତାଗିଦ୍ କରିଥିଲେ। ଚାରିଆଡ଼ୁ ସମାଲୋଚନା ଓ ଉପରୁ ତାଗିଦନ ପରେ ଜିଲ୍ଲାପାଳ ଶେଷରେ ତାଙ୍କର ପୂର୍ବ ଆଦେଶକୁ ପ୍ରତ୍ୟାହାର କରିଛନ୍ତି ।

## ବାଇକ୍ ଦୁର୍ଘଟଣାରେ ୨ ମୃତ

■ ରାଇରଙ୍ଗପୁର,୨୫।୧ (ସମିସ): ମୟୂରଭଞ୍ଜ ଜିଲ୍ଲା ରରୁଆଁ ଥାନା ଅଞ୍ଚଳରେ ଦୁର୍ଘଟଣାରେ ୨ଜଣ ଯୁବକଙ୍କ ମୃତ୍ୟୁ ହୋଇଛି। ଗୋଟିଏ ବାଇକ୍‌ରେ ୩ ଜଣ ଯାଉଥିବା ବେଳେ ବେପରୁଆ ଗାଡ଼ି ଚାଳନା ଯୋଗୁଁ ଘାଗି ପାହାଡ଼ଭଙ୍ଗା ଛକ ନିକଟରେ ଦୁର୍ଘଟଣା ଘଟିଥିଲା। ୩ଜଣ ଯାକ ରାସ୍ତାରେ ପଡ଼ି ଗୁରୁତର ଆହତ ହୋଇଥିଲେ। ପୁଲିସ ସେମାନଙ୍କୁ ଘଟଣାସ୍ଥଳରୁ ଉଦ୍ଧାର କରି କରଞ୍ଜିଆ ହସ୍ପିଟାଲରେ ଭର୍ତ୍ତି କରାଇଥିଲା। କିନ୍ତୁ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଦୁଇ ଜଣଙ୍କର ମୃତ୍ୟୁ ହୋଇଯାଇଥିଲା।

# ଇରାନରେ ଫସିଛନ୍ତି ଚୌଦ୍ୱାରର ଅନୁପମ

■ ଚୌଦ୍ୱାର, ୨୫।୧(ସମିସ): ଜନ୍ମମାଟିରେ ରୋଜଗାର ନପାଇ ଚାଲିଯାଇଥିଲେ ବିଦେଶ ମାଟିକୁ। ଚିନ୍ତା କରିଥିଲେ, ବିଦେଶରେ ଭଲ ରୋଜଗାର କରି ପରିବାରକୁ ଭଲରେ ରଖିବା ପାଇଁ। ସେଥିପାଇଁ ସେ ଭାରତ ଛାଡ଼ି ଚାଲିଯାଇଥିଲେ ଇରାନ ଦେଶକୁ। ବର୍ତ୍ତମାନ ଇରାନରେ ଯୁଦ୍ଧ ପରିସ୍ଥିତି ଦେଖି ସେଠାରେ ଥିବା ଭାରତୀୟମାନେ ଭୟଭୀତ ହୋଇ ପଡ଼ିବା ସହ ଜନ୍ମମାଟିକୁ ଫେରିବା ପାଇଁ ଆକୁଳ ନିବେଦନ କରିଛନ୍ତି। ସେହିଭଳି କଟକ ଜିଲ୍ଲା ଚୌଦ୍ୱାର କଳିଙ୍ଗଛକ ଅଞ୍ଚଳର ସ୍ୱର୍ଗତ ମଦନଗୋପାଳ ରଜକଙ୍କ ପୁଅ ଅନୁପମ ରଜକ(୫୫) କର୍ମ ସଂସ୍ଥାନ ଉଦ୍ଦେଶ୍ୟରେ ଇରାନର ମର୍କଜୀ ରାଜ୍ୟର ସାଭେ ସହରସ୍ଥିତ କାଭେଠାରେ ସେରାମ ପାର୍ସ ଫେରୋ ଫୌଲାଦ ସଂସ୍ଥାରେ ଜେନେରାଲ ମ୍ୟାନେଜର ଭାବେ ୨୦୨୫ ମସିହା ମାର୍ଚ୍ଚ ୨୨ ତାରିଖରେ ନିଯୁକ୍ତି ପାଇଥିଲେ। ହେଲେ ଉକ୍ତ ସଂସ୍ଥାରେ ୨୪ ମାସ ପର୍ଯ୍ୟନ୍ତ ନିରନ୍ତର କାର୍ଯ୍ୟ କରିବା ପାଇଁ ଚୁକ୍ତି ମଧ୍ୟ କରିଥିଲେ। ସେଠାରେ ସେ ମାସିକ ୧ଲକ୍ଷ ୨୫ ହଜାର ଟଙ୍କା (ଭାରତୀୟ ମୁଦ୍ରା) ବେତନରେ କାର୍ଯ୍ୟ କରୁଥିଲେ। ଏବେ ସେଠାରେ ଅଶାନ୍ତ ପରିସ୍ଥିତି ସୃଷ୍ଟି ହେବା ପରେ ତାଙ୍କୁ ସ୍ୱଦେଶ ପ୍ରତ୍ୟାବର୍ତ୍ତନ ପାଇଁ ସେ ଆକୁଳ ନିବେଦନ କରିଥିଲେ ମଧ୍ୟ ସଂସ୍ଥା କର୍ତ୍ତୃପକ୍ଷ ତାଙ୍କୁ ଛାଡୁ ନଥିବା ସମ୍ପର୍କରେ ତାଙ୍କ ବାଲ୍ୟବନ୍ଧୁ ଡାକ୍ତର ଅକ୍ତର ହୁସେନ ଖାନଙ୍କୁ ଜଣାଇଥିଲେ।


### ■ କର୍ମସଂସ୍ଥାନ ଖୋଜିବା ପାଇଁ ବିଦେଶ ଯାଇଥିଲେ
### ■ ଜନ୍ମମାଟିକୁ ଫେରାଇ ଆଣିବାକୁ ଆକୁଳ ନିବେଦନ


ଏବେ ଇରାନରେ ଯୁଦ୍ଧ ପରିସ୍ଥିତି ଆରମ୍ଭ ହୋଇଯାଇଥିବା ବେଳେ ଅନୁପମଙ୍କ ସ୍ୱାସ୍ଥ୍ୟାବସ୍ଥା ମଧ୍ୟ ଠିକ୍ ନ ଥିବା ସେ ସୂଚନା ଦେଇଛନ୍ତି। ସେ ଆଉ ଇରାନରେ ରହିବାକୁ ଚାହୁଁ ନଥିବା ମଧ୍ୟ କହିଛନ୍ତି। ମାତ୍ର ସଂସ୍ଥାର ଚୁକ୍ତି ଅନୁଯାୟୀ ୨୪ମାସ ପର୍ଯ୍ୟନ୍ତ ସେ କାର୍ଯ୍ୟରେ ନିରନ୍ତର ରହିବାକୁ ବାଧ୍ୟତାମୂଳକ। ପରେ ଚାହିଲେ ୪ ସପ୍ତାହ ପର୍ଯ୍ୟନ୍ତ ଛୁଟି ନେଇପାରିବେ। ଏହି ସମୟରେ ସେ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିପାରିବେ। ଯଦି ପୁନର୍ବାର ସେଠାରେ ଅବସ୍ଥାପିତ ହେବାକୁ ଚାହିଁବେ ତେବେ ସ୍ୱଦେଶ ଯାଇ ପୁନର୍ବାର ଇରାନ ଫେରିବାର ଖର୍ଚ୍ଚ ସଂସ୍ଥା ବହନ କରିବ। ତେଣୁ ଏହି ଚୁକ୍ତି ପୂର୍ବରୁ ତାଙ୍କୁ ଛଡ଼ାଯିବ ନାହିଁ; ଯଦି କର୍ମଚାରୀଜଣଙ୍କ କୌଣସି କାରଣବଶତଃ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିବାକୁ ଚାହିଁବେ, ଏୟାର ଟିକେଟ ଓ ଭିସା ଚାର୍ଜ ବାବଦ ୬୦ ହଜାର ଟଙ୍କା (ଭାରତୀୟ ମୁଦ୍ରା) କମ୍ପାନୀକୁ ସେ ପ୍ରଦାନ କରିବେ। ହେଲେ ଏଭଳି ଜରୁରୀକାଳୀନ ପରିସ୍ଥିତିରେ ତାଙ୍କୁ କମ୍ପାନୀ କର୍ତ୍ତୃପକ୍ଷ ଯିବା ପାଇଁ ଅନୁମତି ନ ଦେବାରୁ ସେ ସେଠାରେ ଫସି ରହିଥିବା ତାଙ୍କ ବାଲ୍ୟବନ୍ଧୁଙ୍କୁ ଜଣାଇଥିଲେ। ଏନେଇ ଡାକ୍ତର ଖାନ ଗଣମାଧ୍ୟମକୁ ସୂଚନା ଦେବା ସହ ଭାରତ ସରକାର ତାଙ୍କୁ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରି ଆଣିବାକୁ ତାଙ୍କର ଅନ୍ୟ ବନ୍ଧୁମାନେ ମଧ୍ୟ ନିବେଦନ କରିଛନ୍ତି।

## ବିଜୁ ଯୁବ ଜନତା ଓ ଛାତ୍ର ଜନତା ଦଳ ପକ୍ଷରୁ ୧୦ ଜିଲ୍ଲାରେ ସଭାପତି ନିଯୁକ୍ତ

■ ଭୁବନେଶ୍ୱର,୨୫।୧(ସମିସ): ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଅନୁମୋଦନକ୍ରମେ ବିଜୁ ଯୁବ ଜନତା ଦଳ ଏବଂ ଛାତ୍ର ଜନତା ଦଳ ପକ୍ଷରୁ ୧୦ଟି ଜିଲ୍ଲାରେ ସଭାପତି ଘୋଷଣା କରାଯାଇଛି। ଏନେଇ ଦଳ ପକ୍ଷରୁ ରବିବାର ବିଜ୍ଞପ୍ତି ପ୍ରକାଶ ପାଇଛି।

ଦେବଗଡ଼ ଜିଲ୍ଲାରେ ଯୁବ ବିଜେଡି ସଭାପତି ଭାବେ ପ୍ରତାପ କୁମାର ଦେବଙ୍କୁ ନିଯୁକ୍ତି ମିଳିଥିବା ବେଳେ ଗଜପତିରେ ଲେଙ୍କା ସିମାଦ୍ରୀ ଦାୟିତ୍ୱ ସମ୍ଭାଳିବାକୁ ଯାଉଛନ୍ତି। ଝାରସୁଗୁଡ଼ାରେ ରବିନ ପାଣ୍ଡେ, କନ୍ଧମାଳରେ ରାକେଶ କୁମାର ମିଶ୍ର, କେନ୍ଦୁଝରରେ ରାକେଶ କୁମାର ରାମ, ନୟାଗଡରେ ଦୁର୍ଯ୍ୟୋଧନ ବେହେରା, ରାୟଗଡାରେ ଧୀରେନ୍ଦ୍ର ପାଣିଗ୍ରାହୀ, ସମ୍ବଲପୁରରେ ପ୍ରଦୋଷ ମହାନ୍ତି, ସୋନପୁରରେ ଅଶୋକ ନନ୍ଦ ଏବଂ ସୁନ୍ଦରଗଡରେ ସୟଦ ସବାଜ ହୁସେନ ଯୁବ ବିଜେଡି ସଭାପତି ଭାବେ ଦାୟିତ୍ୱ ତୁଲାଇବାକୁ ଯାଉଛନ୍ତି। ଅପରପକ୍ଷେ ଦେବଗଡ଼ ଜିଲ୍ଲାରେ ଛାତ୍ର ବିଜେଡି ସଭାପତି ଭାବେ ଭବାନୀଶଙ୍କର ସାହୁଙ୍କୁ ନିଯୁକ୍ତି ମିଳିଥିବା ବେଳେ ଗଜପତି ଜିଲ୍ଲା ସଭାପତି ଭାବେ ବିଶ୍ୱଜିତ ତ୍ରିପାଠୀଙ୍କୁ ଦାୟିତ୍ୱ ମିଳିଛି। ସେହିପରି ଝାରସୁଗୁଡ଼ା ଜିଲ୍ଲା ଛାତ୍ର ବିଜେଡି ସଭାପତି ଭାବେ ଶିବାଶିଷ ପଟ୍ଟନାୟକ, କନ୍ଧମାଳ ଜିଲ୍ଲାରେ ସୁନିଲ କୁମାର ସେଠୀ, କେନ୍ଦୁଝର ଜିଲ୍ଲାରେ ଅମରେନ୍ଦ୍ର ଧଳ, ନୟାଗଡରେ ଅମରେଶ୍ୱର ଜେନା, ରାୟଗଡାରେ ଉଦୟ ହିମିରିକା, ସମ୍ବଲପୁରରେ ଶୁଭ୍ରାଂଶୁ ଶେଖର ପାଢ଼ୀ, ସୋନପୁରରେ ଅଭିଷେକ ଶର୍ମା ଓ ସୁନ୍ଦରଗଡ଼ରେ ଆଦିତ୍ୟ ନାଥ ଗିରିଙ୍କୁ ଜିଲ୍ଲା ଛାତ୍ର ବିଜେଡି ସଭାପତି ଭାବେ ନିଯୁକ୍ତି ପ୍ରଦାନ କରାଯାଇଛି।



ସକାଳ
THE SAKALA



## ରକ୍ତଦାନ ଶିବିର; ୨୫ ୟୁନିଟ୍ ସଂଗୃହୀତ



**ବଡ଼ସାହି, ୨୫।୧(ସମିସ):** ବଡ଼ସାହିସ୍ଥ ହେଲଥ୍ କର୍ଣ୍ଣର ପରିସରରେ ରକ୍ତଦାନ ଶିବିର ଉଇନର-୧୧ ୟୁଥ କ୍ଲବ ଦ୍ୱାରା ଆୟୋଜିତ ହୋଇଯାଇଛି। ବଡସାହି ବିଧାୟକ ସନାତନ ବିଜୁଳି ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିରକୁ ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ଥାନା ଅଧିକାରିଣୀ ସ୍ୱର୍ଣ୍ଣଲତା ମିଞ୍ଜ, ବଡ଼ସାହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ସୁକାନ୍ତ ପାତ୍ର, ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ସଦସ୍ୟ, ବରିଷ୍ଠ ନାଗରିକ ମଞ୍ଚ ସଦସ୍ୟ, ବଡ଼ସାହି ବଜାର ବଣିକ ସଂଘ କର୍ମକର୍ତ୍ତା ଓ ସ୍ଥାନୀୟ ଅଞ୍ଚଳର ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ହୋଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଶିବିରରେ ୨୫ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିବାବେଳେ ରକ୍ତ ସଂଗ୍ରହ କରିବା ଦାୟିତ୍ୱରେ ବାରିପଦା ରେଡ୍‌କ୍ରସ ରକ୍ତ ସଂଗ୍ରହ କେନ୍ଦ୍ର ପକ୍ଷରୁ ରୁଚିକା ଖୁରାନା, କଳ୍ପନା ସିଂ, ସବିତାରାଣୀ ସେଜପଡ଼ା ଓ ଶମ୍ଭୁନାଥ ପଲେଇ ପ୍ରମୁଖ ନିୟୋଜିତ ଥିଲେ। ଏଥିସହିତ ବଡ଼ସାହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଡାକ୍ତର ରବି ସ୍ୱାଇଁ ଏହି କାର୍ଯ୍ୟକ୍ରମରେ ରକ୍ତ ସଂଗ୍ରହକାରୀଙ୍କୁ ସହଯୋଗ କରିଥିଲେ। ରକ୍ତଦାନ ଏକ ମହତ କାର୍ଯ୍ୟ ଓ ଏଭଳି କାର୍ଯ୍ୟ ନିରନ୍ତର ଭାବେ ଅଞ୍ଚଳରେ ଜାରି ରହିବା ଆବଶ୍ୟକ ବୋଲି ବଡସାହି ପଞ୍ଚାୟତ ସମିତିର ପୂର୍ବତନ ଉପାଧ୍ୟକ୍ଷ ରାଜେନ୍ଦ୍ର କୁମାର ବେହେରା ମତବ୍ୟକ୍ତ କରିଥିଲେ। ଶିବିର ପରିଚାଳନାରେ କ୍ଲବର ସଭାପତି ମାନସ ଦାସ ଓ ସମ୍ପାଦକ ଶୁଭେନ୍ଦୁ ପଣ୍ଡା ସହଯୋଗ କରିଥିବାବେଳେ କ୍ଲବର ସମସ୍ତ ସଦସ୍ୟ ଏଥିରେ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ।

## ଓମ୍ ଶିଶୁ ଶିକ୍ଷାକେନ୍ଦ୍ରରେ ରାଜ୍ୟସ୍ତରୀୟ ଅଲିମ୍ପିଆଡ୍ ପରୀକ୍ଷା

**ଶୁଳିଆପଦା, ୨୫।୧(ସମିସ):** ମୟୂରଭଞ୍ଜ ଜିଲ୍ଲାର ଶୁଳିଆପଦା ବ୍ଲକ ଅନ୍ତର୍ଗତ ସାନଦେଉଳିସ୍ଥ ଅଗ୍ରଣୀ ଶିକ୍ଷାନୁଷ୍ଠାନ ଓମ୍ ଶିଶୁ ଶିକ୍ଷାକେନ୍ଦ୍ରରେ ଭାରତୀୟ ଶିକ୍ଷା ପରିଷଦ, ଓଡ଼ିଶା, ଭୁବନେଶ୍ୱର ଦ୍ୱାରା ଆୟୋଜିତ ରାଜ୍ୟସ୍ତରୀୟ ଅଲିମ୍ପିଆଡ୍ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ଏହି ପରୀକ୍ଷା ୧୧ଟାରୁ ୧ଘଟିକା ପର୍ଯ୍ୟନ୍ତ କରାଯାଇଥିଲା। ଏହି ପରୀକ୍ଷାରେ ବିଦ୍ୟାଳୟର ପ୍ରଧାନଆଚାର୍ଯ୍ୟା ଚନ୍ଦ୍ରିକା ପୋଥାଳ ନୀରିକ୍ଷକ ଭାବେ ଦାୟିତ୍ୱ ତୁଲାଇଥିବାବେଳେ ଆଚାର୍ଯ୍ୟା ପ୍ରଜ୍ଞା ପାରମିତା ଧୀର, ବାସନ୍ତୀ ପୃଷ୍ଟି, ଲକ୍ଷ୍ମୀମଣି ଧଳ, ବିଷ୍ଣୁପ୍ରିୟା ନାଏକ,



ସୁଦେବୀ ଥୟାଳ ଓ ଆଚାର୍ଯ୍ୟ ପ୍ରଶାନ୍ତ ମହାନ୍ତ ପ୍ରମୁଖ ସହଯୋଗ କରିଥିଲେ। ଏହି ରାଜ୍ୟସ୍ତରୀୟ ଅଲିମ୍ପିଆଡ୍ ପରୀକ୍ଷା ନିମନ୍ତେ ବାରିପଦାର ଶ୍ରୀହରି ବଳଦେବଜୀଉ ଶିଶୁ ମନ୍ଦିରର ଗୁରୁଜୀ ସନତ କୁମାର ଦାସ ଓ ମହେଶ ଦାସ ପର୍ଯ୍ୟବେକ୍ଷକ ଥିଲେ। ରାଜ୍ୟସ୍ତରୀୟ ଅଲିମ୍ପିଆଡ୍ ପରୀକ୍ଷାରେ ବିଦ୍ୟାଳୟର ୯୩ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ପରୀକ୍ଷା ସୁଚାରୁ ରୂପେ ଓ ଶାନ୍ତିଶୃଙ୍ଖଳା ସହ ସମ୍ପାଦନ କରିଥିବାରୁ ପ୍ରତିଷ୍ଠାତା ମନୋଜ ବେହେରା ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ପର୍ଯ୍ୟବେକ୍ଷକଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

## ଜେଜେବାପା ଜେଜେମାଆ ଓ ମାତୃ ସମ୍ମିଳନୀ



**କରଞ୍ଜିଆ, ୨୫।୧(ସମିସ):** ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ପର୍ଯ୍ୟାୟ କ୍ରମେ ଜେଜେବାପା ଜେଜେମାଆ ସମ୍ମିଳନୀ ଓ ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ କରଞ୍ଜିଆ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ମନୋଜ କୁମାର ସାହୁ ଯୋଗଦେଇ ସମସ୍ତଙ୍କୁ ଉତ୍ସାହିତ କରିଥିଲେ। ମୁଖ୍ୟବକ୍ତା ଭାବେ ପ୍ରବଚିକା ଶ୍ରୀମତୀ କଳ୍ପନା ତ୍ରିପାଠୀ ଯୋଗଦାନ କରି ପ୍ରବଚନ ଦେଇଥିଲେ। ଶତାଧିକ ଜେଜେବାପା, ଜେଜେମାଆ, ଅଜାଆଇ ଓ ମାତୃମଣ୍ଡଳୀ ଉପସ୍ଥିତ ଥିଲେ। ବିଦ୍ୟାଳୟ ପରିଚାଳନା ସମିତି ସଭାପତ ଦିଲ୍ଲୀପ କୁମାର ପୃଷ୍ଟି, ଉପସଭାପତି ଇଂ ତ୍ରିଲୋଚନ ସେଠୀ, ସମ୍ପାଦକ ଈଶ୍ୱର କୁମାର ମହାନ୍ତ, କୋଷାଧ୍ୟକ୍ଷ କୈଳାସ ମୁଦୁଲି, ସଦସ୍ୟା ଶ୍ରୀମତୀ ରଞ୍ଜିତା ପାରମାଣିକ ଓ ଦୀପ୍ତିମୟୀ ସେଠୀ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ତ୍ରିଲୋଚନ ସେଠୀ ସମ୍ମିଳନୀର ଆଭିମୁଖ୍ୟ କଥନ କରିଥିଲେ। ସମ୍ପାଦକ ଈଶ୍ୱର କୁମାର ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ମହେନ୍ଦ୍ର କୁମାର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ସମସ୍ତ ଗୁରୁଜୀ ଗୁରୁମାଙ୍କ ସହଯୋଗରେ କାର୍ଯ୍ୟକ୍ରମ ସଫଳ ହୋଇଥିଲା।

### ଦୋକାନ ଓ ହୋଲ୍‌ସେଲରରେ ହେଉନି ଚଢ଼ଉ

# କଟକଣା ସତ୍ତ୍ୱେ ଖୁଲମଖୁଲା ବିକ୍ରି ହେଉଛି ଗୁଟ୍‌ଖା

**ରାଇରଙ୍ଗପୁର, ୨୫।୧ (ସମିସ)**

ତମାଖୁ, ନିକୋଟିନ୍‌ଯୁକ୍ତ ସାମଗ୍ରୀ ବିକ୍ରି ଉପରେ ସ୍ୱାସ୍ଥ୍ୟ ବିଭାଗ ନିଷେଧାଦେଶ ସଠିକ ଭାବେ କାର୍ଯ୍ୟକାରୀ ହୋଇପାରୁନାହିଁ। ରାଇରଙ୍ଗପୁର ଓ ବାମନଘାଟି ଉପଖଣ୍ଡରେ ତମାଖୁ, ନିକୋଟିନ୍‌ଯୁକ୍ତ ସାମଗ୍ରୀ ଖୁଲମଖୁଲା ବିକ୍ରି ହେଉଛି। କିନ୍ତୁ ସ୍ୱାସ୍ଥ୍ୟ ବିଭାଗର ନିଷେଧାଦେଶ ସତ୍ତ୍ୱେ କୌଣସି ଚଢ଼ଉ ପ୍ରକ୍ରିୟା ହେଉନାହିଁ। କୋଟପା ଆଇନକୁ ଖୁଲମଖୁଲା ଉଲ୍ଲଂଘନ କରାଯାଉଛି। ଶିକ୍ଷାନୁଷ୍ଠାନ ଓ ଅନ୍ୟାନ୍ୟ ଜନଗହଳିପୂର୍ଣ୍ଣ ସ୍ଥାନରେ କର୍କଟ ରୋଗ ସୃଷ୍ଟିକାରୀ ଗୁଟ୍‌ଖା, ସିଗାରେଟ ସମେତ ଅନ୍ୟାନ୍ୟ ତମ୍ବାଖୁ ବେଧଡ଼କ ଭାବେ ବିକ୍ରୟ ହେଉଛି।

ତମାଖୁ ଓ ନିକୋଟିନ୍‌ଯୁକ୍ତ ସମସ୍ତ ଉତ୍ପାଦ ଉତ୍ପାଦନ, ପ୍ରକ୍ରିୟାକରଣ, ପ୍ୟାକେଜିଂ, ସଂରକ୍ଷଣ, ପରିବହନ, ବିତରଣ ଓ ବିକ୍ରିକୁ ରାଜ୍ୟରେ ନିଷିଦ୍ଧ ଘୋଷଣା କରାଯାଇଛି। ଏହା ସତ୍ତ୍ୱେ ବିକ୍ରି ଜାରି ରହିଛି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏ ସମ୍ପର୍କିତ ବିଜ୍ଞପ୍ତି ପ୍ରକାଶ ପାଇଛି। ପ୍ରତିବନ୍ଧକ ଥିଲେ ସୁଦ୍ଧା ନିଷେଧାଜ୍ଞା ପାଳନ ନ କରି ବିକ୍ରି ହେଉଛି। ତମାଖୁ ଓ ନିକୋଟିନ୍‌ଯୁକ୍ତ ପଦାର୍ଥ ମୁଖ, ଗଳା ଓ ଶରୀର ଆଭ୍ୟନ୍ତର ଅଙ୍ଗରେ କର୍କଟ ସହିତ ଗୁରୁତର ରୋଗ ସୃଷ୍ଟି କରୁଛି। ବିଶେଷକରି ଶିଶୁ ଓ ଯୁବପିଢ଼ିଙ୍କ ସ୍ୱାସ୍ଥ୍ୟ ପାଇଁ ଏହା ଅତ୍ୟନ୍ତ ହାନିକାରକ ହୋଇଥିବାରୁ ସାର୍ବଜନୀନ ସ୍ୱାସ୍ଥ୍ୟ ହିତରେ ଏହି ନିଷେଧାଦେଶ ଲାଗୁ କରାଯାଇଛି ବୋଲି ସ୍ୱାସ୍ଥ୍ୟ ବିଭାଗ କହିଛନ୍ତି। କିନ୍ତୁ ଏନଫୋର୍ସମେଣ୍ଟ ଟିମ ରାଇରଙ୍ଗପୁରର ବିଭିନ୍ନ ସ୍ଥାନରେ ଥିବା ହୋଲସେଲର ଓ ଦୋକାନରେ ଚଢ଼ଉ କରି ଗୁଟ୍‌ଖା ଓ ସିଗାରେଟ ଆଦି ବିକ୍ରି ନେଇ ଫାଇନ ଆଦାୟ କରାଯାଉନାହିଁ। ତମାଖୁ ସେବନ ଦ୍ୱାରା କ୍ୟାନସର ଭଳି ରୋଗରେ ଅକାଳରେ ଜୀବନ ଚାଲିଯାଉଛି। ଯାହାକୁ ନିୟନ୍ତ୍ରଣ କରିବା ପାଇଁ



୨୦୦୩ରେ କୋଟପା ଆଇନରେ ଗୁଟ୍‌ଖା ବିକ୍ରି ଉପରେ କଟକଣା ଲାଗୁ କରାଯାଇଥିଲା। ଏହି ନିୟମକୁ ୨୦୧୮ରେ କଡାକଡି ଭାବେ ପାଳନ କରିବା ପାଇଁ ନିର୍ଦ୍ଦେଶନାମା ମଧ୍ୟ ଜାରି ହୋଇଛି। ଏହାପରେ ପୁଣି ଆହୁରି କଟକଣା ଜାରି ହୋଇଛି।

କୋଟପା ଆଇନ ଅନୁଯାୟୀ ଶିକ୍ଷାନୁଷ୍ଠାନଠାରୁ ୯୧ ମିଟର ଦୂର ମଧ୍ୟରେ କୌଣସି ତମାଖୁ ବିକ୍ରି କରିବାର ନିୟମ ନାହିଁ। ଏହାଛଡ଼ା ୧୮ ବର୍ଷରୁ କମ୍ ବୟସ୍କ ପିଲାଙ୍କୁ ଏହା ବିକ୍ରି କରିବା ସମ୍ପୂର୍ଣ୍ଣ ବେଆଇନ ଅଟେ। ମାତ୍ର ଏହି ଆଇନ କଡ଼ାକଡ଼ି ଭାବେ ପାଳନ ହେଉ ନ ଥିବାରୁ ଗୁଟ୍‌ଖା ଓ ସିଗାରେଟ ଆଦି ତମ୍ବାଖୁ ବିକ୍ରି ବୃଦ୍ଧି ପାଉଛି। ଗଳି କନ୍ଦି ସମେତ ବିଦ୍ୟାଳୟ ଓ ମନ୍ଦିର ସମ୍ମୁଖରେ ପାନ ଦୋକାନଠାରୁ ଆରମ୍ଭ କରି ବିଭିନ୍ନ ଗ୍ରୋସରୀ, ଚା' ଦୋକାନରେ ଖୁଲମଖୁଲା ଗୁଟ୍‌ଖା ଅବାଧରେ ବିକ୍ରି ହେଉଛି। ଯୁବପିଢ଼ି ତମ୍ବାଖୁ ନିଶାରେ କବଳିତ ହୋଇପଡୁଛନ୍ତି। ଏହାକୁ ନିୟନ୍ତ୍ରଣ କରିବା ପାଇଁ କାଁ ଭାଁ ଡିଲର, ହୋଲସେଲରଙ୍କ ଉପରେ ଚଢ଼ଉ ହେଉଛି। କିନ୍ତୁ ତାହା ପରେ ପୁଣି ଖୁଲମଖୁଲା ବିକ୍ରି ହେଉଛି। ଏହାକୁ ନିୟନ୍ତ୍ରଣ କରିବାକୁ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆବଶ୍ୟକ ଅଟେ।

## ବିରାଟ ଲୀଳାକ୍ଷେତ୍ରରେ ଦ୍ୱିତୀୟ ବାର୍ଷିକ ଉତ୍ସବ



**ପିଙ୍ଗୁ, ୨୫।୧(ସମିସ):** କପ୍ତିପଦା ବ୍ଲକ ଅନ୍ତର୍ଗତ ନୁଦଡ଼ିହା ପିଙ୍ଗୁ ଗ୍ରାମସ୍ଥ ବିରାଟ ଲୀଳାକ୍ଷେତ୍ର ଶ୍ରୀଜଗନ୍ନାଥ ମନ୍ଦିରର ଦ୍ୱିତୀୟ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଛି। ଶ୍ରୀଜଗନ୍ନାଥ ମନ୍ଦିର ଟ୍ରଷ୍ଟର ସଭାପତି ସର୍ବେଶ୍ୱର ରାଉତ, ମୁଖ୍ୟ ଉପଦେଷ୍ଟା ସୁଧାଂଶୁ ଦାଶ, ସମସ୍ତ ଟ୍ରଷ୍ଟ ମେମ୍ବର ଓ ଗ୍ରାମବାସୀ ସହଯୋଗ କରିଥିଲେ। ମାଘମାସ ଶୁକ୍ଳପକ୍ଷ ପଞ୍ଚମୀ ତିଥି ଜାନୁଆରୀ ୨୩ ତାରିଖ ସକାଳ ୯ ଘଟିକା ସମୟରେ ପଞ୍ଚଗବ୍ୟ ସେବନ, ୧୧ ଘଟିକା ସମୟରେ ସେବାୟତ ଓ ଜଗନ୍ନାଥ ଶ୍ରଦ୍ଧାଳୁଙ୍କ ଦ୍ୱାରା ରଥକାଠ ଅନୁକୁଳ, ସନ୍ଧ୍ୟା ୫ଟାରେ ଅଙ୍କୁରାରୋପଣ ଓ ଅଧିବାସ କାର୍ଯ୍ୟ ସମାପନ ପରେ ସନ୍ଧ୍ୟା ୭ ଘଟିକା ସମୟରେ ୩୩୦ କଳସ ଯାତ୍ରୀଙ୍କ ଦ୍ୱାରା କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା। ଅପରାହ୍ନ ୧ ଘଟିକା ସମୟରେ କଳସ ପୂଜନ ଓ ଅନୁଜ୍ଞା କାର୍ଯ୍ୟକ୍ରମ, ତିନି ଘଟିକା ସମୟରେ ଇନ୍ଦ୍ରଇନ୍ଦ୍ରାଣୀ ପୂଜନ ଓ ମନ୍ଦିରର ଆନନ୍ଦ ବଜାରରେ ଶ୍ରଦ୍ଧାଳୁଙ୍କ ପ୍ରସାଦ ସେବନ କରିଥିଲେ। ସନ୍ଧ୍ୟା ୭ ଘଟିକା ସମୟରେ ସିଦ୍ଧାର୍ଥ ଟିଭି ପ୍ରବଚକ ଶିବ ପ୍ରସାଦ ଦାଶ ଜଗନ୍ନାଥ ସଂସ୍କୃତି, ପରମ୍ପରା ଓ ମହାତ୍ମ୍ୟ ସମ୍ପର୍କରେ ପ୍ରବଚନ ଦେଇଥିଲେ। ୨୫ ତାରିଖ ରବିବାର ସକାଳ ୭ ଘଟିକା ସମୟରେ ସୂର୍ଯ୍ୟପୂଜା, ୮ ଘଟିକା ସମୟରେ ଗୋପୂଜନ ଓ ସଂକଳ୍ପ, ୧୦ ଘଟିକା ସମୟରେ ଯଜ୍ଞକର୍ମର ଆରମ୍ଭ ହୋଇଥିଲା। ଅପରାହ୍ନ ୧ ଘଟିକା ସମୟରେ ନବନିର୍ମିତ ମା' ବିମଳା ମନ୍ଦିର ଓ ଦକ୍ଷିଣ ଦ୍ୱାରା ରତ୍ନମୁଦ କରାଯାଇଥିଲା। ଏଥିନିମନ୍ତେ ଶହ ଶହ ଜଗନ୍ନାଥ ଶ୍ରଦ୍ଧାଳୁ ଧନ, ଧାନ୍ୟ, ସୁନା, ରୂପା, ମତି, ମାଣିକ ସମର୍ପଣ କରିଥିଲେ। ଅପରାହ୍ନ ୫ ଘଟିକା ସମୟରେ ଯଜ୍ଞକର୍ମର ପୂର୍ଣ୍ଣାହୁତି କରାଯାଇଥିଲା। ପଞ୍ଚକୁଣ୍ଡୀୟ ଯଜ୍ଞ କର୍ମରେ ମୁଖ୍ୟ ପୁରୋହିତ କିଶୋର ସୁବେଦୀ ୯ ଜଣ ଶାସ୍ତ୍ରଜ୍ଞ ବ୍ରାହ୍ମଣଙ୍କୁ ନେଇ ଯଜ୍ଞ କର୍ମ ସମ୍ପନ୍ନ କରିଥିଲେ। ସମ୍ପାଦକ ନକୁଳ ଜେନା, ପତ୍ରିକା ମୁଖ୍ୟ ସମ୍ପାଦକ ଭୋଳାନାଥ ସାହୁ, ଉପସଭାପତି ଭଗବାନ ବେହେରା, ବୃନ୍ଦାବନ ବେହେରା, ଗୋଲକ ବେହେରା, ରବିନାରାୟଣ ପ୍ରମୁଖ ସହଯୋଗ କରିଥିଲେ।

## କମଳା ନେହେରୁ ବାଳିକା ବିଦ୍ୟାଳୟର ବାର୍ଷିକ ଉତ୍ସବ




**ବାରିପଦା, ୨୫।୧(ସମିସ):** ସ୍ଥାନୀୟ କମଳା ନେହେରୁ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟର ବାର୍ଷିକ ଉତ୍ସବ ପ୍ରଧାନ ଶିକ୍ଷୟିତ୍ରୀ ରଶ୍ମିଦେବୀ ସାୟନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଏମପିସି ସ୍ୱୟଂଶାସିତ ମହାବିଦ୍ୟାଳୟର ସମନ୍ୱିତ ଶିକ୍ଷକ ଶିକ୍ଷା କାର୍ଯ୍ୟକ୍ରମ ବିଭାଗର ବିଭାଗୀୟ ମୁଖ୍ୟ କ୍ୟାପଟେନ ଡ. ବିଦ୍ୟୁତପ୍ରଭା ଦାସ ଯୋଗଦେଇ ଛାତ୍ରୀମାନଙ୍କ ସାମଗ୍ରିକ ବିକାଶ ପାଇଁ ନୈତିକ ଶିକ୍ଷା ଓ ଚରିତ୍ର ଗଠନ ଉପରେ ଗୁରୁତ୍ୱାରୋପ କରିଥିଲେ। ମୁଖ୍ୟବକ୍ତା ଭାବେ ରସାୟନ ବିଜ୍ଞାନ ସହକାରୀ ପ୍ରଫେସର ଡକ୍ଟର ସରୋଜ ନାୟକ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଏଡିଇଓ ମନ୍ଦାକିନୀ ବେହେରା, ଅବସରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ମନୋରମା ବେହେରା, କାଉନସେଲର ନିରୁପମା ମହାନ୍ତି, ବରିଷ୍ଠ କବି ଅମିତାଭ ମିଶ୍ର, ଏବିଇଓ ତପସ୍ୱିନୀ ଦାସ, ପ୍ରଧାନ ଶିକ୍ଷୟିତ୍ରୀ ପୁଷ୍ପଲତା ସୁର, ସିଆରସିସି ଧନଞ୍ଜୟ ସାହୁ ପ୍ରମୁଖ ଯୋଗଦେଇ ଛାତ୍ରୀମାନଙ୍କୁ ପାଠପଢ଼ାରେ ମନୋନିବେଶ କରିବା ସହ ନିଜ କର୍ତ୍ତବ୍ୟ ପ୍ରତି ସଚେତନତ ରହିବା ପାଇଁ ପରାମର୍ଶ ଦେଇଥିଲେ। ବରିଷ୍ଠ ଶିକ୍ଷକ ବାଞ୍ଛାନିଧି ଦାସ ସଭା କାର୍ଯ୍ୟ ପରିଚାଳନା କରିଥିବାବେଳେ ଶିକ୍ଷକ ଅରୁଣ ପଣ୍ଡା ବିବରଣୀ ପାଠ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ଶିକ୍ଷା କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। କୃତୀ ଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରିବା ସହ ଚିତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଅବସରପ୍ରାପ୍ତ କର୍ମଚାରୀ ସଂଘର ବାର୍ଷିକ ସମ୍ମିଳନୀ

**କରଞ୍ଜିଆ, ୨୫।୧(ସମିସ):** ପାଞ୍ଚପିଢ଼ ଅବସରପ୍ରାପ୍ତ କର୍ମଚାରୀ ସଂଘର ଦ୍ୱାଦଶ ବାର୍ଷିକ ସମ୍ମିଳନୀ କରଞ୍ଜିଆ କର୍ମଚାରୀ ଭବନରେ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ସବିତା ମହାନ୍ତି ଅଧ୍ୟକ୍ଷତା କରିଥିବାବେଳେ ମୁଖ୍ୟଅତିଥି ଭାବେ କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବ୍ରୁ ଯୋଗ ଦେଇଥିବାବେଳେ ଶୁକୁଳିର କାହ୍ନୁଚରଣ ଗିରି, ଠାକୁରମୁଣ୍ଡାର ନନ୍ଦକିଶୋର ବାରିକ, ଯଶିପୁରର ଶଙ୍କର୍ଷଣ କଲିଆ ଯୋଗଦାନ କରିଥିଲେ। ମୁଖ୍ୟଅତିଥି ସମ୍ମିଳନୀକୁ ଉଦଘାଟନ କରିବା ପରେ ପରଲୋକଗତ ସଭ୍ୟସଭ୍ୟାଙ୍କ ନିମନ୍ତେ ଏକ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ସଂଘର ୯ ଜଣ ବିଭିନ୍ନ ବର୍ଗର ବରିଷ୍ଠ ନାଗରିକ ଅଖିଳ ନାୟକ, ଡା. ଜନାର୍ଦ୍ଦନ ଚୌଧୁରୀ, ଉପେନ୍ଦ୍ର ନାଥ ବାରିକ, ଭାମାମଣି ମହାନ୍ତ, ଭରତ ଦାଶ, ଅବଧୂତ ବାରିକ, ଶଙ୍କର୍ଷଣ କଲିଆ, ନନ୍ଦକିଶୋର ବାରିକ, ବିଦେଶୀ ମାଟିଆଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସାଧାରଣ ସମ୍ପାଦକ ଅଭିମନ୍ୟୁ ତ୍ରିପାଠୀ ବିଗତ ବର୍ଷର ଆୟବ୍ୟୟ ବିବରଣୀ ପ୍ରଦାନ ସହ ସଂଘର ବିଭିନ୍ନ ଜନହିତକର କାର୍ଯ୍ୟ ସମ୍ପର୍କରେ କହିଥିଲେ। ବରିଷ୍ଠ ସଦସ୍ୟ ସର୍ବେଶ୍ୱର ମିଶ୍ର ମୁଖ୍ୟଅତିଥି ବିଧାୟକଙ୍କୁ ଅଭିନନ୍ଦନ ଜଣାଇ ଅସମ୍ପୂର୍ଣ୍ଣ ଅବସରପ୍ରାପ୍ତ କର୍ମଚାରୀ ଭବନ କାମ ଶେଷ କରାଯିବା ନିମନ୍ତେ ଅନୁରୋଧ କରିଥିଲେ।

ସମସ୍ତ ଅବସରପ୍ରାପ୍ତ କର୍ମଚାରୀ ଯେଉଁଭଳି ସଂଘରେ ନିଜର ଏକତା ପ୍ରଦର୍ଶନ କରିଛନ୍ତି ତାହା ସବୁଦିନ ପାଇଁ ବଜାୟ ରଖିବା ନିମନ୍ତେ ସଭାନେତ୍ରୀ ଅନୁରୋଧ କରିଥିଲେ। ସଂଘ ପକ୍ଷରୁ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟରେ ଫିଜିଓଥେରାପି ଚିକିତ୍ସା ପୁନଃପ୍ରଚଳନ, କେନ୍ଦ୍ରୀୟ ବିଦ୍ୟାଳୟ ଚାଲୁ କରିବା, ଉପଖଣ୍ଡର ଯେକୌଣସି ସ୍ଥାନରେ ନବଦୋୟ ବିଦ୍ୟାଳୟ ସ୍ଥାପନ କରିବା ଆଦି ବିଷୟରେ ପଦକ୍ଷେପ ନେବାକୁ ଅନୁରୋଧ କରିଥିଲେ। ମୁଖ୍ୟଅତିଥି ଅବସରପ୍ରାପ୍ତ ଓ ବରିଷ୍ଠ ନାଗରିକ ନିଜର ସ୍ୱାସ୍ଥ୍ୟ ପ୍ରତି ଯତ୍ନ ନେବା ସହିତ ନିଜର ଅଭିଜ୍ଞତାକୁ ପାଥେୟ କରି ରାଜ୍ୟର ସମସ୍ତ ବିକାଶମୂଳକ କାର୍ଯ୍ୟରେ ଉପଦେଷ୍ଟା ହୋଇ ରହିବାକୁ ଅନୁରୋଧ କରିଥିବାବେଳେ ସଂଘ ଭବନର ଅସମ୍ପୂର୍ଣ୍ଣ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ନିମନ୍ତେ ପ୍ରତିଶ୍ରୁତି ଦେଇଥିଲେ। ସଂଘର ପରିଚାଳନା ନିମନ୍ତେ ଆଉ କିଛି ସଭ୍ୟସଭ୍ୟାଙ୍କୁ ନୂତନ କର୍ମକର୍ତ୍ତା ଭାବେ ମନୋନୀତ କରାଯାଇଥିଲା। ନଳିନୀ ଘଣା, ମନୋରଞ୍ଜନ ସାହୁ, ତ୍ରିଲୋଚନ ସେଠୀ, ଅନୀତା ବେହେରା, ମାଣିକ ଦେଇ ଯଶୋଦା ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଆଜିଠୁ ଚିତ୍ରଡ଼ା ଉତ୍ସବ

**ମୋରଡ଼ା, ୨୫।୧(ସମିସ):** ମୋରଡା ନିର୍ବାଚନମଣ୍ଡଳୀର ସବୁଠୁ ବଡ଼ ସାଂସ୍କୃତିକ କାର୍ଯ୍ୟକ୍ରମ ଭାବେ ମୋରଡା ବ୍ଲକ ସଦର ମହକୁମା ଚିତ୍ରଡାରେ ମା' ତାରିଣୀ ଯୁବକ ସଂଘ ଦ୍ୱାରା ଆୟୋଜିତ 'ଚିତ୍ରଡା ଉତ୍ସବ' ପରିଚିତ। ଚଳିତବର୍ଷ ଉକ୍ତ କାର୍ଯ୍ୟକ୍ରମ ତିନିଦିନ ଧରି ଚାଲିବ। ଜାନୁଆରୀ ୨୬ରୁ ଆରମ୍ଭ ହୋଇ ୨୮ ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରଥମ ଦିବସରେ କମିଟି ତରଫରୁ କୁନିକୁନି ପିଲାନଙ୍କ ନିମନ୍ତେ ବିଭିନ୍ନ ପ୍ରକାରର ଜିମ୍ନାଷ୍ଟିକ କ୍ରୀଡ଼ା ପ୍ରତିଯୋଗିତା ଓ ସନ୍ଧ୍ୟାରେ ଅଞ୍ଚଳର ପ୍ରତିଭାଙ୍କ ଦ୍ୱାରା ନାଚ ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହେବ। ସେହିପରି ଜାନୁଆରୀ ୨୭ ତାରିଖ ଦ୍ୱିତୀୟ ଦିନରେ ଗ୍ରାମର ବିବାହିତ ମହିଳା ଓ ଅବିବାହିତ ଯୁବତୀଙ୍କ ମଧ୍ୟରେ ବିଭିନ୍ନ ପ୍ରକାରର ମଜାଦାର ଖେଳ ଅନୁଷ୍ଠିତ ହୋଇ ସନ୍ଧ୍ୟା ସମୟରେ ଲୋକଙ୍କ ମନୋରଞ୍ଜନ ପାଇଁ ଝୁମର ଜଗତର ସୁନାମଧନ୍ୟ କଣ୍ଠଶିଳ୍ପୀ ଗୌତମ ମହାନ୍ତ ଓ କରମ ରାଜା ଝୁମର ଗ୍ରୁପ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବେ। ଶେଷ ଦିନ ଅର୍ଥାତ ବୁଧବାର ଦିନ ସମସ୍ତ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯିବା ସହ ସନ୍ଧ୍ୟାରେ ଓଲିଉଡ ଇଣ୍ଡଷ୍ଟ୍ରିର ସୁନାମଧନ୍ୟ ଅଭିନେତ୍ରୀ ତଥା କଣ୍ଠଶିଳ୍ପୀ ଅନୁରାଧା ପାଣିଗ୍ରାହୀ ତାଙ୍କର ଗ୍ରୁପ ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବେ।

## ଜାମଦା ଥାନା ଅଞ୍ଚଳରେ ଚୋରି

**ରାଇରଙ୍ଗପୁର, ୨୫।୧(ସମିସ):** ଜାମଦା ଥାନା ଅଞ୍ଚଳରେ ତାଲା ବନ୍ଦ ଘରୁ ଲକ୍ଷାଧିକ ଟଙ୍କାର ଅଳଙ୍କାର ଚୋରି ହୋଇଛି। ଏ ନେଇ ଭାଦୁସାହି ଗ୍ରାମର ରଶ୍ମି ବେହେରା ଜାମଦା ଥାନାରେ ଅଭିଯୋଗ କରିଛନ୍ତି। ସେ ତାଙ୍କ ମାମୁଁ ଘରକୁ ଯାଇଥିବାବେଳେ ଏହାର ସୁଯୋଗ ନେଇ ଦିବାଲୋକରେ ଦୁର୍ବୃତ୍ତ ଚୋରି କରିଛନ୍ତି। ଦୁର୍ବୃତ୍ତମାନେ ଆଲମାରୀ ତାଲା ଭାଙ୍ଗି ସୁନା ଓ ରୁପା ଅଳଙ୍କାର ଚୋରି କରିଛନ୍ତି। ଯାହାର ଆନୁମାନିକ ମୂଲ୍ୟ ୧, ୨୦, ୦୦୦ ଟଙ୍କା ହେବ। ସେ ଘରକୁ ଫେରି ଚୋରି ହୋଇଥିବା ଜାଣି ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକ୍ରମେ ପୁଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

## ଶିକ୍ଷାର ବାର୍ତ୍ତା ନେଇ ମିନି ମାରାଥନ

**ବାରିପଦା, ୨୫।୧(ସମିସ):** ଶିକ୍ଷାର ବାର୍ତ୍ତା ନେଇ ଆଜି ସମଗ୍ର ରାଜ୍ୟରେ କିଟ୍ ଓ କିସ୍ ପକ୍ଷରୁ ଆୟୋଜିତ ହୋଇଛି ମିନି ମାରାଥନ। ଓଡ଼ିଶାର ୩୦ ଜିଲ୍ଲାର ୩୫ଟି ସ୍ଥାନରେ ଏହି ମିନି ମାରାଥନ ଆୟୋଜିତ ହୋଇଥିବାବେଳେ ମୟୂରଭଞ୍ଜ ଜିଲ୍ଲା ସଦର ମହକୁମା ବାରିପଦାରେ ମଧ୍ୟ ମିନି ମାରାଥନ୍ ଆୟୋଜିତ ହୋଇଯାଇଛି। କିଟ୍ ଓ କିସ୍ ପକ୍ଷରୁ ଏଜ୍ୟୁକେସନ ଫର୍ ଅଲ୍ ସମସ୍ତଙ୍କ ପାଇଁ ଶିକ୍ଷାର ବାର୍ତ୍ତା ନେଇ ଆୟୋଜିତ ମିନି ମାରଥନରେ ୨୦୦ରୁ ଊର୍ଦ୍ଧ୍ୱ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ କିସ୍‌ର ପୁରାତନ ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ଗଣଦୌଡରେ ସାମିଲ ହୋଇଥିଲେ।

ବାରିପଦା ମଧୁବନ ପଡ଼ିଆରେ ଆୟୋଜିତ ଗଣଦୌଡ଼କୁ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଭାରତୀ ହାଁସଦା ଓ ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି ପତକା ଦେଖାଇ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନ ପରେ ସମସ୍ତ ଛାତ୍ରଛାତ୍ରୀ ଶିକ୍ଷାର ବାର୍ତ୍ତା ନେଇ ଦୌଡରେ ସାମିଲ ହୋଇଥିଲେ। ମଧୁବନ ପଡ଼ିଆରୁ ବାହାରି



ଗଣଦୌଡ ଟ୍ରାଫିକ ଛକ ହୋଇ ବାରିପଦା ପୌରପରିଷଦ କାର୍ଯ୍ୟାଳୟରେ ଶେଷ ହୋଇଥିଲା। ପୌର କାର୍ଯ୍ୟାଳୟରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା, ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ଉପନଗରପାଳ ସୀମା ଦାସ ପ୍ରମୁଖ ଯୋଗଦେଇ ସମଗ୍ର ବିଶ୍ୱରେ ଶିକ୍ଷାର ବାର୍ତ୍ତା ପହଞ୍ଚାଇବାକୁ ଏଭଳି ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇପାରିଥିବାରୁ କିସ୍ ଓ କିଟ୍‌ର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କୁ ଭୂୟସୀ ପ୍ରଶଂସା କରିଥିଲେ। ଏ ଅବସରରେ ସମସ୍ତ ପ୍ରତିଯୋଗୀଙ୍କୁ ସାର୍ଟିଫିକେଟ୍ ଓ ପୁରସ୍କାର ପ୍ରଦାନ କରାଯାଇଥିଲା। କିସ୍ ଆବାସିକ ବିଦ୍ୟାଳୟ ବାରିପଦାର ପ୍ରଧାନଶିକ୍ଷକ ଗଣେଶ ଚନ୍ଦ୍ର ମିଶ୍ର ଅତିଥି ପରିଚୟ ସହିତ ସ୍ୱାଗତ ଭାଷଣ ଦେଇଥିଲେ। କିସ୍ ଆବାସିକ ବିଦ୍ୟାଳୟର ଲୋକ ସମ୍ପର୍କ ଅଧିକାରୀ ସତ୍ୟଜିତ ସୋମ ଧନ୍ୟବାଦ ଅର୍ପଣ କରିଥିବାବେଳେ କିସ୍ ଆବାସିକ ବିଦ୍ୟାଳୟର ନୋଡାଲ ଅଧିକାରୀ ସତ୍ୟବ୍ରତ ଦାସ, ଅତିରିକ୍ତ ଉନ୍ନୟନ ଅଧିକାରୀ ସ୍ମୃତିରଞ୍ଜନ ରାୟ, ଅତିରିକ୍ତ ନୋଡାଲ ଅଧିକାରୀ ଜାଗ୍ରତ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## କାର୍ଯ୍ୟ ସ୍ଥଳରୁ ସାମଗ୍ରୀ ଚୋରି

**ରାଇରଙ୍ଗପୁର, ୨୫।୧(ସମିସ):** ରାଷ୍ଟ୍ରପତିଙ୍କ ରାଇରଙ୍ଗପୁର ଗସ୍ତ କାର୍ଯ୍ୟକ୍ରମକୁ ନେଇ ନିର୍ମାଣ କାମ ଜାରି ରହିଛି। ଏହି କାର୍ଯ୍ୟ ସ୍ଥଳରୁ ସାମଗ୍ରୀ ଚୋରି ହୋଇଛି। ଏ ନେଇ ଠିକାଦାର ଗୌରବ ଅଗ୍ରୱାଲ ରାଇରଙ୍ଗପୁର ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ଯାହାକୁ ନେଇ ହଷ୍ଟେଲ ମରାମତି କାର୍ଯ୍ୟ ଜାରି ରହିଛି। ଇତିମଧ୍ୟରେ କାର୍ଯ୍ୟସ୍ଥଳରୁ ଦୁର୍ବୃତ୍ତମାନେ ବିଭିନ୍ନ ସାମଗ୍ରୀ ଚୋରି କରିଛନ୍ତି। ସେ ଏହା ଜାଣିବା ପରେ ଥାନାରେ ଅଭିଯୋଗ କରିଛନ୍ତି

## ତାଲା ବନ୍ଦ ଘରୁ ଚୋରି

**ରାଇରଙ୍ଗପୁର/କରଞ୍ଜିଆ, ୨୫।୧(ସମିସ):** କରଞ୍ଜିଆ ଥାନା ଅଞ୍ଚଳରେ ତାଲା ବନ୍ଦ ଘରୁ ଲକ୍ଷାଧିକ ଟଙ୍କାର ଅଳଙ୍କାର ଚୋରି ହୋଇଛି। ଏ ନେଇ ନେଡୁଆପାଳ ଗ୍ରାମର ପ୍ରସନ୍ନ କୁମାର ନାୟକ କରଞ୍ଜିଆ ଥାନାରେ ଅଭିଯୋଗ କରିଛନ୍ତି। ସେ ଓ ତାଙ୍କ ପତ୍ନୀ ଘର ଛାତ ଉପରେ ଥିବାବେଳେ ଏହାର ସୁଯୋଗ ନେଇ ଦିବାଲୋକରେ ଦୁର୍ବୃତ୍ତମାନେ ଚୋରି କରିଛନ୍ତି। ତାଙ୍କ ଘରକୁ ଦୁର୍ବୃତ୍ତମାନେ ପ୍ରବେଶ କରି ଆଲମାରୀ ତାଲା ଭାଙ୍ଗି ସୁନା ଓ ରୁପା ଅଳଙ୍କାର ଆଦି ଚୋରି କରିଛନ୍ତି। ଯାହାର ଆନୁମାନିକ ମୂଲ୍ୟ ୨, ୦୦, ୦୦୦ ଟଙ୍କା ହେବ। ସେ ଘଟଣା ସମ୍ପର୍କରେ ଥାନାରେ ଅଭିଯୋଗ କରିଛନ୍ତି।

## ଓଲଗୁରୁ ରୋହିଦାସ ସିଂହ ନାଗ ମୁଣ୍ଡାରୀ ବୃତ୍ତି ପରୀକ୍ଷା



**ବାରିପଦା, ୨୫।୧(ସମିସ):** ମୁଣ୍ଡାରୀ ଭାଷା ସମନ୍ୱୟ ସମିତି (ଏମଏଲସିସି) ଦ୍ୱାରା ଆୟୋଜିତ ଓଲଗୁରୁ ରୋହିଦାସ ସିଂହ ନାଗ ମୁଣ୍ଡାରୀ ଅଷ୍ଟମ ବାର୍ଷିକ ବୃତ୍ତି ପରୀକ୍ଷା ଆୟୋଜିତ ହୋଇଯାଇଛି। ଏହି ପରୀକ୍ଷା ଦୁଇଟି କେନ୍ଦ୍ରରେ ଆୟୋଜିତ ହୋଇଥିଲା। ଓଡ଼ିଶାର ମୟୂରଭଞ୍ଜ ଜିଲ୍ଲାର ଡୁକୁରାସ୍ଥ ଭଞ୍ଜଭୂମି କଲେଜରେ ୫୫ ଜଣ ଚୟନ ହୋଇଥିବା ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ଦ୍ୱିତୀୟ କେନ୍ଦ୍ର ଝାଡ଼ଖଣ୍ଡର ଘାଟଶିଳା ଅଞ୍ଚଳର ସୁସୁନିଗଡ଼ିଆସ୍ଥ ଉତ୍କ୍ରାନ୍ତ ବିଦ୍ୟାଳୟରେ ଆୟୋଜିତ ହୋଇଥିଲା। ସେଠାରେ ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗର ୫୫ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଛନ୍ତି। ଓଡ଼ିଶାରେ ପରୀକ୍ଷାର ସମଗ୍ର ଦାୟିତ୍ୱ ମୁଣ୍ଡାରୀ ଶିକ୍ଷା ବୋର୍ଡର ସଚିବ ବୁଧିଆ ସିଂହଙ୍କ ଦ୍ୱାରା ପରିଚାଳିତ ହୋଇଥିଲା। ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗ ପାଇଁ ପରୀକ୍ଷା ପରିଚାଳନା ଦାୟିତ୍ୱ ମୁଣ୍ଡାରୀ ଭାଷା ସମନ୍ୱୟ ସମିତି ସାଧାରଣ ସଚିବ ଇଞ୍ଜିନିୟର ସୁନାରାମ ସିଂହଙ୍କ ଉପରେ ନ୍ୟସ୍ତ ଥିଲା। ଓଡ଼ିଶା କେନ୍ଦ୍ରରେ ଶଶୀଧର ସିଂହ, ବୈଦ୍ୟନାଥ ସିଂହ ଓ ବାଉଲା ସିଂହ ପର୍ଯ୍ୟବେକ୍ଷକ ଭାବେ ଉପସ୍ଥିତ ଥିଲେ। ସୁସୁନିଗଡ଼ିଆ କେନ୍ଦ୍ରରେ ଉମେଶ ମୁଣ୍ଡା, ନିଆରେନ୍ ହେରେଞ୍ଜ, ବଙ୍କିମ ମୁଣ୍ଡା, ପୁଷ୍ପରାଣୀ ମାଙ୍କି ଓ ଲାଖିରାଣୀ ମୁରା ପର୍ଯ୍ୟବେକ୍ଷକ ଭାବେ ଉପସ୍ଥିତ ଥିଲେ। ପରୀକ୍ଷା ସରିବା ପରେ ସମସ୍ତ ମୁଣ୍ଡାରୀ ବାଣୀ ଶିକ୍ଷକଙ୍କ ସହ ବୈଠକ ଆୟୋଜିତ ହୋଇ ଆଗାମୀ ଶିକ୍ଷାମୂଳକ କାର୍ଯ୍ୟକ୍ରମ ଓ ଯୋଜନା ଉପରେ ଆଲୋଚନା କରାଯାଇଥିଲା। ମୁଣ୍ଡାରୀ ଭାଷା ସମନ୍ୱୟ ସମିତିର କେନ୍ଦ୍ରୀୟ ଆବାହକ ବୀରବଲ ସିଂହ ପରୀକ୍ଷା କେନ୍ଦ୍ରଗୁଡ଼ିକୁ ପରିଦର୍ଶନ କରିଥିଲେ। ଏପରି ବୃତ୍ତି ପରୀକ୍ଷା ଦ୍ୱାରା ମେଧାବୀ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରି ମୁଣ୍ଡାରୀ ଭାଷା ଓ ସାହିତ୍ୟର ଅଧ୍ୟୟନ ଓ ବିକାଶକୁ ସମର୍ଥନ ଦିଆଯାଉଛି। ବୃତ୍ତି ଅନୁସାରେ ସଫଳ ପରୀକ୍ଷାର୍ଥୀଙ୍କୁ ପ୍ରଥମ ପୁରସ୍କାର ଭାବେ ୧୨ ହଜାର ଟଙ୍କା, ଦ୍ୱିତୀୟ ପୁରସ୍କାର ଭାବେ ୭ ହଜାର ୨୦୦ ଟଙ୍କା ଓ ତୃତୀୟ ପୁରସ୍କାର ଭାବେ ୪ ହଜାର ୮୦୦ ଟଙ୍କା ୧୨ ମାସିକ କିସ୍ତିରେ ପ୍ରଦାନ କରାଯିବ। ଫେବୃଆରୀ ୫ ତାରିଖ ମୟୂରଭଞ୍ଜ ଜିଲ୍ଲାର ଶାଳବଣୀଠାରେ ଆୟୋଜିତ ଓଲଗୁରୁ ରୋହିଦାସ ସିଂହ ନାଗ ଜନ୍ମ ଜୟନ୍ତୀ ଅବସରରେ ପୁରସ୍କୃତ କରାଯିବ।

# ବାଲିଘାଟ, କରଞ୍ଜିଆରେ ବିଶାଳ ହିନ୍ଦୁ ସମ୍ମିଳନୀ

ବାଲେଶ୍ୱର,୨୫।୧(ସମିସ): ହିନ୍ଦୁ ସମାଜ ଆନୁକୂଲ୍ୟରେ ସ୍ଥାନୀୟ ବାଲିଘାଟ ଓ କରଞ୍ଜିଆ ପଡ଼ିଆରେ ବିଶାଳ ହିନ୍ଦୁ ସମ୍ମିଳନୀ ଆୟୋଜିତ ହୋଇଯାଇଛି। ମୁଖ୍ୟବକ୍ତା ଭାବେ କ୍ଷେତ୍ର ଧର୍ମ ଜାଗରଣ ପ୍ରମୁଖ ବିନୟ କୁମାର ଭୂୟାଁ, ପ୍ରବଚକ ଶାନ୍ତିସ୍ୱରୂପ ମିଶ୍ର ଯୋଗଦେଇ କୁଟୁମ୍ବ ପ୍ରବୋଧ ବିଷୟରେ ବକ୍ତବ୍ୟ ରଖିଥିଲେ। ଅନ୍ୟ ଅତିଥି ଭାବେ ରେମୁଣାସ୍ଥିତ ତ୍ରିବେଣୀ ସଙ୍ଗମ ଆଶ୍ରମର ସନ୍ଥ ବାବା ଦୟାନନ୍ଦ ମହାରାଜ ଉଦବୋଧନ ଦେଇଥିଲେ। ମଞ୍ଚରେ ସଂଯୋଜକ ଯୋଗେନ୍ଦ୍ର ସାହୁ, ସହ ସଂଯୋଜକ ଯୋଗେନ୍ ଚନ୍ଦ୍ର ରଣା ଉପସ୍ଥିତ ଥିଲେ। ପ୍ରାରମ୍ଭରେ ସ୍ଥାନୀୟ ବାଲିଘାଟ ନଦୀରୁ କଳସ ଶୋଭାଯାତ୍ରାରେ ୫୦୦ରୁ ଅଧିକ ମହିଳାମାନେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ ରଘୁନାଥ ପାତ୍ର,ସୁଦର୍ଶନ ତରାଇ, ବାସୁଦେବ ବେହେରା,ଜିତେନ୍ଦ୍ର ମଲ୍ଲିକ, ରଘୁବୀର ସେନ୍, ପ୍ରମୋଦ ମିସ୍ତ୍ରୀ, ବିକାଶ ରଣା, ହରିଶ୍ଚନ୍ଦ୍ର ରଣା, ହରିମୋହନ ତାଳଦି, ସୁବ୍ରତ ଦେ, ମନୋରଞ୍ଜନ ପାଠୀ ପ୍ରମୁଖ ପରିଚାଳନା କରିଥିଲେ। ସେହିଭଳି କରଞ୍ଜିଆ କେନ୍ଦ୍ର ଗାନ୍ଧିନଗର ପଡିଆରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜଗନ୍ନାଥ ସଂସ୍କୃତି ଗବେଷକ ପଣ୍ଡିତ ଡ. ସୁଶାନ୍ତ ପଣ୍ଡା, ମୁଖ୍ୟ ବକ୍ତା ଭାବେ ବାଲେଶ୍ୱର ବିଭାଗ ଧର୍ମଜାଗରଣ ପ୍ରମୁଖ ଅଦ୍ୱୈତ ଚରଣ ଦାସ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମର ସଂଯୋଜକ ଶୁକମୟ ଦାସ ଓ ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ସମାଜସେବୀ ଡ. ପ୍ରଶାନ୍ତ ମହାନ୍ତି ମଞ୍ଚାସିନ ଥିଲେ। ନଗର ସେବା ପ୍ରମୁଖ ହୃଦାନନ୍ଦ ନାୟକ, କାର୍ଯ୍ୟକ୍ରମର ସର୍ବବ୍ୟବସ୍ଥା ପ୍ରମୁଖ ରତିକାନ୍ତ ନାୟକ, ଅଜିତ ବରାଳ, ଚନ୍ଦ୍ରକାନ୍ତ ପ୍ରଧାନ, ବିକାଶ ପାଢ଼ୀ, ଚନ୍ଦ୍ରମଣି ପଣ୍ଡା, ଯସକେତନ ମଲ୍ଲିକ, ରମିତା ମହାନ୍ତି, ସସ୍ମିତା ଚାନ୍ଦ, ସରସ୍ୱତୀ ସାହୁ ଓ ଜୟନ୍ତୀ ରାଉତ ସହଯୋଗ କରିଥିଲେ।

# କିଟ୍ ଓ କିସ୍ ପକ୍ଷରୁ ମିନି ମାରାଥନ୍




ବାଲେଶ୍ୱର,୨୫।୧(ସମିସ): କିଟ୍ ଓ କିସ୍ ପକ୍ଷରୁ ଆଜି ମିନି ମାରାଥନ୍ ଅନୁଷ୍ଠିତ ହୋଇଯାଇଛି। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କ ଆହ୍ୱାନ କ୍ରମେ ମିନି ମାରାଥନ ୨୦୨୬ ବାଲେଶ୍ୱର ଗାନ୍ଧୀ ସ୍ମୃତି ଭବନ ପରିସରରୁ ବାହାରି ପରମିଟ ପଡିଆ ନିକଟରେ ପହଞ୍ଚିଥିଲା। "ସମସ୍ତଙ୍କ ପାଇଁ ଶିକ୍ଷା' ଭଳି ମହତ୍ ଉଦ୍ଦେଶ୍ୟରେ ସିଦ୍ଧିବିନାୟକ ପବ୍ଲିକ ସ୍କୁଲ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ବାଲେଶ୍ୱର ଆଥଲେଟିକ୍ ଆସୋସିଏସନ୍, ୱାଓ କ୍ଲବ୍‌ର ୨୦୦ରୁ ଉର୍ଦ୍ଧ୍ୱ ଯୁବକ, ଛାତ୍ର, ଯୁବତୀ ଓ ବୁଦ୍ଧିଜୀବୀ ଗଣଦୌଡରେ ସାମିଲ ହୋଇଥିଲେ। ଏହି ଗଣଦୌଡକୁ ବାଲେଶ୍ୱର ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାଏକ ଓ ଜିଲ୍ଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା ଯୋଗଦେଇ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ସହଦେବଖୁଣ୍ଟା ଥାନା ଅଧିକାରୀ ବିରଞ୍ଚି ସାହୁ ଏବଂ କିସ୍ ଆର୍ମୋଳାର କ୍ରୀଡା ଶିକ୍ଷୟତ୍ରୀ ଚାନ୍ଦ ମଣି ମୁଣ୍ଡା ମଧ୍ୟ ସାମିଲ ଥିଲେ। ପରେ ବାଲେଶ୍ୱର ପରମିଟ ପଡ଼ିଆରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଅଂଶଗ୍ରହଣ କାରୀ ମାନଙ୍କୁ ପ୍ରମାଣପତ୍ର ବର୍ଣ୍ଟନ କରିଥିଲେ।

## 'ଏକ୍ସପୋ ଓଡ଼ିଶା'ର ଚତୁର୍ଥ ଦିବସ

# ଉଷା କୌଶିକଙ୍କ ସଙ୍ଗୀତରେ ଝୁମିଲେ ଦର୍ଶକ

ବାଲେଶ୍ୱର,୨୫।୧(ସମିସ)






ଭାରତ ସରକାରଙ୍କ ଏମଏସଏମଇ ଉନ୍ନୟନ ସଂସ୍ଥା, ଓଡିଶା ସରକାରଙ୍କ ଏମଏସଏମଇ ବିଭାଗ, ବାଲେଶ୍ୱର ଜିଲ୍ଲା ପ୍ରଶାସନ, ଜିଲ୍ଲା କ୍ଷୁଦ୍ର ଶିଳ୍ପ ସଂଘ ଓ ଉତର ଓଡିଶା ଶିଳ୍ପ ଓ ବାଣିଜ୍ୟ ମହାସଂଘ (ନୋସି) ମିଳିତ ସହଯୋଗରେ ବାଲେଶ୍ୱର ଶିଳ୍ପ ଓ ବାଣିଜ୍ୟ ସଂଘ (ବିସିଆଇସି) ପକ୍ଷରୁ ଚାଲିଥିବା ଜାତୀୟସ୍ତରର ଶିଳ୍ପ ପ୍ରଦର୍ଶନୀ ଓ ବାଣିଜ୍ୟ ମେଳାର ୨୩ତମ ସଂସ୍କରଣ "ଏକ୍ସପୋ ଓଡିଶା -୨୦୨୬'ର ଚତୁର୍ଥ ଦିବସରେ ସ୍ଥାନୀୟ କଳାକାରଙ୍କ ନୃତ୍ୟ ଓ ଟିଭି ରିଏଲିଟି ସୋ କଣ୍ଠଶିଳ୍ପୀଙ୍କ ସଙ୍ଗୀତ ପରିବେଷଣକୁ ଦର୍ଶକମାନେ ମନଭରି ଉପଭୋଗ କରିଥିଲେ। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ସଭାପତି ନାରାୟଣ ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଜିଲ୍ଲାରେ ଶିଳ୍ପାୟନର ଅଭିବୃଦ୍ଧି ପାଇଁ ଏକ୍ସପୋ ଆୟୋଜନ ଭଳି ବିସିଆଇସିର ଉଦ୍ୟମକୁ ପ୍ରଶଂସା କରିଥିଲେ। ପୂର୍ବତନ ବିଧାୟକ ସ୍ୱରୂପ କୁମାର ଦାସ ଓ ରେମୁଣା ବ୍ଲକ ଅଧ୍ୟକ୍ଷ ରାଜେନ୍ଦ୍ର ରାଉତ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ବାଲେଶ୍ୱରର ଏକ୍ସପୋ ଓଡ଼ିଶାର ପ୍ରତିଷ୍ଠାତା ବିଶିଷ୍ଟ ଶିଳ୍ପପତି ସ୍ୱର୍ଗତଃ ହିମାଂଶୁ ଦାସଙ୍କ ସ୍ମୃତିଚାରଣ କରିଥିଲେ। ବିସିଆଇସିର ସମ୍ପାଦକ (ଟ୍ରେଡସ) ଶିବୁ ପୋଦାର ଚତୁର୍ଥ ଦିବସ ସଭାରେ ଅଧ୍ୟକ୍ଷତା କରିବା ସହିତ ସ୍ୱାଗତ ଭାଷଣ ମାଧ୍ୟମରେ ଏକ୍ସପୋର ଆୟୋଜନର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଇଂ ଶ୍ୟାମସୁନ୍ଦର ମିଶ୍ର ମଞ୍ଚ ଆହ୍ୱାନ କରିଥିଲେ। ଶେଷରେ ବିସିଆଇସିର ଉପ ସଭାପତି (ଫାଇନାନ୍ସ) ଧନ୍ୟବାଦ ଦେଇଥିଲେ। ୨୬ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଏକ୍ସପୋରେ ଲୋକଙ୍କ ଭିଡକୁ ଦେଖିଲେ ବ୍ୟବସାୟିକ କାରବାର ମଧ୍ୟ ଭଲ ହେଉଥିବା ବୋଲି ଆୟୋଜକ ଆଶାପ୍ରକାଶ କରିଛନ୍ତି। ଏଥିରେ ଜିଲ୍ଲାର ଯୁବ ଉଦ୍ୟୋଗୀମାନଙ୍କ ପାଇଁ ଶିଳ୍ପ ପ୍ରତିଷ୍ଠା ନେଇ ଅଭିଜ୍ଞତା ହାସଲର ଭରପୁର ସୁଯୋଗ ସୃଷ୍ଟି ହୋଇଛି ବୋଲି ଶ୍ରୀ ଦାସ କହିଛନ୍ତି। ସଭା ପୂର୍ବରୁ ସ୍ଥାନୀୟ ବିଦ୍ୟାଳୟ ଓ ନୃତ୍ୟାନୁଷ୍ଠାନଗୁଡ଼ିକର କଳାକାର ଏବଂ ପରେ ଜି ଟିଭି ବଂଲା ସାରେଗାମା ଫେମ ଉଷା କୌଶିକ ଆକର୍ଷଣୀୟ ସଙ୍ଗୀତ ପରିବେଷଣ କରିଥିଲେ। ରାଧାନାଥ ରଥ ଓ ଅରବିନ୍ଦ ସାହୁଙ୍କ ସହ ବିସିଆଇସି ସମସ୍ତ କର୍ମକର୍ତ୍ତା ଓ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# 'ଭଲ କବିତାର ଖୋଜ୍' ପକ୍ଷରୁ ସୀତାକାନ୍ତ କାବ୍ୟ ସନ୍ଧ୍ୟା



ବାଲେଶ୍ୱର, ୨୫।୧(ସମିସ): ସ୍ଥାନୀୟ ଏସିପିଏଲ୍ ସମ୍ମିଳନୀ କକ୍ଷରେ 'ଭଲ କବିତାର ଖୋଜ୍'ର ୮୧ତମ ଆସରରେ ବିଖ୍ୟାତ କବି ସୀତାକାନ୍ତ ମହାପାତ୍ରଙ୍କ କବିତା ସମ୍ପର୍କରେ ଏକ କାବ୍ୟ ସନ୍ଧ୍ୟା ଆୟୋଜିତ ହୋଇଯାଇଛି। 'ଭଲ କବିତାର ଖୋଜ୍'ର ଆବାହକ କବି କୃଷ୍ଣ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି 'ସୀତାକାନ୍ତ କାବ୍ୟ ସନ୍ଧ୍ୟା'ରେ ମୁଖ୍ୟ ଅତିଥିଭାବରେ ଯୋଗ ଦେଇଥିଲେ ବିଶିଷ୍ଟ କବି ଓ ସମାଲୋଚକ ଡକ୍ଟର ଗୌତମ ଜେନା। ଡକ୍ଟର ଜେନା ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ସୀତାକାନ୍ତ ମହାପାତ୍ରଙ୍କ ଅଧିକାଂଶ କବିତା ମୋଟିଭେସନାଲ୍। ମନକୁ ମୋହିଦିଏ। ତାଙ୍କ କବିତାର ମିଥ୍ ପ୍ରୟୋଗ ଉପରେ ଆଲୋଚନା କରିବା ସହିତ ଡକ୍ଟର ଜେନା ସୀତାକାନ୍ତଙ୍କ କବିତାରେ ଚିତ୍ରକଳ୍ପର ବ୍ୟାଖ୍ୟା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପସ୍ଥିତ ଥିଲେ କବି ଶ୍ରୀଦେବ, ଗାଳ୍ପିକ ଓ କବି ଗଙ୍ଗାଧର ବିଶ୍ୱାଳ, କବି ଉତ୍ପଳ ମହାନ୍ତି, ଡକ୍ଟର ସନ୍ତୋଷ ନାୟକ, ଡକ୍ଟର ସୁବାସ ଚନ୍ଦ୍ର ପାତ୍ର, କବି ଅଭୟ ଦାସ, କବି ଓ ଗାଳ୍ପିକା ଦେବଯାନୀ ଦାସ, କବି ପ୍ରତୀଚୀ ନନ୍ଦ, ଅନୁବାଦିକା ଦୀପିକା ସେନାପତି, ମାନସୀ ଜେନା, ଡକ୍ଟର ମହେଶ୍ୱର ପାଢ଼ୀ, ଡକ୍ଟର ସାରଙ୍ଗଧର ତ୍ରିପାଠୀ, କବି ପ୍ରୀତିଲେଖା ଦାସ୍, କବି କମଳିନୀ କାସ୍ତ ପ୍ରମୁଖ। ଏହି ଆସରରେ ଡକ୍ଟର ସନ୍ତୋଷ କୁମାର ନାୟକ ଅନ୍ୟତମ ଆଲୋଚକ ଭାବେ ଯୋଗଦେଇ ସୀତାକାନ୍ତ ମହାପାତ୍ରଙ୍କ କବିତା ସମ୍ପର୍କରେ କହିଥିଲେ ଯେ, ସୀତାକାନ୍ତଙ୍କ କବିତାରେ ମିଥ୍ ଓ ଆର୍କିଟାଇପ୍ ଉଭୟ ଅତି ଚମତ୍କାର ଭାବେ ରହିଛି। ସୀତାକାନ୍ତଙ୍କ କବିତା 'ନଈପଠା', 'ଖରାବେଳ', 'ଏରୋଡ୍ରମ୍', 'ଘାସ ଫୁଲ', 'ମୋ ଓଡ଼ିଶା' ଓ 'କବିତାର ଭରସା'କୁ ଯଥାକ୍ରମେ ପାଠ କରିଥିଲେ ପ୍ରତୀଚୀ ନନ୍ଦ, ଦୀପିକା ସେନାପତି, କମଳିନୀ କାସ୍ତ, ସାରଙ୍ଗଧର ତ୍ରିପାଠୀ, ଦେବଯାନୀ ଦାସ ଓ ପ୍ରୀତିଲେଖା ଦାସ୍। କବି ଶ୍ରୀଦେବ ସୀତାକାନ୍ତ ମହାପାତ୍ରଙ୍କ ଏକ ସାକ୍ଷାତକାର ପଢି ଶୁଣାଇବା ପରେ କବି ଉତ୍ପଳ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ନୂଆଦିଲ୍ଲୀରେ ପରେଡ୍ ପାଇଁ ଏଫ୍‌ଏମ୍‌ୟୁ ଛାତ୍ରୀ ମଧୁସ୍ମିତା ମନୋନୀତ



ବାଲେଶ୍ୱର,୨୫।୧(ସମିସ): ଫକୀରମୋହନ ବିଶ୍ୱବିଦ୍ୟାଳୟ ପଦାର୍ଥ ବିଜ୍ଞାନ ବିଭାଗର ଛାତ୍ରୀ ତଥା ଜାତୀୟ ସେବା ଯୋଜନା ସ୍ୱୟଂସେବିକା ମଧୁସ୍ମିତା ବାରିକ ନୂଆଦିଲ୍ଲୀର କର୍ତ୍ତବ୍ୟ ପଥରେ ଆୟୋଜିତ ହେବାକୁ ଯାଉଥିବା ଗଣତନ୍ତ୍ର ଦିବସ ପରେଡ୍୨୦୨୬ ରେ ଅଂଶଗ୍ରହଣ ପାଇଁ ମନୋନୀତ ହୋଇଛନ୍ତି। ମଧୁସ୍ମିତା ବର୍ତ୍ତମାନ ଫକୀରମୋହନ ବିଶ୍ୱବିଦ୍ୟାଳୟରେ ପଦାର୍ଥ ବିଜ୍ଞାନରେ ସ୍ନାତକୋତ୍ତର (ଦ୍ୱିତୀୟ ବର୍ଷ, ତୃତୀୟ ସେମିଷ୍ଟାର) ଶିକ୍ଷା ଗ୍ରହଣ କରୁଛନ୍ତି। ଭୋଗାପୁର ଗ୍ରାମର ରବୀନ୍ଦ୍ର ବାରିକ ଓ ସବିତା ବାରିକଙ୍କ କନ୍ୟା ମଧୁସ୍ମିତା। ନୂଆଦିଲ୍ଲୀରେ ଆୟୋଜିତ ଗଣତନ୍ତ୍ର ଦିବସ ପରେଡ୍‌ରେ ଅଂଶଗ୍ରହଣ ଦେଶସେବା, ଦେଶଭକ୍ତି ଓ କୃତିତ୍ୱର ପ୍ରତୀକ ଭାବେ ଗଣ୍ୟ ହୋଇଥିବା ଏକ ଦୁର୍ଲଭ ରାଷ୍ଟ୍ରୀୟ ସମ୍ମାନ। ମଧୁସ୍ମିତା ବାରିକଙ୍କ ଏହି ସଫଳତା ପଦାର୍ଥ ବିଜ୍ଞାନ ବିଭାଗ ସହିତ ସମଗ୍ର ଫକୀର ମୋହନ ବିଶ୍ୱବିଦ୍ୟାଳୟର ଗୌରବକୁ ଜାତୀୟ ସ୍ତରରେ ଅଧିକ ଉଜ୍ଜ୍ୱଳ କରିଛି। କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ସହିତ ସମଗ୍ର ବିଶ୍ୱବିଦ୍ୟାଳୟ ପରିବାର ମଧୁସ୍ମିତାଙ୍କୁ ଅଭିନନ୍ଦନ ଜଣାଇ ତାଙ୍କର ଆଗାମୀ ଭବିଷ୍ୟତରେ ସଫଳତା ପାଇଁ ଶୁଭେଚ୍ଛା ପ୍ରକାଶ କରିଛନ୍ତି।







# ସମ୍ପାଦକୀୟ



ବ୍ୟକ୍ତିର ତିନୋଟି ଗୁଣ ଦେଖିବା ଉଚିତ - ବୁଦ୍ଧିମତ୍ତା, ସାମର୍ଥ୍ୟ ଓ ସାଧୁତା। ଯଦି ତୃତୀୟ ଗୁଣଟି ତା’ପାଖରେ ନାହିଁ, ତେବେ ଅନ୍ୟ ଦୁଇଟି ଥିଲେ ମଧ୍ୟ ମୂଲ୍ୟହୀନ।
- ୱାରେନ୍ ବଫେଟ୍

ସକାଳ
THE SAKALA

## ସମ୍ବିଧାନ ସର୍ବୋପରି

ଆମେ ଆଜି ସମୟର ଏଭଳି ଏକ ବେଳାରେ ଜନରାଜ୍ୟ ଦିବସ ପାଳନ କରୁଛୁ, ଯେତେବେଳେ ଆମ ପବିତ୍ର ସମ୍ବିଧାନ ସ୍ୱୀକୃତ ସହଯୋଗ ଆଧାରିତ ସଂଘୀୟ ଶାସନ ବ୍ୟବସ୍ଥାରୁ ‘ସହଯୋଗ’ଟି କ୍ରମଶଃ ଅପସୃତ ହୋଇଚାଲିଛି ଏବଂ ‘ବିରୋଧାଭାସ’ ତାହାର ସ୍ଥାନ ଅକ୍ତିଆର କରୁଥିବା ଦେଖାଯାଉଛି। ଗତବର୍ଷ କେତେକ ରାଜ୍ୟରେ ରାଜ୍ୟପାଳମାନଙ୍କର ଅତିକ୍ରିୟା ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ର ପ୍ରତି ଅସ୍ୱସ୍ତିକର ପରିବେଶ ସୃଷ୍ଟି କରିଥିଲା। ଏପରିକି ଦେଶର ସର୍ବୋଚ୍ଚ ନ୍ୟାୟାଳୟ ଏଥିରେ ହସ୍ତକ୍ଷେପ କରି ରାଜ୍ୟପାଳମାନଙ୍କୁ ସମ୍ବିଧାନ ପ୍ରଦତ୍ତ କ୍ଷମତାର ଲକ୍ଷ୍ମଣରେଖା ବିଷୟରେ ପୁଣି ଥରେ ସ୍ମରଣ କରାଇବାକୁ ପଡ଼ିଥିଲା। ଆଶା କରାଯାଉଥିଲା ରାଜ୍ୟପାଳ-ରାଜ୍ୟ ସରକାର ମଧ୍ୟରେ ସମ୍ପର୍କର ଏଭଳି ଅସୁସ୍ଥ ପରମ୍ପରା ଭାଙ୍ଗିବ। କିନ୍ତୁ ଚଳିତବର୍ଷ ମଧ୍ୟ ସେହି ଅବାଞ୍ଛିତ ଧାରା ଜାରି ରହିଛି ଏବଂ କ୍ରମଶଃ ସାମ୍ବିଧାନିକ ସଙ୍କଟକୁ ଆହୁରି ଜଟିଳ କରୁଛି। ପ୍ରାୟ ୭୬ ବର୍ଷ ପଛକୁ ଫେରିଯାଇ ଆଜିର ତାମିଲନାଡ୍ରୁ, କେରଳ ଓ କର୍ଣ୍ଣାଟକ ବିଧାନସଭାର ଘଟଣାକ୍ରମକୁ ଅନୁଶୀଳନ କଲେ ଆମ ସଂଘୀୟ ବ୍ୟବସ୍ଥା ଯେ ଲକ୍ଷ୍ୟପଥରୁ ବିଚ୍ୟୁତ ହୋଇସାରିଛି ତାହା ଅସ୍ୱୀକାର କରିହେବ ନାହିଁ।

ଦୁର୍ନୀତିଗ୍ରସ୍ତ ଶାସନ-ପ୍ରଶାସନ ପାଇଁ ‘ଛାଟ’ ଭାବେ ସ୍ୱୀକୃତ ସିବିଆଇ, ଇଡି ଆଦି ସଂସ୍ଥା ଏବେ କେନ୍ଦ୍ରର ଅସୂୟାମୂଳକ ଓ ଉଦ୍ଦେଶ୍ୟପ୍ରଣୋଦିତ ଅସ୍ତ୍ର ରୂପେ ବ୍ୟବହାର ହେଉଛି। ସ୍ୱଚ୍ଛ ଓ ଅବାଧ ନିର୍ବାଚନର ଉତ୍ତରଦାୟିତ୍ୱରେ ଥିବା ସାମ୍ବିଧାନିକ ସଂସ୍ଥା କ୍ଷମତାସୀନ ସରକାରର ହାତବାରିସି ହୋଇପଡୁଥିବାର ଅଭିଯୋଗମାନ ବଢ଼ିବାରେ ଲାଗିଛି। ଏକ୍ଷେତ୍ରରେ ଅଣଏନ୍‌ଡିଏ ଶାସିତ ରାଜ୍ୟମାନେ ଅଧିକରୁ ଅଧିକ ପ୍ରଭାବିତ ଓ ଅସନ୍ତୁଷ୍ଟ ହେଉଥିବା ଦେଖାଯାଉଛି। ଏପରିକି କେତେକ ରାଜ୍ୟ କେନ୍ଦ୍ର ସହିତ ପ୍ରତ୍ୟକ୍ଷ ମୁକାବିଲା ପାଇଁ ପ୍ରସ୍ତୁତ। କେନ୍ଦ୍ର-ରାଜ୍ୟ ସମ୍ପର୍କର ସମୀକ୍ଷା ପାଇଁ ଗତବର୍ଷ ଉଚ୍ଚକ୍ଷମତା ସମ୍ପନ୍ନ କମିଟି ଗଠନ କରିଥିବା ତାମିଲନାଡ୍ରୁ ମୁଖ୍ୟମନ୍ତ୍ରୀ ତଥା ଡିଏମ୍‌କେ ସୁପ୍ରିମୋ ଏମ କେ ଷ୍ଟାଲିନ୍ ଏବେ ଆଉ ଦୁଇପାଦ ଆଗକୁ ଯାଇ ଅଣହିନ୍ଦୀ, ବିଶେଷକରି ଦକ୍ଷିଣ ଭାରତୀୟ ଓ ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ସମାନ୍ତରାଳ ସମ୍ମାନଜନକ ସର୍ବୋଚ୍ଚ ପୁରସ୍କାରର ବ୍ୟବସ୍ଥା ବିଷୟରେ ଘୋଷଣା କରିଛନ୍ତି। ଆଞ୍ଚଳିକ ଅସ୍ମିତା ଆଧାରରେ ଏହା ଭାରତକୁ ହିନ୍ଦୀ ଓ ଅଣହିନ୍ଦୀ ଆଧାରରେ ଦୁଇଭାଗ କରିଦେବା ଭଳି ହୋଇଛି। ସ୍ୱାଧୀନତା ପରଠାରୁ ଜାତୀୟ ରାଜନୀତିରେ ହିନ୍ଦୀ ଭାଷାଭାଷୀ ଓ ଦକ୍ଷିଣ ଭାରତୀୟ ରାଜ୍ୟମାନଙ୍କରେ ମଧ୍ୟରେ ଯେଉଁ ଅସୂୟାର ମଞ୍ଜିଟିଏ ରୋପିତ ହୋଇ କାଳକ୍ରମେ ଦ୍ରୁମ ପାଲଟିସାରିଛି ସେଥିରେ ଏବେ ଫଳ ଧରିବା ଆରମ୍ଭ କରିଛି କହିଲେ ଅତିଶୟୋକ୍ତି ହେବ ନାହିଁ। ସେହିଭଳି ‘ବନ୍ଦେ ମାତରମ୍’କୁ ନେଇ ଯେଉଁ ବିବାଦ ଓ ବିତର୍କ ଉଠିଛି, ତାହା ମାଆକୁ ମଝିରେ ରଖି ସନ୍ତାନମାନେ ଦୁଇପଟୁ ଟଣାଓଟରା କରିବା ଭଳି ପରିବେଶଟିଏ ସୃଷ୍ଟି କରିଛି। କାଳାନ୍ତରର ଏଭଳି ବିତର୍କରୁ ଦୂରେଇ ରହିଥିଲେ ବରଂ ସମ୍ବିଧାନର ମର୍ଯ୍ୟାଦା ରକ୍ଷା ଅଧିକ ହୋଇଥା’ନ୍ତା।

ଆମ ସମ୍ବିଧାନ କେନ୍ଦ୍ର-ରାଜ୍ୟ ସମ୍ପର୍କ, ସ୍ୱାୟତ୍ତତା ଏବଂ ଯୁଗ୍ମ ଦାୟିତ୍ୱ ଓ ଅଧିକାର ବିଷୟ ସ୍ପଷ୍ଟ କରିଛି। ଅଥଚ ରାଜ୍ୟପାଳମାନଙ୍କର ଅତିକ୍ରିୟା ଯୋଗୁଁ ସାମ୍ବିଧାନିକ ସଙ୍କଟ ସୃଷ୍ଟି ହେଉଛି ଏବଂ ଆଞ୍ଚଳିକ ଅସୂୟା ବଢ଼ିବାରେ ଲାଗିଛି। ଯେତେବେଳେ ସଂଘୀୟ ବ୍ୟବସ୍ଥା ଦଳୀୟ ରାଜନୈତିକ ସ୍ୱାର୍ଥ ସାଧନ ଆଗରେ ବଳି ପଡ଼େ, ସାମ୍ବିଧାନିକ ମୂଲ୍ୟବୋଧ କ୍ଷୁଣ୍ଣ ହୁଏ, ସୁସ୍ଥ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ଅବନତି ଦେଖାଦିଏ, ଆଞ୍ଚଳିକ ଦଳମାନଙ୍କୁ ବର୍ଷ ବର୍ଷ ଧରି ଅବହେଳା ଓ ପାତରଅନ୍ତରର ସମ୍ମୁଖୀନ ହେବାକୁ ପଡ଼େ ସେତେବେଳେ ପୁଞ୍ଜିଭୂତ ଅସନ୍ତୋଷ ବିରୋଧାଭାସର ରୂପ ନିଏ। ଏବେ ତାହାର ପୁନରାବୃତ୍ତି ଘଟିଛି ବୋଲି କୁହାଯାଇପାରେ। ସ୍ୱାଧୀନତାର ଅମୃତକାଳର ଯାତ୍ରାରେ ଗଣତନ୍ତ୍ର ଓ ସାମ୍ବିଧାନିକ ମୂଲ୍ୟବୋଧ ଆହୁରି ପରିପକ୍ୱ ହେବା କଥା। କିନ୍ତୁ ବିରୋଧାଭାସ କେବଳ ଆମ ସମ୍ବିଧାନ ଉଦ୍‌ଘୋଷିତ ଅଖଣ୍ଡ ଭାରତ ପ୍ରତି ଗୁରୁତର ଆହ୍ୱାନ ସୃଷ୍ଟି କରିଚାଲିଛି।

ଏଥିସହିତ ବିଭିନ୍ନ କ୍ଷେତ୍ରରେ ଅଧିକାରର ସୁରକ୍ଷା ମଧ୍ୟ ପ୍ରଶ୍ନଘେରକୁ ଆସୁଛି। କ୍ରମବର୍ଦ୍ଧିଷ୍ଣୁ ତଥ୍ୟବଜାରରେ ବ୍ୟକ୍ତିଗତ ଗୋପନୀୟତା ବିପଦରେ ପଡ଼ିଛି। ‘ଅର୍ବାନ୍ ନକ୍ସଲାଇଟ୍’ ଅଭିଯୋଗରେ ଅଭିବ୍ୟକ୍ତିର କଣ୍ଠରୋଧ ହେଉଥିବା ବେଳେ ସ୍ୱାଧୀନ ଅଭିବ୍ୟକ୍ତି ଅଧିକାରର ମାତ୍ରାଧିକ ଓ ସଂଯମହୀନ ପ୍ରୟୋଗ ଦେଶର ସାର୍ବଭୌମତ୍ୱ ଓ ଅଖଣ୍ଡତା ପ୍ରତି ଗୁରୁତର ଆହ୍ୱାନ ସୃଷ୍ଟି କରୁଛି। ତେଣୁ ସମ୍ବିଧାନର ମୌଳିକ ଅଧିକାରଗୁଡ଼ିକର ପୁନଃ ସରଳ ଓ ପ୍ରାଞ୍ଜଳ ବ୍ୟାଖ୍ୟାନ ଅତ୍ୟାବଶ୍ୟକ ହୋଇପଡ଼ିଛି। ଖଣିଜ ରାଜସ୍ୱ ଲୋଭ ଓ ଅର୍ଥନୈତିକ ବିକାଶରେ ଯେଭଳି ଜଳବାୟୁର ଅସ୍ୱାଭାବିକତା ଚରମ ପ୍ରାକୃତିକ ବିପର୍ଯ୍ୟୟ ଏବଂ ପ୍ରଦୂଷଣ ସଙ୍କଟ ସୃଷ୍ଟି କରୁଛି ତାହା ସମ୍ବିଧାନ ପ୍ରଦତ୍ତ ନାଗରିକର ବଞ୍ଚିବାର ମୌଳିକ ଅଧିକାରକୁ ଛଡ଼ାଇ ନେଇଛି। ଏ ସମ୍ପର୍କରେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ତାଗିଦା ପରେ ମଧ୍ୟ ନିର୍ବିକାର ସରକାରଙ୍କ ନୀତିଗତ ପରିବର୍ତ୍ତନର ସାମାନ୍ୟତମ ଲକ୍ଷଣ ଦେଖାଯାଉନାହିଁ।

ସୁସ୍ଥ ଗଣତନ୍ତ୍ର ଏବଂ ସମ୍ବିଧାନ ପ୍ରଦତ୍ତ ମୌଳିକ ସ୍ୱାଧୀନତାର ସୁରକ୍ଷା ପାଇଁ ସଂଘୀୟ ବ୍ୟବସ୍ଥାର ଭିତ୍ତି ସୁଦୃଢ଼ ରହିବା ଜରୁରୀ। ଏଥିସହିତ ରାଜ୍ୟମାନଙ୍କର ସ୍ୱାୟତ୍ତତା ଓ ଅଧିକାର ମଧ୍ୟ ସୁରକ୍ଷିତ ରହିବା ଅପରିହାର୍ଯ୍ୟ। ଆଶା ଏଭଳି ଏକ ଘଡ଼ିସନ୍ଧି ସମୟରେ କେନ୍ଦ୍ର ସରକାର ରାଜ୍ୟମାନଙ୍କୁ ଅଧସ୍ତନ ନ ଭାବି ସହଯୋଗୀ ବୋଲି ମନେ କଲେ ଭାରତୀୟ ଗଣତନ୍ତ୍ରର ଅମୃତକାଳର ଯାତ୍ରା ସଫଳ ହେବ। ଗଣତାନ୍ତ୍ରିକ ରାଷ୍ଟ୍ରରେ ନାଗରିକମାନଙ୍କର ଅଧିକାର ଓ ସ୍ୱାଧୀନତାର ସୁରକ୍ଷା ସୁନିଶ୍ଚିତ ହେବା ସହିତ ଗଣତନ୍ତ୍ର ପ୍ରତି ଆସ୍ଥା ସୁଦୃଢ଼ ହେବ।

## ବୈଚାରିକ-ଜରାଶ୍ରମରେ ଜାତିର ପିତା

ଗୌରୀପ୍ରସାଦ ମହାପାତ୍ର

ମୋହନ ଦାସ କରମଚାନ୍ଦ ଗାନ୍ଧୀ - ଜଣେ ବ୍ୟକ୍ତିତ୍ୱ ନା ଏକ ବିଚାର? ସେ ସଂଗ୍ରାମୀ ନା ସାଧକ? ରାଜନେତା ନା ସମାଜସେବୀ? ଜଣେ ବାରିଷ୍ଟର ନା ସାମ୍ବାଦିକ? ଏକ ଆଦର୍ଶ ନା ମୂଲ୍ୟବୋଧ? ସେ ପୂଜ୍ୟ ନା ପୂଜାରୀ? ଏହି ସବୁ ପ୍ରଶ୍ନ ଆଜିର ସମୟରେ ବୋଧହୁଏ ଅର୍ଥହୀନ। କାରଣ ସେ ପ୍ରଶ୍ନାତୀତ ଓ କାଳାତୀତ। ସମୟ ତାଙ୍କୁ ବାନ୍ଧି ରଖିପାରିନି ଶତାବ୍ଦୀର ଏକ କାଳଖଣ୍ଡରେ ଏବଂ ନିର୍ଦ୍ଦିଷ୍ଟ କୌଣସି ଭୌଗୋଳିକ ସୀମା ଭିତରେ। କିନ୍ତୁ ସାମ୍ପ୍ରତିକ କଳୁଷିତ ରାଜନୈତିକ ପରିବେଶରେ ମହାତ୍ମାଙ୍କୁ ଯେତେବେଳେ କ୍ଷମତା-କାତର ଦୃଷ୍ଟିକୋଣରେ ଏକ ସଂକୁଚିତ ବୈଚାରିକ ବଳୟ ଭିତରେ ସୀମାବଦ୍ଧ କରିବାର ଅପଚେଷ୍ଟା ଆରମ୍ଭ ହୋଇଛି ସେତେବେଳେ ଉପରୋକ୍ତ ପ୍ରଶ୍ନ ସବୁ ପୁଣି ଥରେ ସମୀକ୍ଷାର ଅପେକ୍ଷା ରଖୁଛି।

‘ଗାନ୍ଧିଜୀ’ କେବଳ ଏକ ଉତ୍ତୁଙ୍ଗ ବ୍ୟକ୍ତିତ୍ୱର ପରିଚୟ ନୁହେଁ, ବିଚାରର ଏକ ପରିବ୍ୟାପ୍ତ ପରିଧି। ସେ ସଂଗ୍ରାମ ଓ ସାଧନାର ଏକ ଅପୂର୍ବ ସମନ୍ୱୟ। ମାନବ ଜାତିର ଆଦର୍ଶ ଓ ମାନବିକତାର ମୂଲ୍ୟବୋଧ। ସେ ପୂଜକ ସତ୍ୟର ଆଉ ପୂଜ୍ୟ ବିଶ୍ୱ ମାନବର। ଶାସନ, ପ୍ରଶାସନ, ରାଜନୀତି, ଅର୍ଥନୀତି, ପରିବାର, ସମାଜ ପାଇଁ ‘ଗାନ୍ଧୀ ବିଚାର’ ଏକ ସ୍ୱର୍ଣ୍ଣସଂହିତା। ସେ ବିଶ୍ୱ ସଭ୍ୟତା ଓ ବିକାଶର ମନ୍ତ୍ରଦ୍ରଷ୍ଟା। ଊନବିଂଶ ଓ ବିଂଶ ଶତାବ୍ଦୀର କର୍ମମୟ ଜୀବନ ଓ ଦର୍ଶନ ତାଙ୍କୁ ଏକବିଂଶ ଶତାବ୍ଦୀରେ ମଧ୍ୟ ଜୀବନ୍ତ କରି ରଖିଛି। ଆଗାମୀ ଅନେକ ଶତାବ୍ଦୀ ପର୍ଯ୍ୟନ୍ତ ସମଗ୍ର ବିଶ୍ୱକୁ ଆଲୋକିତ କରି ରଖିଥିବ ତାଙ୍କର ଆଦର୍ଶ, ଚିନ୍ତା ଓ ଚେତନା। ଗାନ୍ଧିଜୀଙ୍କ ସେହି ସଂହିତା ଓ ମନ୍ତ୍ର ଯଦି କାହାର ଅନ୍ତର୍ଦୃଷ୍ଟିରେ ପ୍ରତିଫଳିତ ହୋଇପାରୁନି ତେବେ ତାହା ବୈଚାରିକ ବିଭ୍ରାନ୍ତି ଓ ଅସୁସ୍ଥ ମାନସିକତାର ପରିଚୟ ବୋଲି କହିବାକୁ ହେବ।

‘ସର୍ବୋଦୟ ଅର୍ଥନୀତି’ର ତତ୍ତ୍ୱ-ସ୍ରଷ୍ଟାଙ୍କ ଦର୍ଶନ ଓ ଆଦର୍ଶକୁ ଯଦି ପରବର୍ତ୍ତୀ ପିଢ଼ିର ରାଷ୍ଟ୍ରନେତାମାନେ ଅନୁସରଣ କରିଥା’ନ୍ତେ ଏବଂ ରଚନାତ୍ମକ କାର୍ଯ୍ୟକ୍ରମର ସାର୍ବଜନୀନ ପ୍ରୟୋଗ ହୋଇଥା’ନ୍ତା, ତେବେ ସ୍ୱାଧୀନତାର ୭୮ ବର୍ଷ ପରେ ମଧ୍ୟ କ୍ଷେତ ଛାଡ଼ି କୃଷକମାନେ ରାଜରାସ୍ତାକୁ ଆସୁ ନ ଥା’ନ୍ତେ। କୋଟି କୋଟି ଯୁବକଯୁବତୀଙ୍କୁ ଜୀବନଜୀବିକାର ସନ୍ଧାନରେ ଗାଁ ଛାଡ଼ି ଦାଦନ ଖଟିବାକୁ ସହରାଭିମୁଖୀ ହେବାକୁ ପଡ଼ି ନଥା’ନ୍ତା। ବୁଣାକାରଟିଏ ନିଜ ବସନ ପାଇଁ ସମ୍ବଳ ଯୋଗାଡ଼ କରିବାରେ ଅସହାୟ ହୋଇ ନଥା’ନ୍ତା। ଅର୍ଦ୍ଧରାତ୍ରିରେ ମଧ୍ୟ ମହିଳାମାନେ ନିର୍ଭୟରେ ସୁରକ୍ଷିତ ଭାବେ ଘରକୁ ଫେରିପାରୁଥା’ନ୍ତେ। ଜାତିଆଣ ରାଜନୀତିରେ ଦଳିତ ଓ ନିଷ୍ପେଷିତମାନଙ୍କ ଆର୍ତ୍ତଚିତ୍କାର ଆକୁମାରୀକାଶ୍ମୀର ଶୁଭୁ ନ ଥା’ନ୍ତା। ଦେଶମାତୃକାର ସେବା, ବଳିଦାନ ଓ ତ୍ୟାଗର ପ୍ରତିଦାନ ପାଇବା ପାଇଁ ସୈନିକଟିଏ କୋର୍ଟକଚେରିକୁ ଯିବାକୁ ପଡୁ ନ ଥା’ନ୍ତା। ଶ୍ୱେତ ବିପ୍ଳବର ବନ୍ୟା ଆଜି ରାଜରାସ୍ତାକୁ ପ୍ଳାବିତ କରୁ ନଥା’ନ୍ତା। ସବୁଜ ବିପ୍ଳବ ଦିଗଭ୍ରଷ୍ଟ ହୋଇ ପରିବେଶ ପାଇଁ ଆତଙ୍କ ସୃଷ୍ଟି କରୁ ନ ଥା’ନ୍ତା। ସରକାରମାନେ ଦେଶ/ରାଜ୍ୟ ଚଳାଇବା ପାଇଁ ମଦ-ରାଜସ୍ୱ ଉପରେ ନିର୍ଭର କରୁ ନ ଥା’ ନ୍ତେ କି ବିଦେଶରେ ଯାଇ ପୁଞ୍ଜି ଭିକ୍ଷା କରୁ ନଥା’ନ୍ତେ।



ଆଜି ଯେତେବେଳେ ଭାରତର ଅଶାନ୍ତ ସୀମା ଏବଂ ଗାଁର ଉଜୁଡ଼ି ଯାଇଥିବା ସବୁଜିମା ସେହି ରାଷ୍ଟ୍ରନାୟକଙ୍କୁ ଖୋଜୁଛି; ତାଙ୍କର ବିଚାର, ଦର୍ଶନ ଓ ତତ୍ତ୍ୱ ବିଶ୍ୱାଦୃତ ହେଉଛି, ସେତେବେଳେ ତାଙ୍କ ସ୍ୱପ୍ନର ଭାରତରେ ହିଁ ପ୍ରତିଧ୍ୱନିତ ହେଉଛି ତାଙ୍କର ବୈଚାରିକ-ଉତ୍ତରଣ ଓ ରାଜନୈତିକ-ଅହଂ ମଧ୍ୟରେ ସୃଷ୍ଟି ହୋଇଥିବା ସଂଘାତର ଗୁଞ୍ଜରଣ। କ୍ଷମତାର ଅଳନ୍ଧୁ ଭିତରେ ସତେଯେମିତି ହଜିଯାଇଛି ମହାମାନ୍ୟବରଙ୍କ ସେହି ‘ପରଶମଣି’। ବ୍ୟବସ୍ଥାପିକାର କୋଳାହଳ ଭିତରେ ନିଷ୍ପ୍ରଭ ହୋଇ ଯାଉଛି ‘ଗ୍ରାମ ସ୍ୱରାଜ’ର ସ୍ୱର। ଶାସନତନ୍ତ୍ରର କଂଗ୍ରେସ-କାତରତା ମହାତ୍ମାଙ୍କୁ ଦଳୀୟ ରାଜନୀତିର କ୍ଷୁଦ୍ର ପରିଧି ଭିତରେ କାରାବଦ୍ଧ କରିଦେଇଛି। ଏଠାରେ ସ୍ମରଣ କରାଇବା ଉଚିତ ହେବ ଯେ ଭାରତର ଗାନ୍ଧିଜୀ-କୈନ୍ଦ୍ରିକ କଂଗ୍ରେସ ଏବଂ ସ୍ୱାଧୀନୋତ୍ତର କଂଗ୍ରେସ ମଧ୍ୟରେ ଆକାଶ ପାତାଳ ଫରକ ରହିଛି। ବରଂ ମୂଳ ଲକ୍ଷ୍ୟ ପୂରଣ ହୋଇସାରିଥିବାରୁ ସ୍ୱାଧୀନତା ପ୍ରାପ୍ତି ପରେ କଂଗ୍ରେସକୁ ଭାଙ୍ଗି ଦେବା ପାଇଁ ମହାତ୍ମା ପ୍ରସ୍ତାବ ଦେଇ ସେ ଦିଗରେ ଉଦ୍ୟମ ମଧ୍ୟ ଆରମ୍ଭ କରିଥିଲେ। ଗାନ୍ଧିଜୀ କୌଣସି ରାଜନୈତିକ ଦଳର ସ୍ୱତ୍ତ୍ୱ ନୁହନ୍ତି, ବରଂ ତାଙ୍କ ନାମକୁ ପୁଞ୍ଜି କରି ରାଜନୈତିକ ଦଳମାନେ ନିର୍ବାଚନୀ-ସଫଳତା ପାଇଛନ୍ତି। ବୋଧହୁଏ ଏହି ଫରକକୁ ଦେଖିବାରେ ଅନ୍ତର୍ଦୃଷ୍ଟିର ଅଭାବ ଯୋଗୁଁ ମହାତ୍ମା ଆଜି କଂଗ୍ରେସ-କଳଙ୍କିତ ହୋଇଯାଇଛନ୍ତି। ସତେଯେମିତି ସାମ୍ପ୍ରତିକ ରାଜନୀତିର ବୈଚାରିକ-ଜରାଶ୍ରମରେ ଜାତିର ପିତାଙ୍କ ଅସ୍ତିତ୍ୱକୁ ଥଇଥାନ କରିଦେବା ପାଇଁ ବାଧ୍ୟବାଧକତାର ପରିବେଶ ଓ ପରିସ୍ଥିତିଟିଏ ସୃଷ୍ଟି କରାଯାଇଛି।

ଆଜିର ସ୍ୱାର୍ଥକୈନ୍ଦ୍ରିକ-ସମାଜ ଏବଂ ଉଦ୍ଦାମ-ପ୍ରଚୋଦିତ ରାଜନୀତିରେ ବାର୍ଦ୍ଧକ୍ୟ ଯେପରି ଅବହେଳିତ, ଗାନ୍ଧୀ ବିଚାର ମଧ୍ୟ ସେଭଳି ଅନେକଙ୍କ ପାଇଁ ଅପାଂକ୍ତେୟ ଓ ଅବାଞ୍ଛିତ ମନେ ହେବା ଅସମ୍ଭବ ନୁହେଁ। ଅଧିକନ୍ତୁ ଯେଉଁ ସାତଟି ପାପ - ‘ନୀତି ବିହୀନ ରାଜନୀତି, ନୈତିକତା ବିହୀନ ବାଣିଜ୍ୟ ବ୍ୟବସାୟ, ଚରିତ୍ର ବିହୀନ ଶିକ୍ଷା, ଶ୍ରମ ବିହୀନ ସମ୍ପଦ, ବିବେକ ବିହୀନ ବିଳାସ, ମାନବିକତା ବିହୀନ ବିଜ୍ଞାନ ଓ ତ୍ୟାଗ ବିହୀନ ଉପାସନା’କୁ ପରିହାର କରିବା ପାଇଁ ଗାନ୍ଧିଜୀ ଉପଦେଶ ଦେଇଥିଲେ ସେହି ପାପଗୁଡ଼ିକ ଆଜି ଭୋଟ-ମେଧ ଯଜ୍ଞରେ ପୂତପବିତ୍ର ହୋଇ ସଫଳ ଜୀବନର ମନ୍ତ୍ର ଭାବେ ବହୁଆଦୃତ ହୋଇସାରିଛି। ଏଭଳି କୌଣସି କ୍ଷେତ୍ର ନାହିଁ, ଯେଉଁଠାରେ ଜାତିର ପିତାଙ୍କୁ ଆମେ ହତାଦର କରୁନାହୁଁ। ଏହି ପୃଷ୍ଠଭୂମିରେ ଯଦି କୌଣସି ଯୋଜନା କିମ୍ବା ଆଇନରୁ ମହାତ୍ମାଙ୍କ ନାମ ବାଦ୍ ପଡ଼େ, ତେବେ ସେଥିରେ ଅଧିକ ଆଶ୍ଚର୍ଯ୍ୟ ହେବାର ନାହିଁ। କିନ୍ତୁ ଯିଏ ‘ଗ୍ରାମ ସ୍ୱରାଜ’ର କଥା କହିଥିଲା, ଯିଏ ସମାଜର ସବୁଠାରୁ ଦୁର୍ବଳ ବର୍ଗର ହିତସାଧନ ପାଇଁ ‘ପରଶମଣି(ଟାଲିସ୍‌ମ୍ୟାନ୍)’ ର ତତ୍ତ୍ୱ ଦେଇଥିଲା, ‘ସର୍ବୋଦୟ ଅର୍ଥନୀତି’ର ଉଦ୍‌ଘୋଷଣା କରିଥିଲା, ତା’ର ନାଁ ହିଁ ଶେଷରେ ତା’ ଦେଶର ସର୍ବବୃହତ୍ ଓ ସର୍ବାଦୃତ ଗ୍ରାମୀଣ ଯୋଜନାରୁ ବାଦ୍ ପଡ଼ିଲା। ସ୍ୱାଧୀନ ଭାରତରେ ଏହାଠାରୁ ବଳି ବଡ଼ ବିଡ଼ମ୍ବନା ଏବଂ ସ୍ୱାଧୀନତାର ସେନାପତିଙ୍କ ପ୍ରତି ଏହାଠାରୁ ବଡ଼ ଅପମାନ ଆଉ କ’ଣ ହୋଇପାରେ? ଏକବିଂଶ ଶତାବ୍ଦୀର ବିକାଶ ଯାତ୍ରାରେ ମହାତ୍ମା-ସିଦ୍ଧାନ୍ତ ପ୍ରାସଙ୍ଗିକତା ହରାଇବା ତାଙ୍କ ସ୍ୱପ୍ନର ଭାରତ ପ୍ରତି କୃତଜ୍ଞତା ନା କୃତଘ୍ନତା ତାହା ମଧ୍ୟ ବିଚାରସାପେକ୍ଷ।

ଶେଷରେ ବହୁଚର୍ଚ୍ଚିତ ଲୋକପ୍ରିୟ ହିନ୍ଦୀ ଚଳଚ୍ଚିତ୍ର ‘ଲଗେ ରହୋ ମୁନ୍ନା ଭାଇ’ର ସେହି ହୃଦୟସ୍ପର୍ଶୀ ସଂଳାପଟକୁ ମନେ ପକାଇବା, ଯେଉଁଥିରେ ଗାନ୍ଧିଜୀ ମୁନ୍ନା ଭାଇଙ୍କ ଜରିଆରେ ଭାରତୀୟ ନାଗରିକମାନଙ୍କୁ କହୁଛନ୍ତି - ‘ଏ ଦେଶରେ ମୋର ଯେତେସବୁ ମୂର୍ତ୍ତି ଅଛି ସବୁତକ ଭାଙ୍ଗିଦିଅ, ସବୁ କାନ୍ଥବାଡ଼ରୁ ମୋର ଫଟୋ ବାହାର କରି ଫୋପାଡ଼ି ଦିଅ, ସବୁ ଅନୁଷ୍ଠାନ-ଛକ-ଗଳି-ରାସ୍ତା-ସ୍ମାରକୀରୁ ମୋର ନାମ ହଟାଇଦିଅ। ଯଦି କେଉଁଠି ରଖିପାରିବ ତେବେ ତୁମ ହୃଦୟରେ ରଖ।’ ‘....ଆଜି ବାପୁଜୀ ଯଦି ବଞ୍ଚିଥା’ନ୍ତେ ତେବେ ଭାବୁଥା’ନ୍ତେ ଦେଶ ତ ଆମ ନିଜର ହୋଇଗଲା; କିନ୍ତୁ ଦେଶକୁ ଚଳାଉଥିବା ଲୋକ ପର ହୋଇଗଲେ...।’ ଏ ସଂଳାପର ପ୍ରାସଙ୍ଗିକତା ଓ ସମ୍ବେଦନଶୀଳତା କେତେ ସେ ବିଚାର ଜନତାଙ୍କର। ପୁଣି ଗାନ୍ଧୀ-ଦର୍ଶନର ସ୍ଥାନ ଆମ ହୃଦୟ-ସିଂହାସନରେ ନା ବୈଚାରିକ ଜରାଶ୍ରମରେ ସେ ନିଷ୍ପତ୍ତିର ଅଧିକାର ମଧ୍ୟ ଆପଣମାନଙ୍କର। ଏବେ ପୁଣି ଥରେ ‘ଗାନ୍ଧୀ-ଗିରି’ର ଆବଶ୍ୟକତା ରହିଛି କି? ଏ ପ୍ରଶ୍ନର ଉତ୍ତର ଦେବା ଦାୟିତ୍ୱ ସମୟର।

ଭୁବନେଶ୍ୱର, ମୋ: ୯୩୩୮୦୮୭୯୦୦

## କଟକଣା କେବଳ କାଗଜରେ?

ଅଜିତ୍ କୁମାର ପ୍ରଧାନ

ଓଡ଼ିଶାରେ ତମାଖୁ ଓ ନିକୋଟିନ୍‌ଯୁକ୍ତ ସମସ୍ତ ଉତ୍ପାଦ ଉପରେ ସମ୍ପୂର୍ଣ୍ଣ କଟକଣା ଲଗାଇବାକୁ ରାଜ୍ୟ ସରକାର ନେଇଥିବା ନିଷ୍ପତ୍ତି ନିଶ୍ଚିତ ଭାବେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ସ୍ୱାସ୍ଥ୍ୟ ସୁରକ୍ଷା, ବିଶେଷକରି କର୍କଟ ଭଳି ମାରାତ୍ମକ ରୋଗରୁ ସାଧାରଣ ଲୋକଙ୍କୁ ବଞ୍ଚାଇବା ଦୃଷ୍ଟିକୋଣରୁ ଏହି ନିଷେଧାଦେଶର ଆବଶ୍ୟକତାକୁ ଅସ୍ୱୀକାର କରାଯାଇପାରିବ ନାହିଁ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଓ ଆନ୍ତର୍ଜାତିକ କର୍କଟ ଗବେଷଣା ସଂସ୍ଥାଙ୍କ ରିପୋର୍ଟ ଏହା ସ୍ପଷ୍ଟ କରିଛି ଯେ ଧୂଆଁହୀନ ତମାଖୁ ସେବନ ଭାରତରେ କର୍କଟ ରୋଗର ଏକ ପ୍ରମୁଖ କାରଣ। ଓଡ଼ିଶାରେ ଧୂଆଁହୀନ ତମାଖୁ ସେବନର ହାର ଜାତୀୟ ହାରଠାରୁ ଦୁଇଗୁଣ ଥିବା ତଥ୍ୟ ନିଶ୍ଚିତ ଭାବେ ଚିନ୍ତାଜନକ। ଏହି ପରିସ୍ଥିତିରେ ରାଜ୍ୟ ସରକାରଙ୍କ ନୂତନ ବିଜ୍ଞପ୍ତି ସ୍ୱାସ୍ଥ୍ୟ ଦୃଷ୍ଟିରୁ ଏକ ଦୃଢ଼ ଓ ସାହସିକ ପଦକ୍ଷେପ ବୋଲି କୁହାଯାଇପାରେ।

ତଥାପି, ଏହି ଘୋଷଣା ପରେ ସ୍ୱାଭାବିକ ଭାବେ କିଛି ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଉଠୁଛି। ସବୁଠାରୁ ମୁଖ୍ୟ ପ୍ରଶ୍ନ ହେଉଛି ଏହି କଟକଣା କେବଳ କାଗଜକଲମର ଘୋଷଣାରେ ସୀମିତ ରହିଯିବନି ତ? କାରଣ ଏହା ପୂର୍ବରୁ ମଧ୍ୟ ୨୦୧୩ ମସିହାରେ ଗୁଟ୍‌ଖା ନିଷେଧ ସମୟରେ ଯେଉଁ ଅନୁଭବ ଦେଖାଯାଇଥିଲା, ସେହି ଅନୁଭବ ଆଜି ମଧ୍ୟ ସର୍ବସାଧାରଣଙ୍କ ସ୍ମୃତିରେ ତାଜା ରହିଛି। ଗୁଟ୍‌ଖା ନିଷିଦ୍ଧ ଘୋଷଣା ପରେ ଆରମ୍ଭରେ କଟକଣା କଠୋର ଭାବରେ ପାଳନ କରାଯାଇଥିଲେ ମଧ୍ୟ ପରବର୍ତ୍ତୀ ସମୟରେ କମ୍ପାନୀମାନେ ଆଇନର ଫାଙ୍କରୁ ଲାଭ ଉଠାଇ ତମାଖୁ ଓ ପାନମସଲାକୁ ଅଲଗା ଅଲଗା ପ୍ୟାକେଟ୍‌ରେ ବିକ୍ରି କରି ପୁରୁଣା ବ୍ୟବସାୟକୁ ପୁଣି ସଜାଇଥିଲେ। ଫଳସ୍ୱରୂପ, ଗୁଟ୍‌ଖା ନିଷେଧ ହୋଇଥିଲେ ମଧ୍ୟ ତାହାର ପ୍ରଭାବ ଦୀର୍ଘକାଳୀନ ହୋଇପାରିଲା ନାହିଁ।



ଏହି ପୃଷ୍ଠଭୂମିରେ ଦେଖିଲେ, ନୂତନ ନିଷେଧାଦେଶର ପ୍ରଭାବକୁ ନେଇ ସନ୍ଦେହ ପ୍ରକାଶ ପାଇବା ସ୍ୱାଭାବିକ। ତମାଖୁ ଓ ନିକୋଟିନ୍‌ଯୁକ୍ତ ଉତ୍ପାଦରୁ ସରକାର ଟିକସ ଆକାରରେ ପ୍ରତିବର୍ଷ ହଜାର ହଜାର କୋଟି ଟଙ୍କାର ରାଜସ୍ୱ ଆଦାୟ କରୁଛନ୍ତି। ଏହି ବିଶାଳ ରାଜସ୍ୱ ହରାଇବାକୁ ସରକାର କେତେଦୂର ପ୍ରସ୍ତୁତ ସେହି ପ୍ରଶ୍ନ ମଧ୍ୟ ଉଠୁଛି। ଅନେକ ସମୟରେ ଦେଖାଯାଇଛି ଯେ ସ୍ୱାସ୍ଥ୍ୟ ଓ ରାଜସ୍ୱ ମଧ୍ୟରେ ସଂଘର୍ଷ ହେଲେ ଶେଷରେ ରାଜସ୍ୱ ହିଁ ପ୍ରାଧାନ୍ୟ ପାଉଛି। ଯଦି ଏହି ନୂତନ ନିଷେଧାଦେଶ କେବଳ କିଛିଦିନ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇ ତା’ପରେ ଧୀରେଧୀରେ ଶିଥିଳ ହୋଇଯାଏ, ତେବେ ଏହା ଲୋକଙ୍କ ସ୍ୱାସ୍ଥ୍ୟକୁ ନୁହେଁ, ବରଂ ସରକାରୀ ନୀତିର ବିଶ୍ୱସନୀୟତାକୁ ମଧ୍ୟ ଆଘାତ ପହଞ୍ଚାଇବ। କାଗଜରେ କଟକଣା ଓ ମାଟିସ୍ତରରେ ଢିଲା - ଏହି ପୁରୁଣା ଧାରା ପୁନରାବୃତ୍ତି ହେଲେ ସର୍ବସାଧାରଣଙ୍କ ଭରସା ଆହୁରି କମିବ।

ତେଣୁ ଏହି ପଦକ୍ଷେପକୁ ସଫଳ କରିବା ପାଇଁ ସରକାର କେବଳ ବିଜ୍ଞପ୍ତି ଜାରି କରିବାରେ ସୀମିତ ରହିଲେ ହେବ ନାହିଁ। କଠୋର ନିରୀକ୍ଷଣ, ନିୟମିତ ଚଢ଼ଉ, ସୀମାନ୍ତ ଅଞ୍ଚଳରେ ଅବୈଧ ଚାଲାଣ ଉପରେ ନଜର ଏବଂ ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ ଦଣ୍ଡ ଆଦି ବିନା ନିଷେଧାଦେଶ କେବଳ ଘୋଷଣାରେ ଅଟକି ଯିବ। ତମାଖୁ ଓ ନିକୋଟିନ୍‌ଯୁକ୍ତ ଉତ୍ପାଦ ଉପରେ ଲଗାଯାଇଥିବା ଏହି କଟକଣା ଏକ ଐତିହାସିକ ପଦକ୍ଷେପ ହେବାର ସମ୍ଭାବନା ରଖେ। କିନ୍ତୁ ଯଦି ଏହା ପରବର୍ତ୍ତୀ ସମୟରେ ରାଜସ୍ୱ ଲୋଭ କିମ୍ବା ପ୍ରଶାସନିକ ଢିଲାପଣରେ ପୁଣି ମୁଣ୍ଡ ଉଠାଏ, ତେବେ ଏହା ଆଉ ଏକ ବିଫଳ ଅନୁଭବ ହୋଇ ରହିଯିବ।

ବାସ୍ତବରେ କେବଳ ବିକ୍ରି ଓ ପରିବହନ ଉପରେ କଟକଣା ଲଗାଇଲେ ସମସ୍ୟାର ସ୍ଥାୟୀ ସମାଧାନ ସମ୍ଭବ ନୁହେଁ। ଯେପର୍ଯ୍ୟନ୍ତ ଏହି ତମାଖୁ ଓ ନିକୋଟିନ୍‌ଯୁକ୍ତ ଉତ୍ପାଦର ଉତ୍ପାଦନ ଚାଲୁ ରହିବ, ସେପର୍ଯ୍ୟନ୍ତ ଭିନ୍ନ ଭିନ୍ନ ଉପାୟରେ ଏହା ବଜାରରେ ପହଞ୍ଚିଯିବ। ଯଦି ସରକାର ସଂପୂର୍ଣ୍ଣ ଭାବେ ଏହି ଉତ୍ପାଦନ ପ୍ରକ୍ରିୟାକୁ ହିଁ ବନ୍ଦ କରିଦେବାର ସାହସିକ ନିଷ୍ପତ୍ତି ନେଉଥା’ନ୍ତେ, ତେବେ ଅବୈଧ ବେପାର ସୁଯୋଗ ଏବଂ କଟକଣାର ଆବଶ୍ୟକତା ହିଁ ନ ଥା’ନ୍ତା।

ନୀଳଗିରି(ବାଲେଶ୍ୱର)ମୋ: ୯୭୭୭୮୧୪୫୪୧

## ଆମ ବୃକ୍ଷଲତା ଆମ ଜୀବନ

**ଗେଣ୍ଡୁ**
(Marigold-Tagetes patula)

**ପ୍ରକୃତି-ପରିବେଶ**

ସୌଭାଗ୍ୟସୁନ୍ଦର

ମେକ୍ସିକୋ ଓ ଗୁଏଟେମାଲାର ମୂଳ ଜାତ ଏହି ଋତୁକାଳୀନ କ୍ଷୁଦ୍ର ପୁଷ୍ପ ଉଦ୍ଭିଦ ଅନେକ ଯୁଗରୁ ଭାରତ ଏବଂ ବିଶ୍ୱର ବିଭିନ୍ନ ଦେଶରେ ପ୍ରାକୃତିକୀକରଣ ହୋଇସାରିଛି। ଆକର୍ଷଣୀୟ ମଖମଲ-ଆକୃତି, ଚମତ୍କାର ରଙ୍ଗ ବିରଙ୍ଗ, ଧାର୍ମିକ ଓ ଆଳଙ୍କାରିକ ମୂଲ୍ୟ ପାଇଁ ଏହି ଫୁଲ ଓ ଉଦ୍ଭିଦର ଆଦର ବଢ଼ିବାରେ ଲାଗିଛି।

ଗେଣ୍ଡୁ ପ୍ରାୟ ଏକମିଟର ଉଚ୍ଚତା ପର୍ଯ୍ୟନ୍ତ ବଢ଼ିପାରେ। ଏହାର ପତ୍ରଗୁଡ଼ିକ ପତଳା, ଯୌଗିକ, ଇମ୍ପାରିପିନେଟ୍ ବା ଅସମପକ୍ଷଳ, ଲାନ୍ସୋଲେଟ୍ ବା ବର୍ଚ୍ଛାଶୀର୍ଷ ଆକୃତି, ଦନ୍ତଯୁକ୍ତ ଗାଢ଼ ସବୁଜ ଏବଂ ପରସ୍ପର ନିକଟତର ଗଣ୍ଠିରୁ ବିପରୀତ ଦିଗରେ ଉତ୍ପନ୍ନ ହୁଏ। ପୁଷ୍ପୋଦଗମ ହେଉଛି ଏକ କ୍ୟାପିଟୁଲମ୍, ଯାହା ଏକ ଥଳି ଭଳି। ମୁଖ୍ୟ କାଣ୍ଡ ଓ ପାର୍ଶ୍ୱ ଶାଖାଗୁଡ଼ିକର ଅଗ୍ରଭାଗରେ ବିକଶିତ ହୁଏ। ପୁଷ୍ପସ୍ତବକ ପୀତ ବା ସାମାନ୍ୟ ଲୋହିତ। ଫୁଲଗୁଡ଼ିକ କ୍ଷୁଦ୍ର, ଲମ୍ବାଳିଆ, ଦୁଇପ୍ରକାରର, ଯାହା କେନ୍ଦ୍ର ଭାଗରେ ହର୍ମାଫ୍ରୋଡାଇଟ୍ ବା ଉଭୟ ଲିଙ୍ଗୀ ବା ଡିସ୍କ ଫ୍ଲୋରେଟ ଏବଂ ବାହ୍ୟ ଭାଗରେ ଏକଲିଙ୍ଗୀ, ସ୍ତ୍ରୀ ଲିଙ୍ଗୀ ବା ରେ ଫ୍ଲୋରେଟ ଧାରଣ କରିଥାଏ। ଫଳ ବା ବିହନ ଗୁଡ଼ିକ ଛୋଟ, ପତଳା, ଲମ୍ବା, ଗାଢ଼ ରଙ୍ଗର ଏବଂ ପର ଭଳି ଦେଖାଯାଏ, ବାୟୁରେ ସହଜରେ ଉଠିପାରେ। ଏଗୁଡ଼ିକୁ ସଂରକ୍ଷଣ କରି ପରବର୍ତ୍ତୀ ଋତୁରେ ପୁନଃରୋପଣ କରାଯାଇପାରିବ। ଶୀତକାଳରେ, ସାଧାରଣତଃ ସେପ୍ଟେମ୍ବରରୁ ଜାନୁଆରୀ ପର୍ଯ୍ୟନ୍ତ ଫୁଲ ଫୁଟେ।

ଗେଣ୍ଡୁକୁ ଚର୍ମ ଓ ମୁଣ୍ଡର ବ୍ରଣ, ଡ୍ୟାଣ୍ଡ୍ରଫ୍, ଏକଜିମା, ସୋରିଆସିସ୍ ହ୍ରାସ କରିବା ଏବଂ ସୁସ୍ଥ କେଶ ବୃଦ୍ଧି ପାଇଁ ପାରମ୍ପରିକ ଉପଚାରରେ ବ୍ୟବହାର କରାଯାଏ। ଏତଦ୍‌ବ୍ୟତୀତ ରକ୍ତସ୍ରାବ ବନ୍ଦ କରିବା ଏବଂ କ୍ଷତ, କଟା ଘା’ ଓ ଅନ୍ୟ ଘା, ପୋଡ଼ାଜଳା ଉପଶମ ପାଇଁ ତାଜା ଗେଣ୍ଡୁ ପତ୍ରର ରସ ପ୍ରୟୋଗ କରାଯାଏ। ଗେଣ୍ଡୁଫୁଲର କ୍ୱାଥକୁ ବାୟୁନାଶକ ରୂପେ ବ୍ୟବହାର କରାଯାଏ। କ୍ୟାଣ୍ଡିଡାଇସିସ୍ ଚିକିତ୍ସା ସମେତ ଏହାର ପ୍ରଦାହ-ବିରୋଧୀ, ଆଣ୍ଟିଅକ୍ସିଡାଣ୍ଟ ଓ ଆଣ୍ଟିଫଙ୍ଗାଲ୍ ଗୁଣ ବ୍ରଣ ଚିକିତ୍ସାରେ ସାହାଯ୍ୟ କରେ। ଏହା କେତେକ ହର୍ବାଲ୍ ଚା’ରେ ବ୍ୟବହୃତ ହୁଏ, ଯାହା ହଜମ ପ୍ରକ୍ରିୟାକୁ ସହଜ, ଓଜନ ହ୍ରାସ ଓ ମାଂସପେଶୀ ଯନ୍ତ୍ରଣା ନିବାରଣରେ ସହାୟକ ହୁଏ। ମହିଳାମାନଙ୍କ ସ୍ୱାସ୍ଥ୍ୟକୁ ସଶକ୍ତ କରିବା ଏବଂ ମାସିକ ଋତୁଚକ୍ର ନିୟନ୍ତ୍ରଣ କରିବା ପାଇଁ ଗେଣ୍ଡୁ ଫୁଲକୁ ପାରମ୍ପରିକ ଭାବରେ ଔଷଧୀୟ ଉପଚାରରେ ବ୍ୟବହାର କରାଯାଏ।

ଗେଣ୍ଡୁ ଫୁଲର ଉଦ୍‌ବାୟୀ ତୈଳକୁ ଚନ୍ଦନ ତେଲ ସହିତ ମିଶାଯାଇ ‘ଅତର’ ଉତ୍ପାଦନ କରାଯାଏ। ୧ ହେକ୍ଟର ଜମିରେ ଲଗାଯାଇଥିବା ଫୁଲରୁ ପ୍ରାୟ ୩୫ କିଲୋଗ୍ରାମ ପର୍ଯ୍ୟନ୍ତ ତେଲ ଉତ୍ପାଦନ କରାଯାଇପାରିବ। ଏହି ଅତ୍ୟାବଶ୍ୟକ ତେଲ ରୋଗ ପୋକ ବିରୁଦ୍ଧରେ ଅବଶିଷ୍ଟ କୀଟନାଶକ ଭାବରେ ବ୍ୟବହାର କରାଯାଏ। ଏହି ତେଲରେ ୩୦ ରୁ ଅଧିକ ଉପାଦାନ ଥାଏ, ଯେଉଁଥିରେ ଟାଗେଟୋନ୍ ଏବଂ ଗାମା- ଟର୍ପିନେନ୍ ମୁଖ୍ୟ ଉପାଦାନ। ଅନ୍ୟାନ୍ୟ ଯୌଗିକ ଜୈବ ରସାୟନଗୁଡ଼ିକ ହେଉଛି ମାଇରସିନ୍, ଲିମୋନିନ୍, ବିଟା- କ୍ୟାରିଓଫାଇଲିନ୍, ପାଇପିରିଟୋନ୍ ଇତ୍ୟାଦି।

ଜର୍ଜିଆ ଭଳି କିଛି ଦେଶରେ ଗେଣ୍ଡୁ ଫୁଲରୁ ଏକପ୍ରକାର ମସଲା ପ୍ରସ୍ତୁତ କରାଯାଏ। ଫୁଲଗୁଡ଼ିକ ଖାଦ୍ୟଯୋଗ୍ୟ ଏବଂ ପ୍ରାୟ ସାଲାଡରେ ବ୍ୟବହାର କରାଯାଏ। ବସ୍ତ୍ର ଓ ଖାଦ୍ୟକୁ ରଙ୍ଗ କରିବା ପାଇଁ ମଧ୍ୟ ଗେଣ୍ଡୁ ଫୁଲମଚବ୍ୟବହାର କରାଯାଇପାରିବ। ପତ୍ରଗୁଡ଼ିକ ପ୍ରାକୃତିକ କୀଟପତଙ୍ଗ ପ୍ରତିରୋଧକ ଭାବରେ ମଧ୍ୟ କାର୍ଯ୍ୟ କରେ ଏବଂ କେତେକ ଅଞ୍ଚଳରେ ଖାଦ୍ୟକୁ ସ୍ୱାଦିଷ୍ଟ କରିବା ପାଇଁ ବ୍ୟବହାର କରାଯାଇଥାଏ। କୁକୁଡ଼ା ଖାଦ୍ୟରେ ମିଶାଇବା ପାଇଁ ଗେଣ୍ଡୁ ଫୁଲ ଚାଷ କରାଯାଏ, ଯାହା ଦ୍ୱାରା କୁକୁଡ଼ା ଅଣ୍ଡାକୁ ଏକ ସୁବର୍ଣ୍ଣ ରଙ୍ଗ ମିଳିଥାଏ।

ଗେଣ୍ଡୁର ବଂଶବିସ୍ତାର ବିହନ ତଥା କଟା କାଣ୍ଡ ମାଧ୍ୟମରେ ସମ୍ଭବ ହୋଇଥାଏ। ଏହା ବାଲିଆ ଏବଂ ପଟୁ ମାଟି ରେ ବଢ଼ିଥାଏ। ମଧ୍ୟମ ଉର୍ବର, କିନ୍ତୁ ସମାନ ଭାବରେ ଆର୍ଦ୍ର ପରିସ୍ଥିତି ସହିତ ପୂର୍ଣ୍ଣ ସୂର୍ଯ୍ୟାଲୋକରେ ଭଲ ଜଳ ନିଷ୍କାସନ ହୋଇଥିବା ମାଟି ଆବଶ୍ୟକ କରେ। ଗେଣ୍ଡୁର ଶହ ଶହ ଉପଜାତି ବିକଶିତ ହୋଇଛି, ଯାହା ମଧ୍ୟରୁ କିଛି ‘ରୟାଲ୍ ହର୍ଟିକଲ୍‌ଚରାଲ୍ ସୋସାଇଟି’ର ‘ଗାର୍ଡେନ୍ ମେରିଟ୍’ ପୁରସ୍କାର ପ୍ରାପ୍ତ। ବାଡ଼ ଭିତରେ ହରିଣମାନଙ୍କ ପ୍ରବେଶକୁ ନିରୁତ୍ସାହିତ କରିବା ପାଇଁ ଉଦ୍ୟାନ ଦାଢ଼ରେ ଗେଣ୍ଡୁ ରୋପଣ କରାଯାଏ।

ଭୁବନେଶ୍ୱର, ମୋ: ୯୪୩୭୧୯୦୪୭୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. ‘ସକାଳ’ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. ‘ସକାଳ’କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. ‘ସକାଳ’ ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ ‘ସକାଳ’ ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ ‘ସକାଳ’ କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ସ୍କୁଲ ପିଲାଙ୍କ ଗହଣରେ ପ୍ରଧାନମନ୍ତ୍ରୀଙ୍କ ମନ୍ କୀ ବାତ ଶୁଣିଲେ ମୁଖ୍ୟମନ୍ତ୍ରୀ




ଭୁବନେଶ୍ୱର, ୨୫।୧ (ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରବିବାର ଭୁବନେଶ୍ୱରସ୍ଥିତ ରାଜଭବନ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ସ୍କୁଲ ଛାତ୍ରଛାତ୍ରୀ ଓ ସ୍ଥାନୀୟ ବାସିନ୍ଦାଙ୍କ ଗ୍ରହଣରେ ପ୍ରଧାନମନ୍ତ୍ରୀଙ୍କ ମନ କୀ ବାତ କାର୍ଯ୍ୟକ୍ରମ ଶୁଣିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ମନ କୀ ବାତ କାର୍ଯ୍ୟକ୍ରମର ଆଜି ୧୩୦ତମ ଅଧ୍ୟାୟ ଥିଲା।

- ଷ୍ଟାର୍ଟଅପ କ୍ଷେତ୍ରରେ ଭାରତର ସଫଳତା ବିଷୟରେ ପିଲାଙ୍କୁ ବୁଝାଇଲେ
- ନବସୃଜନ ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ

ମୁଖ୍ୟମନ୍ତ୍ରୀ ଏହି ଅବସରରେ ସ୍କୁଲ ପିଲାମାନଙ୍କୁ ପ୍ରଧାନମନ୍ତ୍ରୀଙ୍କ ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ପ୍ରେରଣାଦାୟୀ ଦିଗ ସମ୍ପର୍କରେ ବୁଝାଇଥିଲେ। ଏଥିସହ ଷ୍ଟାର୍ଟ-ଅପ୍ କ୍ଷେତ୍ରରେ ଭାରତବର୍ଷର ସଫଳତା ବିଷୟରେ ଆଲୋକପାତ କରି ପିଲାମାନଙ୍କୁ ସବୁବେଳେ ନବସୃଜନ ଉପରେ ଗୁରୁତ୍ୱ ଦେବା ପାଇଁ ଉପଦେଶ ଦେଇଥିଲେ। ଆଜିର ମନ କୀ ବାତ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ଦେଶବାସୀଙ୍କ ସମ୍ମୁଖରେ ରଖିଥିବା ତାଙ୍କର ପ୍ରତ୍ୟେକ ପ୍ରେରଣାଦାୟୀ ବିଚାର ସମ୍ପର୍କରେ ପିଲାମାନଙ୍କ ସହ ମୁଖ୍ୟମନ୍ତ୍ରୀ ସୁବିସ୍ତୃତ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଏକାମ୍ର-ଭୁବନେଶ୍ୱର ବିଧାୟକ ବାବୁ ସିଂ, ବିଧାୟକ ମନୋରଞ୍ଜନ ଦ୍ୟାନସାମନ୍ତରାୟ, ବିଜେପି ନେତା ଜଗନ୍ନାଥ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ଭୀମଦା ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ



ବଡ଼ସାହି, ୨୫।୧(ସମିସ): ବଡ଼ସାହି ବ୍ଲକ ଅଧୀନ ଭୀମଦା ପଞ୍ଚାୟତର ସରପଞ୍ଚ ଭୀମ ସିଂଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ ହୋଇଛି। ଉକ୍ତ ପଞ୍ଚାୟତର ୧୧ଟି ୱାର୍ଡ ଥିବା ବେଳେ ୫ନମ୍ବର ୱାର୍ଡମେମ୍ବର ଶରତ ମୁଖୀଙ୍କ ୨ ମାସ ତଳେ ପରଲୋକ ହୋଇଥିଲା। ଅନ୍ୟ ୧୦ଟି ୱାର୍ଡ ମଧ୍ୟରୁ ୭ଟି ୱାର୍ଡର ସଦସ୍ୟ ସରପଞ୍ଚ ଶ୍ରୀ ସିଂଙ୍କୁ ଗାଦିଚ୍ୟୁତ କରିବାକୁ ଅଣ୍ଟା ଭିଡ଼ିଛନ୍ତି। ସେମାନେ ଏକତ୍ରିତ ହୋଇ ଉପଜିଲ୍ଲାପାଳଙ୍କୁ ସାକ୍ଷାତ କରି ସେମାନଙ୍କ ଦାବି ଉପସ୍ଥାପନ କରିବା ସହିତ ଲିଖିତ ଅଭିଯୋଗ କରିଛନ୍ତି।

ୱାର୍ଡ ସଭ୍ୟସଭ୍ୟାଙ୍କ ଦସ୍ତଖତ ଯାଞ୍ଚ ସହ ଆବଶ୍ୟକ ପଦକ୍ଷେପ ନେବା ପାଇଁ ବିଡିଓ ବନଜା ଦାସଙ୍କୁ ଏନେଇ ଉପଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏହାର ନକଲ ନାଏବ ସରପଞ୍ଚ ପୂର୍ଣ୍ଣିମା ବେହେରାଙ୍କ ସହ ସମସ୍ତ ୱାର୍ଡ ସଭ୍ୟସଭ୍ୟା ଓ ଜିଲ୍ଲା ପଞ୍ଚାୟତ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ଉପଜିଲ୍ଲାପାଳଙ୍କ ଚିଠିକୁ ଆଧାର କରି ବିଡିଓଙ୍କ ନିର୍ଦ୍ଦେଶରେ ଜିପିଓ ଅବିନାଶ ପଣ୍ଡା ସମସ୍ତ ୭ଜଣ ୱାର୍ଡ ସଭ୍ୟସଭ୍ୟାଙ୍କୁ ବ୍ଲକ୍ କାର୍ଯ୍ୟାଳୟକୁ ଡାକି ସେମାନଙ୍କଠାରୁ ସମସ୍ତ ଘଟଣା ସମ୍ପର୍କରେ ବୁଝିବା ସହିତ ଦସ୍ତଖତର ଯାଞ୍ଚ କରିଛନ୍ତି। ଏ ସମ୍ପର୍କରେ ଏହି ୭ ଜଣ ୱାର୍ଡ ସଭ୍ୟସଭ୍ୟାଙ୍କ ପକ୍ଷରୁ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିବା ଜଣାଯାଇଛି।

## ଚାଷୀ ସମସ୍ୟା ଓ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା

# ରାଜ୍ୟ ସରକାରଙ୍କ ଉପରେ ବର୍ଷିଲା ବିଜେଡି

ଭୁବନେଶ୍ୱର,୨୫।୧(ସମିସ): ରାଜ୍ୟରେ କୃଷକମାନଙ୍କ ସମସ୍ୟା ଓ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତିକୁ ନେଇ ବିଜୁ ଜନତା ଦଳ ସରକାରଙ୍କ ଉପରେ ବର୍ଷିଛି। ଚାଷୀ ପ୍ରଥମେ ସାର ମୁଠାଏ ପାଇବା ପାଇଁ ଦହଗଞ୍ଜ ହୋଇଥିବା ବେଳେ ଏବେ ଧାନ ବିକ୍ରି କରିପାରୁନାହାନ୍ତି। ସେହିପରି ରାଜ୍ୟରେ ଶାସନ କ୍ଷମତା ହାତକୁ ନେବା ପରଠାରୁ ଆଇନଶୃଙ୍ଖଳା ସମ୍ପୂର୍ଣ୍ଣ ଭାବେ ବିପର୍ଯ୍ୟସ୍ତ ହୋଇପଡ଼ିଛି। ତେଣୁ ଏହାର ପ୍ରତିବାଦରେ ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଆସନ୍ତା ଫେବୃଆରୀ୨ରୁ ୧୭ ତାରିଖ ପର୍ଯ୍ୟନ୍ତ ରାଜ୍ୟର ପ୍ରତିଟି ଜିଲ୍ଲାରେ ବିକ୍ଷୋଭ ପ୍ରଦର୍ଶନ କରାଯିବ। ଏହାପରେ ୨୪ ତାରିଖ ଦିନ ରାଜଧାନୀ ଭୁବନେଶ୍ୱରଠାରେ ଏକ ବିଶାଳ ପ୍ରତିବାଦ ସଭା ଆୟୋଜନ ହେବ ବୋଲି ବିଜେଡି ପକ୍ଷରୁ ସୂଚନା ଦିଆଯାଇଛି।

ଶଙ୍ଖ ଭବନରେ ରବିବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର, ବିଜେଡି କୃଷକ ସେଲ୍‌ର ଆବାହକ ତଥା ବିଧାନସଭାରେ ବିରୋଧୀ ଦଳର ଉପନେତା ପ୍ରସନ୍ନ ଆଚାର୍ଯ୍ୟ, ଦଳର ଉପସଭାପତି ସଞ୍ଜୟ କୁମାର ଦାସବର୍ମା, ବିଧାୟକ ଡ. ଅରୁଣ କୁମାର ସାହୁ ରାଜ୍ୟ ବିଜେପି ସରକାରଙ୍କ ବିଫଳତାକୁ ବଖାଣିବା ସହିତ ପ୍ରତିଶ୍ରୁତି ପ୍ରତାରଣାରେ ପରିଣତ ହୋଇଛି ବୋଲି କହିଥିଲେ। ଦେବୀ ପ୍ରସାଦ ମିଶ୍ର କହିଥିଲେ ଯେ ବିଜେପିର ପ୍ରତିଶ୍ରୁତିର ଖିଲାପ ପରେ, ବିଭିନ୍ନ ସ୍ତରରେ ଜନସାଧାରଣଙ୍କ କ୍ଷୋଭ ଦେଖିବାକୁ ମିଳୁଛି। ପ୍ରଥମେ ଚାଷୀମାନଙ୍କୁ ସାର ମୁଠାଏ ଦେବା ପାଇଁ ସରକାର ହନ୍ତସନ୍ତ କଲେ। ଏବେ ଧାନ ଉତ୍ପାଦନ ପରେ ସରକାର ଧାନ କିଣା ପ୍ରକ୍ରିୟା ସଠିକ୍ ଭାବେ ହୋଇପାରୁନାହିଁ, ଯେଉଁଥିପାଇଁ ରାଜ୍ୟର କୃଷକ ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅପରପକ୍ଷରେ ବିଜେପି ରାଜ୍ୟର ଶାସନ ଭାର ହାତକୁ ନେବା ପରେ ରାଜ୍ୟର ଆଇନଶୃଙ୍ଖଳା ପରିସ୍ଥିତି ବିଗିଡ଼ିବାରେ ଲାଗିଛି। ମୋତେ ଯେତେ ମାଠିବୁ ମାଠ; ମୁଁ ସେଇ ଦରପୋଡ଼ା କାଠ, ସଦୃଶ୍ୟ



- ଫେବୃଆରୀ ୨ ତାରିଖରୁ ରାଜରାସ୍ତାକୁ ଓହ୍ଲାଇବ ଦଳ
- ୨୪ରେ ରାଜଧାନୀରେ ବିଶାଳ ପ୍ରତିବାଦ ସଭା
- ଧାନକିଣାରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ବିଫଳ
- ବିଜେପି ନେତା-କର୍ମୀଙ୍କ କବ୍‌ଜାରେ ସବୁ ଥାନା

ଯେତେ କୁହାଗଲେ ମଧ ରାଜ୍ୟର ଆଇନଶୃଙ୍ଖଳା ପରିସ୍ଥିତି ସୁଧୁରିବାର ନାଁ ନେଉନାହିଁ।

ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି, ଚଳିତ ବର୍ଷ ରାଜ୍ୟରେ ପ୍ରଥମ ଥର ପାଇଁ ଧାନ ସଂଗ୍ରହ ବ୍ୟବସ୍ଥା ସମ୍ପୂର୍ଣ୍ଣ ରୂପେ ବିପର୍ଯ୍ୟସ୍ତ ହୋଇ ପଡିଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ରାଜ୍ୟରେ ଚଳିତ ବର୍ଷ ୧୯ ଲକ୍ଷ ୬୬ ହଜାର ୧୮୧ ଜଣ ଚାଷୀ ପଞ୍ଜିକୃତ ହୋଇଥିବା ବେଳେ ଏବେସୁଧା ମାତ୍ର ୨୯ ପ୍ରତିଶତ ଚାଷୀଙ୍କଠାରୁ ନିର୍ଦ୍ଧାରିତ ୭୩ ଲକ୍ଷ ମେଟ୍ରିକ ଟନ୍‌ରୁ ମାତ୍ର ୨୫ଲକ୍ଷ ମେଟ୍ରିକ ଟନ୍ ଅର୍ଥାତ୍ ୩୪ ପ୍ରତିଶତ ଧାନ କିଣା ଯାଇପାରିଛି। ଏହା ସରକାରଙ୍କ ଚରମ ବିଫଳତାର ନିଦର୍ଶନ। ରାଜ୍ୟର ଜଳସେଚିତ ଅଞ୍ଚଳଗୁଡିକରେ ଏବେ ଡାଲୁଅ ଧାନ ଚାଷ ଆରମ୍ଭ ହୋଇ ଗଲାଣି; ସରକାରଙ୍କର କିନ୍ତୁ ଖରିଫ ଧାନ କିଣା ଶେଷ ହେଲା ନାହିଁ। ଏବେ ସରକାର ଏହି ଧାନ କିଣା ମାର୍ଚ୍ଚ ଯାଏ ଚାଲିବ ବୋଲି କହୁଛନ୍ତି। ଖରିଫ ଧାନ କିଣା ଅଧିକ ବିଳମ୍ବିତ ହେଲେ ଡାଲୁଅ ଧାନ ଚାଷ ପାଇଁ ଚାଷୀମାନେ ଅର୍ଥ ଯୋଗାଡ଼ କରିବାକୁ ଅସମର୍ଥ ହେବେ। ଓଡ଼ିଶା ଧାନ ସଂଗ୍ରହରେ କିପରି ଭାବେ ବିଫଳ ହୋଇଛି ତାହା ପଡୋଶୀ ଛତିଶଗଡ଼ ରାଜ୍ୟର ଧାନ ସଂଗ୍ରହ ତଥ୍ୟ ଦେଖିଲେ ସ୍ୱଷ୍ଟ ହେଉଛି। ଛତିଶଗଡ଼ ଓଡ଼ିଶା ତୁଳନାରେ ଛୋଟ ରାଜ୍ୟ ହୋଇଥିବା ବେଳେ ଓଡ଼ିଶା ଠାରୁ କମ ଧାନ ଉତ୍ପାଦନ କରୁଛି। ମାତ୍ର ଏବେ ସୁଦ୍ଧା ଛତିଶଗଡ଼ ୧ ଲକ୍ଷ ୨୬ ହଜାର ମେଟ୍ରିକ ଟନ ଧାନ ସଂଗ୍ରହ କରି ସାରିଛି। ତେଣୁ ଓଡ଼ିଶା ସରକାରଙ୍କ ଧାନ କିଣା ପ୍ରକ୍ରିୟା ସମ୍ପୂର୍ଣ୍ଣ ବିଫଳ ହୋଇଛି। ଧାନ କିଣା ବିଫଳ ହେବା କାରଣରୁ ରାଜ୍ୟର ଅର୍ଥନୀତି ଉପରେ କୁପ୍ରଭାବ ପଡିବ ବୋଲି ଶ୍ରୀ ଆଚାର୍ଯ୍ୟ କହିଥିଲେ।

ସଞ୍ଜୟ କୁମାର ଦାସବର୍ମା କହିଥିଲେ ଯେ ବିଜେପି ବିନା କଟନୀ ଛଟନୀରେ ଧାନ କିଣା ହେବ ବୋଲି ପ୍ରତିଶ୍ରୁତି ଦେଇଥିଲା ହେଲେ ବ୍ୟାପକ କଟ୍‌ନୀଛଟ୍‌ନୀ ହେଉଛି। ଗତବର୍ଷ କିଣା ଯାଇଥିବା ଖରିଫ ଚାଉଳର ୯ ପ୍ରତିଶତ ଏପର୍ଯ୍ୟନ୍ତ ମିଲର୍‌ମାନଙ୍କଠାରୁ ଉଠା ଯାଇନାହିଁ। ସେହିପରି ଗତ ବର୍ଷର ରବି ଧାନର ଚାଉଳ ରାଜ୍ୟର ୨୨ଟି ଜିଲ୍ଲାରେ ସମଗ୍ର ପରିମାଣ ମିଲର୍‌ଙ୍କଠାରୁ ଉଠାଯାଇ ନାହିଁ। ଏହା ହେଉଛି ରାଜ୍ୟରେ ଧାନ ସଂଗ୍ରହର ସ୍ଥିତି। ମଣ୍ଡି ଖୋଲିବାରେ ଅହେତୁକ ବିଳମ୍ବ ହେବାରୁ କ୍ଷୁଦ୍ର ଚାଷୀମାନେ ଅଭାବୀ ବିକ୍ରି କରିବାକୁ ବାଧ ହେଉଛନ୍ତି ବୋଲି ସେ କ୍ଷୋଭ ପ୍ରକାଶ କରିଥିଲେ।

ଡ. ଅରୁଣ କୁମାର ସାହୁ କହିଥିଲେ ଯେ ରାଜ୍ୟର ଆଇନଶୃଙ୍ଖଳା ସ୍ଥିତି ବିପର୍ଯ୍ୟସ୍ତ ହୋଇ ପଡିଛି। ସରକାରୀ ତଥ୍ୟ ଅନୁଯାୟୀ ୪୦ ହଜାରରୁ ଉଦ୍ଧ୍ୱର୍ ମହିଳା ବିଭିନ୍ନ ପ୍ରକାରର ନିର୍ଯାତନାର ଶିକାର ହୋଇଛନ୍ତି। ରାଜ୍ୟରେ ସାମ୍ପ୍ରଦାୟିକ ଉତ୍ତେଜନା ଓ ଦଙ୍ଗା ଇତ୍ୟାଦି ଘଟଣା ଅହେତୁକ ଭାବେ ବୃଦ୍ଧି ପାଇଛି। ରାଜ୍ୟର ପୁଲିସ ଷ୍ଟେସନଗୁଡ଼ିକ ଏବେ ବିଜେପି ନେତା କର୍ମୀଙ୍କ କବ୍‌ଜାରେ ଥିବାରୁ ସାଧାରଣ ଲୋକଟି ଥାନାକୁ ଯିବା ପାଇଁ ଭୟ କରୁଛି। ରାଜ୍ୟର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପାଇଁ ଆଉ କେହି ନୁହେଁ; କେବଳ ରାଜ୍ୟ ବିଜେପି ସରକାର ଦାୟୀ ବୋଲି ସେ କହିଥିଲେ। ସାମ୍ବାଦିକ ସମ୍ମିଳନୀରେ ବିରୋଧୀ ଦଳ ନେତାଙ୍କ ରାଜନୈତିକ ସଚିବ ତଥା ଦଳର ପିଏସି ସଦସ୍ୟ ସଂତୃପ୍ତ ମିଶ୍ର ଓ ପୂର୍ବତନ ମନ୍ତ୍ରୀ ତଥା ଦଳର ପିଏସି ସଦସ୍ୟା ଟୁକୁନି ସାହୁ ଉପସ୍ଥିତ ଥିଲେ।

# ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ୧୭ ପୁଲିସ କର୍ମଚାରୀଙ୍କୁ କେନ୍ଦ୍ରୀୟ ପୁରସ୍କାର ଘୋଷଣା

ଭୁବନେଶ୍ୱର,୨୫।୧(ସମିସ): ପୁଲିସ ସେବା କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ କେନ୍ଦ୍ରୀୟ ପୁରସ୍କାର ଘୋଷଣା କରାଯାଇଛି। ୨୦୨୬ ମସିହା ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ ଓଡ଼ିଶା ପୁଲିସର ୧୭ଜଣଙ୍କୁ ପଦକ ପ୍ରଦାନ କରାଯିବ। ଓଡ଼ିଶାର ମୋଟ୍ ୪ ଜଣଙ୍କୁ ସାହସିକତା ପଦକ, ଦୁଇ ଜଣଙ୍କୁ ବିଶିଷ୍ଟ ସେବା ପାଇଁ ରାଷ୍ଟ୍ରପତିଙ୍କ ପଦକ ଏବଂ ୧୧ ଜଣଙ୍କୁ ପ୍ରଶଂସନୀୟ ସେବା ପଦକ ପ୍ରଦାନ କରାଯାଇଛି। ପ୍ରଶଂସନୀୟ ସେବା ପାଇଁ ଓଡ଼ିଶା ପୁଲିସ ଆଇଜି ଡକ୍ଟର ସାର୍ଥକ ଷଡ଼ଙ୍ଗୀ, କମାଣ୍ଡାଣ୍ଟ ଶ୍ରୀପ୍ରସାଦ ତମାଙ୍ଗ, ଅତିରିକ୍ତ ଏସପି ଶୁଭନାରାୟଣ ମୁଦୁଲି, ଡିଏସପି ପ୍ରଦୀପ କୁମାର ଆଇନ୍ଦ, ଡିଏସପି ପ୍ରଣୀତା କୁମାରୀ ରାୟ, କମାଣ୍ଡାଣ୍ଟ ଅଶୋକ କୁମାର ମହାନ୍ତି, ଇନ୍ସପେକ୍ଟର ଅରୁଣ କୁମାର ନାୟକ, ମହମ୍ମଦ ହଫିଜ୍, ହାବିଲଦାର ଲତା ନାୟକ, ଏଏସଆଇ ନିଗମାନନ୍ଦନ ମହାପାତ୍ର, ଇନ୍ସପେକ୍ଟର ଲକ୍ଷ୍ମୀନାରାୟଣ ମୁଦୁଲି ପଦକ ପାଇବାକୁ ମନୋନୀତ

**ଅଗ୍ନିଶମରୁ ୪, ହୋମ୍‌ଗାର୍ଡ ଏବଂ ସିଭିଲ୍ ଡିଫେନ୍ସରୁ ୩ ଜଣଙ୍କୁ ପ୍ରଦାନ କରାଯିବ**

ହୋଇଥିବାବେଳେ ବିଶିଷ୍ଟ ସେବା ପାଇଁ ଏଡିଜି ପ୍ରତୀକ ମହାନ୍ତି, ଡିସିପି ପ୍ରମୁଖ କୁମାର ସିଂ ପଦକ ପାଇବାକୁ ମନୋନୀତ ହୋଇଛନ୍ତି। ସେହିପରି ସାହସିକତା ପଦକ ପାଇଁ ଡିଏସପି ଅତୁଲ କୃଷ୍ଣ ଦାସ, ଏଏସଆଇ ପୂର୍ଣ୍ଣଚନ୍ଦ୍ର ପ୍ରଧାନ, କନଷ୍ଟେବଲ ଥବିର ମାଝୀ ଓ ଘନଶ୍ୟାମ ସାହୁ ମନୋନୀତ ହୋଇଛନ୍ତି। ସେହିପରି ଅଗ୍ନିଶମ ସେବା କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ରାଜ୍ୟର ମୋଟ୍ ୪ଜଣଙ୍କୁ ପୁରସ୍କାର ପ୍ରଦାନ କରାଯିବ ବୋଲି ଘୋଷଣା କରାଯାଇଛି। ଜଣଙ୍କୁ ବିଶିଷ୍ଟ ସେବା ପାଇଁ ରାଷ୍ଟ୍ରପତିଙ୍କ ପଦକ ଏବଂ ୩ଜଣଙ୍କୁ ପ୍ରଶଂସନୀୟ ସେବା ପଦକ ପ୍ରଦାନ କରାଯିବ। ହୋମ୍‌ଗାର୍ଡ ଏବଂ ସିଭିଲ୍ ଡିଫେନ୍ସ କ୍ଷେତ୍ରରେ ଜଣଙ୍କୁ ବିଶିଷ୍ଟ ସେବା ପାଇଁ ରାଷ୍ଟ୍ରପତିଙ୍କ ପଦକ ଓ ୨ଜଣଙ୍କୁ ପ୍ରଶଂସନୀୟ ସେବା ପଦକ ପ୍ରଦାନ କରାଯିବ ବୋଲି ଘୋଷଣା କରାଯାଇଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଶୁଭାଂଶୁ ଶୁକ୍ଲାଙ୍କୁ...

ପକ୍ଷରୁ ଆଜି ଏହି ଘୋଷଣା କରାଯାଇଛି। ୫ ଜଣଙ୍କୁ ପଦ୍ମବିଭୂଷଣ ସହିତ ୧୩ ଜଣଙ୍କୁ ପଦ୍ମଭୂଷଣ ଏବଂ ୧୧୩ ଜଣଙ୍କୁ ପଦ୍ମଶ୍ରୀ ପୁରସ୍କାର ପ୍ରଦାନ କରିବାକୁ ଘୋଷଣା କରାଯାଇଛି। ରାଜନୀତି, ସମାଜସେବା, କଳା, ସିନେମା, ସାହିତ୍ୟ, କ୍ରୀଡ଼ା, ବିଜ୍ଞାନ ଭଳି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ୨୦୨୬ ବର୍ଷ ପାଇଁ ମୋଟ୍ ୧୩୧ ଜଣଙ୍କୁ ପଦ୍ମ ପୁରସ୍କାର ଦେବାଲାଗି ଘୋଷଣା କରାଯାଇଛି। ଏମାନଙ୍କ ମଧ୍ୟରେ ୧୯ ଜଣ ମହିଳା ରହିଥିବା ବେଳେ ୬ ଜଣ ବିଦେଶୀ ରହିଛନ୍ତି। ୧୬ ଜଣଙ୍କୁ (ମରଣୋତ୍ତର) ପଦ୍ମ ପୁରସ୍କାର ଲାଗି ତାଲିକାଭୁକ୍ତ କରାଯାଇଛି। ଏହାସହିତ ଓଡ଼ିଶାର ୪ ଜଣଙ୍କୁ ପଦ୍ମଶ୍ରୀ ପୁରସ୍କାର ଦେବାକୁ ମଧ ଘୋଷଣା କରାଯାଇଛି। ତେବେ ଏଥର ପଦ୍ମ ପୁରସ୍କାରର ବିଶେଷତ୍ୱ ହେଲା ଯେ ନିରବତା ସହିତ ନିଜନିଜ କ୍ଷେତ୍ରରେ ଜାତୀୟ ବିକାଶରେ ଉଲ୍ଲେଖନୀୟ ଅବଦାନ ରଖିଥିବା ୪୫ ଜଣଙ୍କୁ ପଦ୍ମ ପୁରସ୍କାର ମିଳିବ। ସମାଜ ସେବା, ସ୍ୱଦେଶୀ କଳା, ସ୍ୱାସ୍ଥ୍ୟ ସେବା, ଶିକ୍ଷା ଏବଂ ଐତିହ୍ୟ ସୁରକ୍ଷା କ୍ଷେତ୍ରରେ ଏମାନଙ୍କର ଅବଦାନ ଉଲ୍ଲେଖନୀୟ ରହିଛି।

ପଦ୍ମଭୂଷଣ ପୁରସ୍କାର ପାଇବା ଲାଗି ମନୋନୀତ ୧୩ ଜଣଙ୍କ ମଧ୍ୟରେ ବିଶିଷ୍ଟ ଗାୟିକା ଅଲ୍‌କା ୟାଗ୍‌ନିକ, ମାଲାୟଲମ୍ ଚଳଚ୍ଚିତ୍ରର ସୁପରଷ୍ଟାର ମାମୁଟ୍ଟୀ (ମହମ୍ମଦ କେପି ଇସ୍ମାଇଲ), ଶିଳ୍ପପତି ଉଦୟ କୋଟାକ୍, ଉତ୍ତରାଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ଭଗତ ସିଂହ କୋଶିଆରୀ, ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ଶିବୁ ସୋରେନ (ମରଣୋତ୍ତର), ସମାଜସେବୀ ଭି ନାଟେସନ, ଟେନିସ ତାରକା ବିଜୟ ଅମୃତ୍‌ରାଜ, ବିଜ୍ଞାପନ କଳା ବିଶେଷଜ୍ଞ ପୀୟୂଷ ପାଣ୍ଡେ, ମେଡିସିନରେ କେ. ଆର, ପଲାନିସ୍ୱାମୀ ଓ ଡ.ନୋରି ଦତ୍ତାତ୍ରେୟୁଡୁ, ସମାଜସେବୀ ଏସଥେକ ଏମ ମେଇଲାନାନନ୍ଦନ, କଳା ପାଇଁ ଏସ୍ ଆର୍ ଗଣେଶ ଓ ରାଜନେତା ବିଜୟ କୁମାର ମାଲହୋତ୍ରା ସେହିଭଳି ବିଭିନ୍ନ କ୍ଷେତ୍ର ଲାଗି ୧୧୩ ଜଣଙ୍କୁ ପଦ୍ମଶ୍ରୀ ପୁରସ୍କାର ପ୍ରଦାନ କରାଯିବ। ସେମାନଙ୍କ ମଧ୍ୟରେ ଅଛନ୍ତି କ୍ରିକେଟର ରୋହିତ ଶର୍ମା, ହରମନପ୍ରୀତ କାଉର ଭୁଲ୍ଲାର, ମହିଳା ହକି ଖେଳାଳି ସବିତା ପୁଣିଆ, ଅଭିନେତା ପ୍ରସନଜିତ ଚାଟାର୍ଜୀ, ଶାସ୍ତ୍ରୀୟ ସଙ୍ଗୀତ ପାଇଁ ତ୍ରିପ୍ତି ମୁଖାର୍ଜୀ, ତରୁଣ ଭଟ୍ଟଚାର୍ଯ୍ୟ ଏବଂ ପୋଖିଲା ଲେକଥେପି ପ୍ରମୁଖ ରହିଛନ୍ତି।

ସୂଚନାଯୋଗ୍ୟ ଯେ ପ୍ରତିବର୍ଷ ସାଧାରଣତନ୍ତ୍ର ଦିବସ ଅବସରରେ ପଦ୍ମ ପୁରସ୍କାର ଘୋଷଣା କରାଯାଇଥାଏ। ଆସନ୍ତା ମାର୍ଚ୍ଚ କିମ୍ବା ଏପ୍ରିଲରେ ରାଷ୍ଟ୍ରପତି ଭବନରେ ଏକ ସ୍ୱତନ୍ତ୍ର ଉତ୍ସବରେ ରାଷ୍ଟ୍ରପତି ପଦ୍ମ ପୁରସ୍କାର ପ୍ରଦାନ କରିବେ।

### ସେନାର ତିନି ଅଧିକାରୀଙ୍କୁ କୀର୍ତ୍ତି ଚକ୍ର

### ୧୩ ଜଣଙ୍କୁ ଶୌର୍ଯ୍ୟ ଚକ୍ର, ୯୮୨ ପୁଲିସଙ୍କୁ ସେବା ମେଡାଲ୍

ସେହିପରି ସେନାର ତିନି ଅଧିକାରୀଙ୍କୁ କୀର୍ତ୍ତି ଚକ୍ର ଏବଂ ୧୩ ଜଣଙ୍କୁ ଶୌର୍ଯ୍ୟ ଚକ୍ର ପ୍ରଦାନ କରାଯିବାକୁ ଘୋଷଣା ହୋଇଛି। ଚଳିତ ଥର ପୁଲିସ, ଅଗ୍ନିଶମ ବାହିନୀ, ଗୃହରକ୍ଷୀ, ବେସାମରିକ ପ୍ରତିରକ୍ଷା (ଏଚଜି ଏବଂ ସିଡି) ଏବଂ ସଂଶୋଧନ ସେବାର ମୋଟ ୯୮୨ ଜଣ କର୍ମଚାରୀଙ୍କୁ ସାହସିକତା ଏବଂ ସେବା ପଦକ ପ୍ରଦାନ କରାଯିବ। ଏହା ମଧ୍ୟରେ ୧୨୫ ବୀର୍‌ତା ପଦକ ସାମିଲ ରହିଛି। ଜମ୍ମୁ-କଶ୍ମୀର ଅପରେସନ ଥିଏଟରରେ ନିୟୋଜିତ କର୍ମଚାରୀଙ୍କୁ ସର୍ବାଧିକ ୪୫ଟି ସାହସିକତା ପଦକ ଦିଆଯିବ। ସେହିପରି ମାଓବାଦୀ ପ୍ରଭାବିତ ଅଞ୍ଚଳରୁ ୩୫ ଜଣ ଏବଂ ପୂର୍ବୋତ୍ତର କ୍ଷେତ୍ରରେ ମୁତୟନ ୫ ଜଣ ସୁରକ୍ଷାକର୍ମୀଙ୍କୁ ଏହି ପୁରସ୍କାରରେ ସମ୍ମାନିତ କରାଯାଇଛି। ଅଗ୍ନିଶମ ବାହିନୀର ଉଦ୍ଧାର କାର୍ଯ୍ୟରେ ସାମିଲ ଚାରି ଜଣଙ୍କୁ ମଧ ବୀର୍‌ତା ପଦକ ପାଇଁ ଚୟନ କରାଯାଇଛି।

### ୪ ଓଡ଼ିଆଙ୍କୁ...

ସରକାର ମନୋନୀତ ହୋଇଛନ୍ତି। ଚଳିତବର୍ଷ ଓଡ଼ିଶାରୁ ସାହିତ୍ୟ ଓ ଶିକ୍ଷା କ୍ଷେତ୍ରରେ ଚରଣ ହେମ୍ବ୍ରମ ଓ ମହେନ୍ଦ୍ର କୁମାର ମିଶ୍ର ଏବଂ କଳା କ୍ଷେତ୍ରରେ ଶରତ କୁମାର ପାତ୍ର ଓ ସୀମାଞ୍ଚଳ ପାତ୍ର ପଦ୍ମଶ୍ରୀରେ ସମ୍ମାନୀତ କରାଯିବ। ମୟୂରଭଂଜ ଜିଲ୍ଲା ରାଇରଙ୍ଗପୁର ବ୍ଲକ୍ ହଳଦା ଗ୍ରାମପଞ୍ଚାୟତ ନୂଆଗାଁରେ ଜନ୍ମିତ ଚରଣ ହେମ୍ବ୍ରମ ହେଉଛନ୍ତି ଜଣେ ବିଶିଷ୍ଟ ସାନ୍ତାଳୀ ଲେଖକ। ବିଶେଷ କରି ସାନ୍ତାଳୀ ଭାଷାରେ ସଙ୍ଗୀତ ରଚନା ପାଇଁ ତାଙ୍କର ସ୍ୱତନ୍ତ୍ର ପରିଚିତି ରହିଛି। ତାଙ୍କ ଜୀବନକୁ ସାନ୍ତାଳୀ ଭାଷା ଓ ସଂସ୍କୃତିର ପ୍ରଚାର ପ୍ରସାର ପାଇଁ ସମର୍ପିତ କରି ଅନେକ ଉଲ୍ଲେଖନୀୟ କାର୍ଯ୍ୟ କରିଛନ୍ତି। ସାନ୍ତାଳୀ ଭାଷାକୁ ଏକ ସ୍ୱତନ୍ତ୍ର ପରିଚୟ ଏବଂ ମାନ୍ୟତା ଦେବାରେ ତାଙ୍କର ଅତୁଳନୀୟ ଅବଦାନ ରହିଛି। ସେହିପରି ସାହିତ୍ୟ ଓ ଶିକ୍ଷା କ୍ଷେତ୍ରରେ ଅନନ୍ୟ ଅବଦାନ ପାଇଁ ମହେନ୍ଦ୍ର କୁମାର ମିଶ୍ର ପଦ୍ମଶ୍ରୀ ପାଇଁ ମନୋନୀତ ହୋଇଛନ୍ତି।

କଳା କ୍ଷେତ୍ରରେ ପଦ୍ମଶ୍ରୀ ପୁରଷ୍କାର ପାଇଁ ମନୋନୀତ ଶରତ କୁମାର ପାତ୍ର ଗିତଗୋବିନ୍ଦ ପୁସ୍ତକକୁ ବାନ୍ଧ କଳାରେ ଆବଦ୍ଧ କରି ବାନ୍ଧ କଳା ଶିଳ୍ପକୁ ଲୋକପ୍ରିୟ କରିଛନ୍ତି। ଏହି ୫୨ ମିଟର୍ ଲମ୍ବ ଗୀତଗୋବିନ୍ଦ ବାନ୍ଧ କଳା ପାଇଁ ତାଙ୍କୁ ୭ ବର୍ଷ ଲାଗିଛି। ଓଡ଼ିଶାର ବିଭିନ୍ନ ବାଦ୍ୟ ଯନ୍ତ୍ରକୁ ଗୋଟିଏ ସୂତାରେ (୮ ଫୁଟ୍‌ରେ ୮ ଫୁଟ୍) ମଧ ଆଙ୍କିଛନ୍ତି। ସେହିଭଳି ସଖୀ ନାଟ ଥିଏଟର କଳାକାର ଭାବେ ସୀମାଞ୍ଚଳ ପାତ୍ର କଳା କ୍ଷେତ୍ରରେ ପଦ୍ମଶ୍ରୀ ପୁରଷ୍କାର ପାଇବେ।

ପଦ୍ମ ବିଜେତାଙ୍କୁ ରାଜ୍ୟପାଳ ହରିବାବୁ କମ୍ଭମପତି ଅଭିନନ୍ଦନ ଜଣାଇ ଜାତୀୟ ସ୍ତରରେ ଓଡ଼ିଶାର କଳାର ପରିଚୟ ସୁଦୃଢ଼ ହେବା ସହ ଜ୍ଞାନ ଏବଂ ସାଂସ୍କୃତିକ ଐତିହ୍ୟର ସଂରକ୍ଷଣ ହୋଇଥିବା କହିଛନ୍ତି। ସେହିପରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଉପଲବ୍‌ଧି ଓଡ଼ିଶାର କଳା ଓ ସଂସ୍କୃତିକୁ ଜାତୀୟ ସ୍ତରରେ ନୂତନ ପରିଚୟ ପ୍ରଦାନ କରିଥିବା କହିଛନ୍ତି। ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଶୁଭେଚ୍ଛା ଜଣାଇ ସାହିତ୍ୟ, ଶିକ୍ଷା ଓ କଳା ଜଗତକୁ ସମୃଦ୍ଧ କରିବାରେ ଅବଦାନ ଅତୁଳନୀୟ ବୋଲି କହିବା ସହ ସମସ୍ତଙ୍କ ସଫଳତା କାମନା କରିଛନ୍ତି। ଅନୁରୂପ ଭାବେ ଓଡ଼ିଶାର ପ୍ରତିଭାବାନ ବଣମଲ୍ଲିଙ୍କୁ ନିରନ୍ତର ସମ୍ମାନିତ କରୁଥିବାରୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରଧାନମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ସୂଚନାଯୋଗ୍ୟ, କଳା, ସାଧାରଣ ବ୍ୟାପାର, ସାହିତ୍ୟ ଓ ଶିକ୍ଷା, ଔଷଧ, ସମାଜସେବା, ବାଣିଜ୍ୟ ଓ ଉଦ୍ୟୋଗ, କ୍ରୀଡ଼ା, ବିଜ୍ଞାନ ଓ ଇଂଜିନିୟରିଂ, ପ୍ରଶାସନିକ ସେବା ପରି ବିଭିନ୍ନ କ୍ଷେତ୍ରରେ ଏହି ପୁରସ୍କାର ପ୍ରଦାନ କରାଯାଇଥାଏ।

### ନିର୍ଦ୍ଧାରିତ ସମୟରେ...

କାମ ଅଧୁରା ରହିଛି, ତାହା ଆସନ୍ତା ୬ ମାସ ମଧ୍ୟରେ ଶେଷ କରନ୍ତୁ। ଆମକୁ ସବୁ ଜିଲ୍ଲା ପରିଷଦ ଆସନ ଜିଣିବାକୁ ପଡ଼ିବ ବୋଲି ସେ ଦଳୀୟ କର୍ମୀଙ୍କୁ ଆହ୍ୱାନ ଦେଇଥିଲେ।

ରାଜ୍ୟ ବିଜେପି ସଭାପତିଙ୍କ ଉପରୋକ୍ତ ବୟାନକୁ ନେଇ ସାଧାରଣରେ ଚର୍ଚ୍ଚା, ଆଲୋଚନା ଆରମ୍ଭ ହୋଇଥିବା ବେଳେ ରବିବାର ଏନେଇ ପ୍ରତିକ୍ରିୟା ରଖିଛନ୍ତି ମୁଖ୍ୟ ନିର୍ବାଚନ କମିଶନର। ସେ କହିଛନ୍ତି ଯେ ନିର୍ଦ୍ଧାରିତ ସମୟରେ ପଞ୍ଚାୟତ ନିର୍ବାଚନ ରାଜ୍ୟରେ ପଞ୍ଚାୟତ ନିର୍ବାଚନ ଅନୁଷ୍ଠିତ ହେବ। ପଞ୍ଚାୟତ ନିର୍ବାଚନ ପାଇଁ ରାଜ୍ୟବ୍ୟାପୀ ସବଡିଭିଜନ ପ୍ରସ୍ତୁତି ଆରମ୍ଭ ହୋଇଛି। ବିଗତ ୧୦ ଦିନ ଭିତରେ ଜିଲ୍ଲପାଳଙ୍କ ସହ ବୈଠକ ହୋଇଛି। ବୁଥ, ବାଲଟ ବକ୍ସ ତଥା ଇଭିଏମ ସହ ଯାହା ଯାହା ଆବଶ୍ୟକ, ତାହାକୁ ମହଜୁଦ ରଖିବା ପାଇଁ ପ୍ରକ୍ରିୟା ଆରମ୍ଭ କରିବାକୁ ଆମେ ନିର୍ଦ୍ଦେଶ ଦେଇଛୁ ବୋଲି ଶ୍ରୀ ପାଢ଼ୀ କହିଛନ୍ତି।

ଅପରପକ୍ଷେ ମନମୋହନଙ୍କ ବୟାନ ଏବଂ ନିର୍ବାଚନ କମିଶନଙ୍କ ଟିପ୍ପଣୀ ଉପରେ ପ୍ରତିକ୍ରିୟା ରଖିଛନ୍ତି ବିଜେଡିର ବରିଷ୍ଠ ବିଧାୟକ ଡ. ଅରୁଣ ସାହୁ। ପଞ୍ଚାୟତ କି ପୌର ନିର୍ବାଚନ, ରାଜ୍ୟ ସରକାର ଏଥିପାଇଁ ବଜେଟ ଆଣନ୍ତି। ନିର୍ବାଚନ ପାଇଁ ସରକାର ପ୍ରସ୍ତୁତ ଅଛନ୍ତି ବୋଲି ବିଧିବଦ୍ଧ ଭାବେ ନିର୍ବାଚନ କମିସନଙ୍କୁ ଜଣାନ୍ତି। ମାତ୍ର ପ୍ରଥମ ଥର ଦେଖାଗଲା ଯେ ନିର୍ବାଚନ କମିସନର ନ କହୁଣୁ ବିଜେପି ଅଫିସରେ ଏହା ଘୋଷଣା ହେଉଛି। ଏହା କି ପ୍ରକାରର ସାମ୍ବିଧାନିକ ବ୍ୟବସ୍ଥା? ନିର୍ବାଚନ ଆଗୁଆ ହେବ ବୋଲି ବିଜେପି କହୁଛି, ମାତ୍ର ଆଜି ନିର୍ବାଚନ କମିସନର ମନା କରିଛନ୍ତି। ଏହା କେତେ ଉଚିତ ତଥା ଅନୁଚିତ ସେନେଇ ସରକାର ଉତ୍ତର ରଖନ୍ତୁ ବୋଲି ସେ ଦାବି କରିଛନ୍ତି।

### ଅଫେରା ରାଇଜରେ...

ଅଭିଜିତଙ୍କୁ ବଞ୍ଚାଇ ପାରି ନଥିଲେ। ଆଜି ସକାଳ ପ୍ରାୟ ୯ଟା ୨ମିନିଟ୍‌ରେ ତାଙ୍କର ମୃତ୍ୟୁ ଘଟିଥିବା ଏମ୍‌ସ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଖବର ପ୍ରଚାରିତ ହେବା ପରେ ପୂରା ସଂଗୀତ ଜଗତ ସ୍ତବ୍ଧ ହୋଇପଡ଼ିଛି। ଓଡ଼ିଆ ଆଲବମ୍, ସିନେମା ସମେତ ବିଭିନ୍ନମହଲରେ ଶୋକର ଛାୟା ଖେଳିଯାଇଛି। ରାଜ୍ୟପାଳ ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତିବିଶେଷ ଶୋକ ପ୍ରକାଶ କରିଛନ୍ତି। ଆଜି ରାତିରେ ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସଂପନ୍ନ ହୋଇଛି।

୧୯୭୧ ମସିହାରେ ସମ୍ବଲପୁରରେ ଜନ୍ମିତ ଅଭିଜିତଙ୍କର ପିଲାଟି ଦିନରୁ ସଙ୍ଗୀତ ପ୍ରତି ଅହେତୁକ ଦୁର୍ବଳତା ରହିଥିଲା। ଏହା ତାଙ୍କୁ ପରବର୍ତ୍ତୀ ସମୟରେ ଓଡ଼ିଶା ସଙ୍ଗୀତ ଜଗତରେ ଏକ ପ୍ରତିଷ୍ଠିତ ସଂଗୀତଜ୍ଞ ଭାବେ ସୁନାମ ଅର୍ଜନ କରିବାରେ ପ୍ରେରଣା ଦେଇଥିଲା। ଓଡ଼ିଆ ସିନେମା ଏବଂ ଆଲବମ୍‌ରେ ତାଙ୍କ ସ୍ୱତନ୍ତ୍ର ଛାପ ଦେଖିବାକୁ ମିଳେ। ମେଲୋଡି-କିଙ୍ଗ୍ ଭାବେ ଅଭିଜିତ ଦର୍ଶକଙ୍କ ପ୍ରିୟ ପାଲଟି ଯାଇଥିଲେ। ଏପରିକି, ସମସ୍ତେ ତାଙ୍କୁ ଆପଣାପଣରେ ଦାଦା ବୋଲି ସମ୍ବୋଧାନ କରିଥା'ନ୍ତି। ୩ ଦଶନ୍ଧି ଧରି ଓଡ଼ିଶା ସଙ୍ଗୀତ ଜଗତରେ ସେ ବେଶ୍ ଲୋକପ୍ରିୟ ଓ ଚଳଚଞ୍ଚଳ ଥିଲେ। ଖାଲି ଜଣେ ସଫଳ ସଙ୍ଗୀତଜ୍ଞ ନୁହେଁ, ଜଣେ ଭଲ ମଣିଷ ଭାବେ ମଧ ଓଲିଉଡ୍ ଜଗତରେ ତାଙ୍କର ଏକ ସ୍ୱତନ୍ତ୍ର ପରିଚୟ ରହିଛି।

୧୯୯୧ମସିହାରେ ପ୍ରଥମଥର ସଙ୍ଗୀତ ଜଗତରେ କାର୍ଯ୍ୟ କରିବା ଆରମ୍ଭ କରିଥିଲେ ଅଭିଜିତ୍। ତାଙ୍କ ନିର୍ଦ୍ଦେଶିତ ପ୍ରଥମ ସମ୍ବଲପୁରୀ ଆଲବମ୍ ଥିଲା ଦକ୍ସି ଗଲା। ଏହାପରେ ସେ ଓଡ଼ିଆ କଥାଚିତ୍ର ଜଗତରେ କାର୍ଯ୍ୟ କରିଥିଲେ। ୨୦୦୦ ମସିହାରେ ସେ ଓଡ଼ିଆ କଥାଚିତ୍ର ଜଗତରେ ସଙ୍ଗୀତ ନିର୍ଦ୍ଦେଶନାରେ ପାଦ ଥାପିଥିଲେ। ତାଙ୍କର ପ୍ରଥମ କଥାଚିତ୍ର କାଶିଆ କପିଳା ତାଙ୍କୁ ଓଡ଼ିଆ ସିନେମା ଜଗତରେ ସ୍ୱତନ୍ତ୍ର ପରିଚୟ ଦେବାରେ ସହାୟକ ହୋଇଥିଲା। ଏହା ପରଠାରୁ ସେ ଆଉ ପଛକୁ ଫେରିନାହାନ୍ତି। ଗୋଟିଏ ପରେ ଗୋଟିଏ ହିଟ୍ ଗୀତ ଦର୍ଶକଙ୍କୁ ଭେଟି ଦେଇଥିଲେ। "ରଖିବ ଯଦି ସେ ମାରିବ କିଏ", "ମୋ ସୁନା ପୁଅ, ମୁନ୍ନା: ଏ ଲଭ ଷ୍ଟୋରୀ", "ତୋ ବିନା ଭଲ ଲାଗେନା", "ଶୁଭ ବିବାହ", "ଶଶୁର ଘର ଜିନ୍ଦାବାଦ୍", "ଓମ୍ ନମଃ ଶିବାୟ", "ବାଲୁଙ୍ଗା ଟୋକା", "ତୁ ଥା ମୁଁ ଯାଉଛି ରଷି", "କିଛି ଖଟା କିଛି ମିଠା", "ମାଟ୍ରିକ ଫେଲ୍", "ରଙ୍ଗିଲା ଟୋକା", "ଡାହା ବାଲୁଙ୍ଗା", "ପୁଣି ଦେଖା ହେବ ଆରଜନମନମରେ", "ଇସ୍କ ତୁ ହି ତୁ", "ଲଭ ଷ୍ଟେସନ୍" ଆଦି ୫୦ରୁ ଉର୍ଦ୍ଧ୍ୱ ଓଡ଼ିଆ ସିନେମାରେ ତାଙ୍କ ସଙ୍ଗୀତ ଦର୍ଶକଙ୍କ ମନକୁ ଛୁଇଁଛି। ଖାଲି ସେତିକି ନୁହେଁ, ଓଡ଼ିଆ ଆଧୁନିକ ଆଲବମ୍, ଭଜନ, ସମ୍ବଲପୁରୀ ଆଲବମ୍, ଓଡ଼ିଆ ଧାରାବାହିକ ଆଦିରେ ସେ ୭୦୦ରୁ ଅଧିକ ଗୀତ ତିଆରି କରିଛନ୍ତି। କଥାଚିତ୍ର ଓ ଆଲବମ୍ ବ୍ୟତୀତ ଅଭିଜିତ ଦୂରଦର୍ଶନରେ ମଧ କାର୍ଯ୍ୟ କରିଛନ୍ତି।

**■ ସଙ୍ଗୀତ, ସିନେମା ଓ ସଂସ୍କୃତି ପାଇଁ ଏକ ଅପୂରଣୀୟ କ୍ଷତି**

ବିଶିଷ୍ଟ କଣ୍ଠଶିଳ୍ପୀ ଓ ସଙ୍ଗୀତ ନିର୍ଦ୍ଦେଶକ ଅଭିଜିତ୍ ମଜୁମ୍‌ଦାରଙ୍କ ବିୟୋଗ ବିଷୟରେ ଜାଣି ମୁଁ ଅତ୍ୟନ୍ତ ଦୁଃଖିତ। ତାଙ୍କର ବିୟୋଗ ଆମ ସଙ୍ଗୀତ, ସିନେମା ଓ ସଂସ୍କୃତି ପାଇଁ ଏକ ଅପୂରଣୀୟ କ୍ଷତି। ଶୋକସନ୍ତପ୍ତ ପରିବାର ପ୍ରତି ମୋର ସମବେଦନା ଜଣାଇବା ସହ ଦିବଙ୍ଗତ ଆତ୍ମାଙ୍କ ଶାନ୍ତି ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛି। ଓଁ ଶାନ୍ତି।

- ମୋହନ ଚରଣ ମାଝୀ, ମୁଖ୍ୟମନ୍ତ୍ରୀ

**■ ଅଭିଜିତଙ୍କ ଅବଦାନ ସଦା ସ୍ମରଣୀୟ**

ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ତଥା ଗୀତିକାର ଅଭିଜିତ୍ ମଜୁମ୍‌ଦାରଙ୍କ ଦେହାନ୍ତ ବିଷୟରେ ଜାଣି ମୁଁ ଦୁଃଖିତ। ଓଡ଼ିଆ ସଙ୍ଗୀତ ଜଗତ ପ୍ରତି ତାଙ୍କର ଅବଦାନ ସର୍ବଦା ସ୍ମରଣୀୟ ରହିବ। ଏପରି ଦୁଃଖଦ ସମୟରେ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ମୋର ଗଭୀର ସମବେଦନା ଜଣାଇବା ସହ ଦିବଂଗତ ଆତ୍ମାର ସଦ୍‌ଗତି କାମନା କରୁଛି।

- ନବୀନ ପଟ୍ଟନାୟକ, ବିରୋଧୀ ଦଳ ନେତା

**■ ଓଡ଼ିଆ ଶ୍ରୋତାଙ୍କ ମନରେ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଥିଲେ**

ଓଡ଼ିଶାର ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ତଥା କଣ୍ଠଶିଳ୍ପୀ ଅଭିଜିତ୍ ମଜୁମ୍‌ଦାରଙ୍କ ବିୟୋଗ ଖବର ଶୁଣି ମୁଁ ଦୁଃଖିତ ଓ ମର୍ମାହତ। ନିଜର ନିଆରା ସଙ୍ଗୀତ ଶୈଳୀ ମାଧ୍ୟମରେ ସେ ଦୀର୍ଘ ଦଶନ୍ଧି ଧରି ଓଡ଼ିଆ ଶ୍ରୋତାଙ୍କ ମନରେ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଥିଲେ। ତାଙ୍କର ଅକାଳ ବିୟୋଗ ଓଡ଼ିଆ କଳା ଜଗତ ପାଇଁ ଏକ ଅପୂରଣୀୟ କ୍ଷତି। ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଉଛି।

- ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ରମନ୍ତ୍ରୀ

**AFFIDAVIT**

By virtue of an affidavit sworn before Executive Magistrate, Nuapada, Date: 04.09.2025, I, Smt. Damayanti Chandrakar, At-Moulimunda, P.O./P.S. Komakhan, Dist.-Mahasamund (C.G.) hereby declare that my son's name has been wrongly recorded as "FAISAL CHANDRAKAR" in his Birth Certificate instead of the correct name "RUDRA CHANDRAKAR". Henceforth he shall be known as "RUDRA CHANDRAKAR" for all purposes.

Sd/- Damayanti Chandrakar

**NOTICE**

By virtue of an affidavit sworn before The Executive Magistrate, Sukruli, Mayurbhanj, dated 22.01.2026, I, Gomia Soy, Address Village-Kasia, PO-Singada, PS-Raruan, Dist-Mayurbhanj, Pin-757039 declare that I have changed my name from Gamian Saye to Gomia Soy. Henceforth, I shall be known as **Gomia Soy** for all purposes.

# ଚଢ଼ିଗଲା ବାଲି ବୋଝେଇ ହାଇୱା; ଜଣେ ମୃତ



ହାଟଡ଼ିହି,୨୫।୧(ସମିସ): ନନ୍ଦିପଦା ଥାନା ଶାଳଣିଆଁ ନିକଟ ବିଷ୍ଣୁପୁର ଠାରେ ଏକ ବାଲି ବୋଝେଇ ହାଇୱା ବିଷ୍ଣୁପୁର ଗ୍ରାମର ଆନନ୍ଦ ଚନ୍ଦ୍ର ଜେନା(୫୬) ଙ୍କ ଉପରେ ଚଢ଼ିଯିବାରୁ ତାଙ୍କର ମୃତ୍ୟୁ ଘଟିଛି । ସୂଚନା ଅନୁସାରେ, ଆଜି ଅପରାହ୍ଣ ୨ଟା ସମୟରେ ବିଷ୍ଣୁପୁର ଗ୍ରାମର ଆନନ୍ଦ ଜେନା ଦୈନନ୍ଦିନ ମଜୁରୀରୁ କାମସାରି ଫେରିବା ବେଳେ ତାଙ୍କ ଗାଁ ନିକଟରେ ଓଡି-୨୨ଜେଡ୍-୭୦୦୪ ନମ୍ବର ବିଶିଷ୍ଟ ଏକ ବାଲି ବୋଝେଇ ହାଇୱା ଆନନ୍ଦଙ୍କ ସାଇକଲ ସହ ତାଙ୍କ ଉପରେ ଚଢ଼ିଯିବାରୁ ସେ ଗୁରୁତର ହୋଇପଡ଼ିଥିଲେ । ପରିବାର ଏବଂ ଗାଁ ଲୋକେ ତାଙ୍କୁ ଘଟଣା ସ୍ଥଳରୁ ମୁମୂର୍ଷ ଅବସ୍ଥାରେ ଉଦ୍ଧାର କରି କଟକ ମେଡିକାଲ ନେଉଥିବା ସମୟରେ ପାଣିକୋଇଲି ନିକଟରେ ତାଙ୍କର ମୃତ୍ୟୁ ଘଟିଥିବା ଜଣାଯାଇଛି । ଆନନ୍ଦଙ୍କ ମୃତ୍ୟୁକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ଦେଖାଦେଇଛି । ଦୁର୍ଘଟଣା ଘଟାଇଥିବା ହାଇୱା ସହ ଡ୍ରାଇଭରକୁ ଗ୍ରାମବାସୀ ଅଟକ ରଖିଛନ୍ତି । ନନ୍ଦିପଦା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣା ସମ୍ପର୍କରେ ତଦନ୍ତ ଆରମ୍ଭ କରିଛି । ତେବେ ମୃତକଙ୍କ ପରିବାର ଶବକୁ ରାସ୍ତା ଉପରେ ରଖି ନ୍ୟାୟ ଦାବିରେ ରାସ୍ତାରୋକ କରିଥିବା ଦେଖାଯାଇଛି । ତେବେ ଖବର ଲେଖାଯିବା ଯାଏଁ ଘଟଣାକୁ ନେଇ କୌଣସି ସମାଧାନ ହୋଇନଥିଲା ।

# ଝାଡ଼େଶ୍ୱର ମନ୍ଦିରରେ ବିଶ୍ୱଶାନ୍ତି ମହାଯଜ୍ଞ



ଆନନ୍ଦପୁର,୨୪।୧(ସମିସ): ଘସିପୁରା ଝାଡ଼େଶ୍ୱର ମନ୍ଦିରରେ ୫୯ତମ ବିଶ୍ୱଶାନ୍ତି ମହାଯଜ୍ଞ, ରାମଚରିତ ନବାହ୍ନ ପାଗ ପାରାୟଣ ଆଜିଠାରୁ ଆରମ୍ଭ ହୋଇଛି । ପୂର୍ବାହ୍ଣରେ ବୈତରଣୀରେ ପୂଜାର୍ଚ୍ଚନା ପରେ ଜଳକଳସ ଯଜ୍ଞସ୍ଥଳ ଅଣାଯାଇଥିଲା । ରାମଚନ୍ଦ୍ର ସାହୁ, ଚକ୍ରଧର ସାହୁ, ଯଦୁ ଦାଶ, ଅଜୟ ସାହୁ, ଉର୍ବଶୀ ସାହୁ, ଅକ୍ଷୟ ସାହୁ, ତୋଫାନ ସାହୁ, ମଳୟ ସାହୁ, ସୁଦାମ ସାହୁ, ରଘୁନାଥ ସାହୁ, ନରହରି ସାହୁ, ନାରାୟଣ ସାହୁ ଜଳକଳସ ଆଣିଥିଲେ । ଅମୃତମଣି ପାଣିଗ୍ରାହୀ, ଅନ୍ତର୍ଯ୍ୟାମୀ ଦାଶ ରାମଚରିତ ତ ମାନସ ପାଠ କରିଥିଲେ । ସଂଧ୍ୟାରେ ପ୍ରବଚକ ପ୍ରମୋଦ କୁମାର ପଣ୍ଡା ପ୍ରବଚନ ଦେଇଥିଲେ । କମିଟି ସଭାପତି ରଶ୍ମୀରଞ୍ଜନ ନନ୍ଦ, ସଦସ୍ୟ ପ୍ରାଗଜି ଭଗବାନ ପଡିଆର ରଘୁନାଥ ପାଢ଼ୀ ଗୌରାଙ୍ଗ ପାତ୍ର ସୁରେଶ ପୃଷ୍ଟି, ରମେଶ ସାହୁ, ପୀତାମ୍ବର ସା, ପଙ୍କଜ ସାହୁ,ଜଳଧର ସାହୁ, ସୁବାସ ମହାନ୍ତି, ଭୀମସେନ ସାହୁ, ଗୌତମ ସାହୁ, ସୌମିତ୍ର ସା ସାହୁ, ନିରଞ୍ଜନ ସାହୁ, ଗୌରାଙ୍ଗ ସା, ନାରାୟଣ ସାହୁ, ସୁରେଶ ସାହୁ, ଲୋକନାଥ ସାହୁ, ପ୍ରଭାତପଣ୍ଡା, ମଙ୍ଗଳ ନାୟକ, ପୂଜକ କୃଷ୍ଣଚନ୍ଦ୍ର ଶତପଥୀ, ସୁଦାମ ପଣ୍ଡା, ପ୍ରଫୁଲ୍ଲ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ମାଳିସାହିରେ ଅଷ୍ଟପ୍ରହର ନାମ ଯଜ୍ଞ

ଆନନ୍ଦପୁର,୨୫।୧(ସମିସ): ଆନନ୍ଦପୁର ମାଳିସାହିର ଶ୍ରୀଗାଦିଗୋସେଇଁ ପୀଠରେ ଅଷ୍ଟପ୍ରହର ନାମଯଜ୍ଞ ଭାବ ଓ ଭକ୍ତିରେ ଆରମ୍ଭ ହୋଇଛି କମିଟିର ସଭାପତି ମନୋରଞ୍ଜନ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଆନନ୍ଦପୁର ସମେତ ଆଖ ପାଖ ଅଞ୍ଚଳରୁ ପ୍ରାୟ ୩୦ ରୁ ଊର୍ଦ୍ଧ୍ୱ ସଂକୀର୍ତ୍ତନ ଦଳ ଯୋଗଦେଇ ହରେକୃଷ୍ଣ ମହାମନ୍ତ୍ର ନାମ ଯଜ୍ଞ କରିଥିଲେ । ପୀଠ ପୂଜକ



ଶଙ୍କର୍ଷଣ ମିଶ୍ର ଓ ପୁରୋହିତ ମୋହନ ଗୋପାଳ ଶତପଥୀ ଯଥା ରୀତି ପୂଜାର୍ଚ୍ଚନା କରିବା ପରେ ବୈତରଣୀ ନଦୀରୁ ରାମହରି ରଣା ହାପି ରଣା ଲିଟୁ ରଣା ବୁଲୁଆ ରଣା ଅମୀୟ ଦାସ ରମୁ ଦାସ ସିକୁଲ ଦାସ ବିଟୁ ପତିଙ୍କ ଦ୍ୱାରା କଳସ ଅଣାଯାଇ ମଣ୍ଡପ ସ୍ଥାପନ କରାଯାଇଥିଲା । ଶ୍ରୀ ଗାଦି ମହାରାଜ ସଂକୀର୍ତ୍ତନ ଦଳ ଅଧିବାସ ନାମ ମହାମନ୍ତ୍ର ଆରମ୍ଭ କରିଥିଲେ । ସନ୍ଧ୍ୟାରେ ଗୌରଭକ୍ତଙ୍କ ସମାବେଶ ହୋଇଥିଲା । କାର୍ଯ୍ୟକ୍ରମକୁ ନିରଞ୍ଜନ ପାଣି, ଅରବିନ୍ଦ ମିଶ୍ର, ରାମହରି ରଣା, ଓମ୍ ପ୍ରକାଶ ବେହେରା, ଦେବାଶିଷ ବେହେରା, ତନ୍ମୟ ରଣା, ପ୍ରଦୀପ ବେହେରା, ପ୍ରଜ୍ଞାନ ରଣା, ଦେବେନ୍ଦ୍ର ରଣା, ରମେଶ କୁମାର ସାମଲ, ମୃତ୍ୟୁଞ୍ଜୟ ରଣା, ରିଙ୍କୁ ଦାସ, ପିଙ୍କୁ ଦାସ, କାଳନ୍ଦୀ ବେହେରା, ଜୀବନ ଜ୍ୟୋତି ରଣା, ରୁଦ୍ରନାରାୟଣ ରଣା, ମନୋଜ କୁମାର ରଣା, ବିଷ୍ଣୁ ବେହେରା ପ୍ରମୁଖ ପରିଚାଳନା କରିଥିବାବେଳେ ସନାତନ ବେହେରା, ସୁଦନ ରଣା, ଗୋପରଞ୍ଜନ ପାଣି, ମିକୁଲୁ ଦାସ, ଜୟରାମ ଦାସ, ଜଗନ୍ନାଥ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ ।

# ବିଜେପି ଯୁବମୋର୍ଚ୍ଚା ପକ୍ଷରୁ ଜାତୀୟ ଭୋଟର ଦିବସ



ଆନନ୍ଦପୁର,୨୫।୧(ସମିସ): ବିଜେପି ଯୁବମୋର୍ଚ୍ଚା ପକ୍ଷରୁ ଘଷିପୁରା ବ୍ଲକ୍‌ସ୍ତରୀୟ ଭୋଟର ଦିବସ ପାଳିତ ହୋଇଯାଇଛି । ଯୁବମୋର୍ଚ୍ଚା ରାଜ୍ୟ ସଂଯୋଜକ ଯଜ୍ଞ ପ୍ରସାଦ ସାହୁଙ୍କ ନେତୃତ୍ୱରେ ଭଣ୍ଡାରିଡିହା ପଞ୍ଚାୟତରେ ଆଜି ଅପରାହ୍ଣରେ ନବ ମତଦାତାଙ୍କ ଉଦ୍ଦେଶ୍ୟରେ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଏହି ଅବସରରେ ଶ୍ରୀ ସାହୁ ଗଣତାନ୍ତ୍ରିକ ପଦ୍ଧତି ଓ ଗୋଟିଏ ଭୋଟ କିଭଳି ଗୁରୁତ୍ୱପୂର୍ଣ୍ଣ ସେ ସମ୍ପର୍କରେ ଆଲୋକପାତ କରିଥିଲେ । ଏହି ଅବସରରେ ଯଜ୍ଞ ପ୍ରସାଦ ସାହୁ ଉପସ୍ଥିତ ସମସ୍ତ ଯୁବକଙ୍କୁ ଜାତୀୟ ପତାକା ଉପହାର ସ୍ୱରୂପ ପ୍ରଦାନ କରିଥିଲେ । ଚିଣ୍ଟୁ ମହାରଣା, ହାପି ଦେହୁରୀ, ଅଜୟ ଦେହୁରୀ, ବିଭୁ ଦାସ, ବାଦଲ କୁମାର ସା, ପାପୁନ ମହାରଣା, ମିଲୁ ମୁଦୁଲି, ବାପି ନନ୍ଦୀ, ଅଭିମନ୍ୟୁ ମହାରଣା, ବବୁଲ ସେଠୀ, ବାବୁ ସା, ତାପସ କୁମାର ସା, ବାପିନ ନାହାକ, ବିକି ଦେହୁରୀ, ବିଜି ସରଘରିଆ, ବାବୁ ସାହୁ ପ୍ରମୁଖ ବିଭିନ୍ନ ସ୍ଲୋଗାନ ଦେବା ସହ ଗଣତନ୍ତ୍ରକୁ ଅଧିକ ମଜଭୁତ୍ କରିବା ପାଇଁ ଶପଥ ନେଇଥିଲେ ।

# ସମ୍ବର୍ଦ୍ଧିତ ହେଲେ ଆନନ୍ଦପୁର ଉପଜିଲ୍ଲାପାଳ

ଆନନ୍ଦପୁର,୨୫।୧(ସମିସ): ୧୬ତମ ଜାତୀୟ ମତଦାନ ଦିବସର ରାଜ୍ୟସ୍ତରୀୟ ସମାରୋହରେ ଆନନ୍ଦପୁର ଉପଜିଲ୍ଲାପାଳ ନୀଳମାଧବ ସୁନାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି ।




ରାଜ୍ୟ ସରକାରଙ୍କ ପକ୍ଷରୁ ଆରମ୍ଭ ହୋଇଥିବା ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମରେ ଆନନ୍ଦପୁର ଉପଖଣ୍ଡରେ ଶତପ୍ରତିଶତ ସଂଶୋଧନ କରିବାରେ ଉଲ୍ଲେଖନୀୟ ଅବଦାନ ପାଇଁ ରାଜ୍ୟରେ ପ୍ରଥମ ସ୍ଥାନ ଗ୍ରହଣ କରି ସେ ସମ୍ମାନିତ ହୋଇଥିବା ଜଣାଯାଇଛି । ସେହିପରି ଅତିରିକ୍ତ ଉପଜିଲ୍ଲାପାଳ ଯୁଧିଷ୍ଠିର ମେହେର ଏହି କାର୍ଯ୍ୟକ୍ରମରେ ଉଲ୍ଲେଖନୀୟ ଅବଦାନ ପାଇଁ ରାଜ୍ୟରେ ଦ୍ୱିତୀୟ ଓ ନୂତନ ଭୋଟରଙ୍କୁ ଯୋଡ଼ିବା କ୍ଷେତ୍ରରେ ରାଜ୍ୟରେ ତୃତୀୟ ସ୍ଥାନ ଅଧିକାର କରି ସମ୍ମାନିତ ହୋଇଛନ୍ତି । ଏହି ଉପଲକ୍ଷେ ଆୟୋଜିତ ରାଜ୍ୟସ୍ତରୀୟ ଉତ୍ସବରେ ମୁଖ୍ୟ ନିର୍ବାଚନ ଅଧିକାରୀ ଆର୍‌ଏସ୍ ଗୋପାଳନ ଓ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶାନ୍ତ କୁମାର ମିଶ୍ର ଏହି ସମ୍ବର୍ଦ୍ଧନା ଓ ପୁରସ୍କାର ଲୋକସେବା ଭବନ, କନ୍‌ଭେନସନ୍ ସେଣ୍ଟର୍‌ରେ ପ୍ରଦାନ କରିଥିଲେ ଅନୁଷ୍ଠିତ ହୋଇଥିଲା ।

# ମୁନି ସମାଜର ସଚେତନତା ଶିବିର



ଆନନ୍ଦପୁର,୨୫।୧(ସମିସ): ସମାଜରେ ବିଭିନ୍ନ ଧର୍ମ ଓ ଆଧ୍ୟାତ୍ମିକ ସଂଗଠନ ଗଢ଼ି ଉଠିଥିବା ବେଳେ ଏକ ସନ୍ତୁଳିତ, ସୁସ୍ଥ ଓ ନିରାମୟ ପରିବେଶ ଗଠନ ହୋଇ ପାରୁନାହିଁ । ସେଥିପାଇଁ ଯୋଗ ମାଧ୍ୟମରେ ମନୁଷ୍ୟ ଶରୀର କିପରି ଆରୋଗ୍ୟ ହୋଇ ସୁସ୍ଥ ଜୀବନ ଶୈଳୀର ଧାରାରେ ଜୀବନ ଅତିବାହିତ କରିବ ତାହା ମୁନି ସମାଜର ଲକ୍ଷ୍ୟ ରହିଛି, ଏଥିପାଇଁ ଅଭିନବ ପ୍ରୟାସ ମଧ୍ୟ ମ୍ରମ୍ଭ କରିଛି । ମୁନି ସମାଜ ଆଧୁନିକ ପିଢ଼ିର ଜୀବନଚର୍ଯ୍ୟା ଉପରେ ଆଲୋକପାତ କରି ଜିଲ୍ଲା ତଥା ରାଜ୍ୟର ବିଭିନ୍ନ ଅଞ୍ଚଳରେ ଜନସାଧାରଣଙ୍କୁ ସଚେତନତା କରିବା ଉଦ୍ଦେଶ୍ୟରେ ଯୋଗ ଶିବିର ମାନ ଅନୁଷ୍ଠିତ କରୁଛି । ମୁନି ସମାଜର ଏଭଳି ଏକ ବାର୍ଷିକ ଅଧିବେଶନ କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବ୍ଲକ ଟାଙ୍ଗର ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁନି ସମାଜର ରାଜ୍ୟ ସଭାପତି ଲୋକନାଥ ମୁନି, ସମ୍ପାଦକ ବାଇଧର ମୁନି, ଯୋଗ ଗୁରୁ ତ୍ରିଲୋଚନ ଘୋଷ ଓ ମୁନି ମତି ଇତିନାଙ୍କ ସମେତ ବହୁ କର୍ମକର୍ତ୍ତା ଯୋଗ ଦେଇଥିଲେ । ଆୟୋଜକ ଆଶାଲତା ମୁନି ଓ ସରୋଜ ସାହୁଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ଅତି ଶୃଙ୍ଖଳାର ସହ ସମାପନ ହୋଇଥିଲା ।

# ଦୁର୍ଘଟଣା ପରେ ପୋଖରୀକୁ ଖସିପଡ଼ି ଯୁବକ ମୃତ

ତୁରୁମୁଙ୍ଗା,୨୫।୧(ସମିସ) : ଦୁର୍ଘଟଣା ପରେ ରାସ୍ତା କଡ଼ରେ ଥିବା ପୋଖରୀ ଭିତରକୁ ବାଇକ୍ ଖସି ପଡ଼ିବା ପରେ ପୋଖରୀରେ ବୁଡ଼ି ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି । କେନ୍ଦୁଝର ଜିଲ୍ଲା ପାଟଣା ଥାନା ଅନ୍ତର୍ଗତ ବରବେଡ଼ା ନିକଟରେ



ଶନିବାର ବିଳମ୍ବିତ ରାତିରେ ଘଟିଛି ଏହି ଦୁର୍ଘଟଣା । ମୃତକ ହେଲେ ଲକ୍ଷ୍ମୀପଶି ଗ୍ରାମର କିଶୋର ମୁଣ୍ଡାଙ୍କ ପୁଅ ଚନ୍ଦନ ମୁଣ୍ଡା(୨୧) । ଶନିବାର ବିଳମ୍ବିତ ରାତିରେ ଚନ୍ଦନ ଚାତରପାଣିରୁ ଯାତ୍ରା ଦେଖି ବାଇକ୍ ଯୋଗେ ଘରକୁ ଫେରୁଥିଲେ । ବରବେଡ଼ା ନିକଟରେ ପଛପଟୁ ଏକ ଅଜଣା ଗାଡ଼ି ଧକ୍କା ଦେଇଥିଲା ଫଳରେ ବାଇକ ଟି ଭାରସାମ୍ୟ ହରାଇ ରାସ୍ତା କଡ଼ରେ ଥିବା ପୋଖରୀ ଭିତରକୁ ପଶି ଯାଇଥିଲା । ଘଟଣାସ୍ଥଳରେ ସାହାରପଡ଼ା ଫାଣ୍ଡି ଅଧିକାରୀ ପାର୍ଥ ଓରାମ, ଏଏସ୍‌ଆଇ ପଞ୍ଚମୀ ମହାନ୍ତ ପହଁଞ୍ଚି ରବିବାର ସକାଳୁ ପୋଖରୀ ଭିତରୁ ମୃତଦେହକୁ ଉଦ୍ଧାର କରି ପାଟଣା ମେଡିକାଲରେ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ଏ ନେଇ ପାଟଣା ଥାନାରେ ଏକ ମାମଲା ରୁଜୁ ହୋଇଛି ।

# କେନ୍ଦୁଝରରେ ଜିଲ୍ଲାସ୍ତରୀୟ ଜାତୀୟ ମତଦାତା ଦିବସ




କେନ୍ଦୁଝର,୨୫।୧(ସମିସ): ଜିଲ୍ଲାସ୍ତରୀୟ ୧୬ତମ ଜାତୀୟ ମତଦାତା ଦିବସ ସ୍ଥାନୀୟ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଦରବାର ହଲ୍‌ଠାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ବିଶାଳ ସିଂହଙ୍କ ନିର୍ଦ୍ଦେଶକ୍ରମେ ସଂଯୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକ ଯୋଗଦେଇ ଜାତୀୟ ମତଦାତା ଦିବସ ଏବଂ ଗଣତନ୍ତ୍ରରେ ମତଦାନର ଗୁରୁତ୍ୱ ସମ୍ବନ୍ଧରେ ଆଲୋକପାତ କରିଥିଲେ । ସମ୍ମାନିତ ଅତିଥି ଭାବେ କେନ୍ଦୁଝର ଉପଜିଲ୍ଲାପାଳ ଉମାଶଙ୍କର ଦଳାଇ, ଅତିରିକ୍ତ ଉପ ଜିଲ୍ଲାପାଳ ପୁନମ ବିନିତା ବାଗେ, ଡେପୁଟି କଲେକ୍ଟର ବିକାଶ ଚନ୍ଦ୍ର ସାହୁ, ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହା ପ୍ରମୁଖ ଉପସ୍ଥିତ ଥିଲେ । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ରାୟ ସଭା ସଂଯୋଜନା କରିଥିଲେ । ଏହି ଅବସରରେ ନୂତନଭାବେ ଭୋଟରରୂପେ ପଞ୍ଜିକୃତ ହୋଇଥିବା ଯୁବକ ଯୁବତୀଙ୍କୁ ଭୋଟର ପରିଚୟ ପ୍ରଦାନ କରାଯାଇଥିଲା । ମତଦାନର ଗୁରୁତ୍ୱକୁ ଜନସାଧାରଣଙ୍କ ମଧ୍ୟରେ ବ୍ୟାପକ ପ୍ରଚାର ପ୍ରସାର କରିବା ନିମନ୍ତେ ବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରୀୟ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଏହି ଅବସରରେ ପୁରସ୍କୃତ କରାଯାଇଥିଲା । ମତଦାନର ବାର୍ତ୍ତା ନେଇ ଶପଥପାଠ କରାଯାଇଥିଲା । ସକାଳେ ଏକ ଭୋଟର ସଚେତନତା ଶୋଭାଯାତ୍ରା ନଗର ପରିକ୍ରମା କରିଥିଲା । ଏହାକୁ ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକ ପତାକା ପ୍ରଦର୍ଶନ କରି ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଥିଲେ । ଏହି କାର୍ଯ୍ୟକ୍ରମକୁ ସହକାରୀ ଜିଲ୍ଲାପାଳ (ନିର୍ବାଚନ) ସନ୍ତୋଷ କୁମାର ପରିଡ଼ା ପରିଚାଳନା କରିଥିଲା ବେଳେ ବରିଷ୍ଠ ରାଜସ୍ୱ ସହାୟକ ପାର୍ଥସାରଥୀ ନାୟକ ଓ ଅନ୍ୟ କର୍ମଚାରୀ ସହଯୋଗ କରିଥିଲେ ।

# ମା’ ତାରିଣୀଙ୍କ ପ୍ରତିଷ୍ଠା ଉତ୍ସବ



ହାଟଡ଼ିହି,୨୫।୧(ସମିସ): ହାଟଡ଼ିହି ବ୍ଲକ୍ ମରେଇଗାଁ ଠାରେ ମା’ ତାରିଣୀଙ୍କ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଗତକାଲି କଳସ ଉତ୍ସବ ହୋଇଥିଲାବେଳେ ଆଜି ସୂର୍ଯ୍ୟପୂଜା, ଘଟ ପୂଜା, ଅଗ୍ନି ସ୍ଥାପନ ଓ ପ୍ରତିଷ୍ଠା ଉତ୍ସବ ହୋଇଛି । ନିରଞ୍ଜନ ମିଶ୍ର, କାମଦେବ ତ୍ରିପାଠୀ, ଗଣେଶ ଦାସଙ୍କ ଦ୍ୱାରା ପୂଜାକାର୍ଯ୍ୟ ସମାପନ ହୋଇଥିଲା । ସୁଦାମ ଚରଣ ଜେନା ଓ ତାଙ୍କ ଧର୍ମପତ୍ନୀ ସାବିତ୍ରୀ ଜେନା ସଂକଳ୍ପ କରିଥିଲେ । ଏଥିରେ ସ୍ନିଗ୍ଧାରାଣୀ ଘଡ଼େଇ, ମମତା ସାହୁ, ସଞ୍ଜୁଲତା ପଲେଇ, ଉଷାରାଣୀ ଜେନା, କଲ୍ୟାଣୀ ମହାନ୍ତି, କାମିନୀ ଜେନା, ରଶ୍ମିତା ଜେନା ପ୍ରମୁଖ କଳସଧାରୀ ମାନେ ଶୁଭ କଳସ ଆଣି ଚଣ୍ଡିଆବିରଞ୍ଚିପୁର, ମରେଇଗାଁ ଓ ବଜାର ପରିକ୍ରମା କରି ଠାକୁର ମଣ୍ଡପରେ କଳସ ସ୍ଥାପନ ସହ ଅଙ୍କୁରାରୋପଣ କରିଥିଲେ । ତାରିଣୀ କମିଟିର ସଭାପତି ଚତୁର୍ଭୁଜ ଶଙ୍ଖୁଆ, ସମ୍ପାଦକ ସୁଦାମ ଚରଣ ଜେନା, କମିଟି ସଦସ୍ୟ ଶରତ ସେଠୀ, ନିର୍ମଳ ମଲ୍ଲିକ, କୃଷ୍ଣଚନ୍ଦ୍ର ସାହୁ, ଭଗବାନ ରାଉତ, ନିର୍ମଳ ବାରିକ, ସୁଦର୍ଶନ ଘଡ଼େଇ, ସତ୍ୟାନନ୍ଦ ମାଝୀ, ରତ୍ନାକର ଗିରି ପ୍ରମୁଖ ଏଥିରେ ସହଯୋଗ କରିଥିଲେ ।

# ବାର୍ଷିକ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

ଆନନ୍ଦପୁର,୨୫।୧(ସମିସ): କେନ୍ଦୁଝର ଜିଲ୍ଲା ଘସିପୁରା ବ୍ଲକ୍ ବରିପାଳ ପଞ୍ଚାୟତ ଶୁଆପୁରଠାରେ ଏସ୍‌ଏସ୍ କ୍ଲବ୍ ପକ୍ଷରୁ ୨୯ତମ ବାର୍ଷିକ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଛି । ଏଥିରେ ମୋଟ ୩୨ଟି ଟିମ୍ ଅଂଶଗ୍ରହଣ କରିଥିବାବେଳେ ଉଦ୍‌ଯାପନୀ ମ୍ୟାଚରେ ନେହା ଏଫ୍‌ସି କରଞ୍ଜିଆ ଦଳ ଟ୍ରାଇବେକରେ ୪-୦ ଗୋଲରେ ଜୟ ପ୍ରକାଶ ଏଫ୍‌ସି କେନ୍ଦୁଝରକୁ ହରାଇ ଚାମ୍ପିଅନ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ଦେବାଶିଷ ପାତ୍ର, ସମ୍ମାନିତ ଅତିଥି ଭାବେ ସରପଞ୍ଚ ପଦ୍ମଲୋଚନ ସା, ବୁଦ୍ଧିଜୀବୀ ଗଣେଶ୍ୱର ମୁର୍ମୁ, ଅବସରପ୍ରାପ୍ତ ଭିଏଲ୍‌ଡବ୍ଲୁ ବର୍ସେନ ମାରାଣ୍ଡି, ସମାଜସେବୀ ମୁନା ପ୍ରାଣିଗ୍ରାହୀ, ପୂର୍ବତନ ଜିଲ୍ଲା ପରିଷଦ



ତୁସୀଲ ମୁର୍ମୁ, ଅନ୍ତର୍ଯ୍ୟାମୀ ଭଞ୍ଜ, ଗଡ଼ବାନ୍ଧଗୋଡ଼ା ସମିତି ସଭ୍ୟ ବିଜୟ ଜେନା, ସୁଶାନ୍ତ ନାଥ, ରାଜୀବ ଲୋଚନ ପଲେଇ, ଗୋପୀନାଥ ହାଁସଦା, କାଳନ୍ଦୀ ମୁର୍ମୁ, ଛୋଟରାୟ ମୁର୍ମୁ ଯୋଗଦେଇ ଚାମ୍ପିଅନ୍ ଓ ରନର୍ସଅପ୍ ଦଳକୁ ପୁରସ୍କାର ପ୍ରଦାନ କରିଥିଲେ । କ୍ଲବ୍‌ର ସଭାପତି ଗୋପିନାଥ ହାଂସଦା, ସମ୍ପାଦକ ମୀର୍ଜା ସୋରେନ ଓ ସମସ୍ତ ସଦସ୍ୟ ଖେଳକୁ ପରିଚାଳନା କରିଥିଲେ । ଏହି ଖେଳ ଦେଖିବାକୁ ହଜାର ଦର୍ଶକ ଉପସ୍ଥିତ ଥିଲେ ।

# ବ୍ରଜମୋହନପୁର ମାନବିକ ବିଦ୍ୟାଭବନରେ ସଦ୍‌ଭାବନା ଦିବସ




କେନ୍ଦୁଝର,୨୫।୧(ସମିସ): ହରିଚନ୍ଦନପୁର ବ୍ଲକ୍ ବ୍ରଜମୋହନପୁରସ୍ଥିତ ମାନବିକ ବିଦ୍ୟାଭବନରେ ସଦ୍‌ଭାବନା ଦିବସ ପାଳିତ ହୋଇଛି । ଏହି ଅବସରରେ ଭୁବନେଶ୍ୱର କଳିଙ୍ଗ ହସ୍ପିଟାଲର ଅଧ୍ୟକ୍ଷ ତଥା ଆମେରିକାରେ ରହୁଥିବା ଓଡ଼ିଶାର ସ୍ୱନାମଧନ୍ୟ ଡାକ୍ତର ଶୀତକଣ୍ଠ ଦାଶ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ କଳିଙ୍ଗ ହସ୍ପିଟାଲ ସିଇଓ ଡ.ସନ୍ତୋଷ କୁମାର ଦୋରା, ସିଏଫ୍‌ଇଏସ୍ ନୃସିଂହ ସ୍ୱାଇଁ ଓ ମାର୍କେଟିଙ୍ଗ୍ ବ୍ରାଣ୍ଡ ମ୍ୟାନେଜର ବିନୟ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ । ଅନୁଷ୍ଠାନର ସମ୍ପାଦିକା କନକ ନାୟକ ସଭାପତିତ୍ୱ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଜୟ ସାହୁ, ଅରୁଣ ସାହୁ, ଦୁର୍ଯ୍ୟୋଧନ ମହାନ୍ତ, ସଂଗ୍ରାମ କେଶରୀ ସାହୁ, ଅଭୟ ମହାନ୍ତ, ଦୁର୍ଯ୍ୟୋଧନ ମହାନ୍ତ, ପ୍ରଭାକର ରାଉତ, ଗୁରୁମା ରଶ୍ମିରେଖା ସାହୁ, ସଂଯୁକ୍ତା ଖଣ୍ଡା, ରଶ୍ମିତା ଧିନ୍ଦା, ଅଞ୍ଜଳି ସାହୁ, ସୁଚିସ୍ମିତା ମହାନ୍ତ, ପୂର୍ଣ୍ଣିମା ପ୍ରିୟଦର୍ଶନୀ ସାହୁ, ସ୍ମୃତିରାଣୀ ମହାନ୍ତ, କୁନ୍ତଳା ଦେହୁରୀ ଓ ସବିତା ଦେହୁରୀ ସହଯୋଗ କରିଥିଲେ । ପ୍ରଜ୍ଞାପ୍ରିୟଦର୍ଶନୀ ସାହୁ ପରିଚାଳନା କରିଥିଲେ ।

## ଆଜି ପାଳନ ହେବ ୭୭ତମ ସାଧାରଣତନ୍ତ୍ର ଦିବସ

# ଏବେ ବି ପାଦଚଲା ରାସ୍ତା; ଡିବିରି ଆଲୁଅ ଭରସାରେ ନଟିଆ ଗାଁ

ଆନନ୍ଦପୁର,୨୫।୧(ସମିସ): ସ୍ୱାଧୀନତାର ୭୯ ବର୍ଷ ପରେ ବି ଏଭଳି ଏକ ଗାଁ ଅଛି; ଯେଉଁ ଗାଁର ଲୋକଙ୍କ ପାଇଁ ଆଜି ମଧ୍ୟ ରାସ୍ତା ଓ ବିଜୁଳି ଆଲୁଅ ସାତସପନ ପାଲଟିଛି । ଡିବିରି ଆଲୁଅରେ ଛାତ୍ରଛାତ୍ରୀ ଙ୍କ ଭବିଷ୍ୟତ କଥା ଚିନ୍ତା କରି ଗ୍ରାମବାସୀ ଭାଗ୍ୟକୁ ଆଦରି ପଡ଼ିରହିଛନ୍ତି । ଏ ନେଇ ଉପଖଣ୍ଡ ପ୍ରଶାସନ, ଜିଲ୍ଲା ପ୍ରଶାସନଠାରୁ ଆରମ୍ଭକରି ରାଜ୍ୟ ପଦାଧିକାରୀ ସମସ୍ତଙ୍କୁ ଗୁହାରି କରିଥିଲେ ବି ସମସ୍ୟାର ସମାଧାନ ହୋଇପାରିନାହିଁ । ଏପରିକି ହରତାଳ ମଧ୍ୟ କରିଛନ୍ତି ଗ୍ରାମବାସୀ; ତଥାପି ଶୁଣୁନି ପ୍ରଶାସନ । ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିରେ ଗ୍ରାମବାସୀ ୧୩ଥର ଫେରାଦ ହୋଇ ବି ବିଫଳ ହୋଇଛନ୍ତି । ଏପରି ଦୟନୀୟ ଅବସ୍ଥା ପରିଲକ୍ଷିତ ହୋଇଛି କେନ୍ଦୁଝର ଜିଲ୍ଲା ଘଷିପୁରା ବ୍ଲକ୍ ସାମୁକାନାଣ୍ଡି ପଞ୍ଚାୟତ ନଟିଆ ଗାଁରେ ।





ଘଷିପୁରା ବ୍ଲକ୍‌ର ଆଦିବାସୀ ଅଧ୍ୟୁଷିତ ସାମୁକାନାଣ୍ଡି ପଞ୍ଚାୟତର ନଟିଆ ଗାଁ । ଏହି ଗାଁର ଲୋକଙ୍କ ସଂଖ୍ୟା ପାଖାପାଖି ୫୦୦ହେବ । ଗାଁକୁ ଆଜିଯାଏ ପହଞ୍ଚି ପାରିନି ବିଜୁଳି ଆଲୁଅ । ଫଳରେ ଲୋକଙ୍କ ପାଇଁ ଦିନ ତ ଯେମିତି ହେଲେ କଟିଯାଉଛି, କିନ୍ତୁ ରାତି ହେଲେ ଭୟରେ ରହୁଛନ୍ତି ଗାଁ ଲୋକେ । ଡିବିରି ଆଲୁଅରେ ଛାତ୍ରଛାତ୍ରୀ ପାଠ ପଢ଼ିବାକୁ ବାଧ୍ୟ ଜଙ୍ଗଲିଆ ଅଞ୍ଚଳ ଯୋଗୁଁ

## ରାସ୍ତା, ବିଜୁଳି ସ୍ୱପ୍ନ; ଡିବିରି ଆଲୁଅ ଭରସା

ସରୀସୃପଙ୍କ ଭୟ ସବୁବେଳେ ଘାରିଥାଏ । ବିଜୁଳି ନ ଥିବାରୁ ପିଲାଙ୍କର ପାଠପଢ଼ାଠାରୁ ଆରମ୍ଭକରି ସବୁକ୍ଷେତ୍ରରେ ସମସ୍ୟା ଭୋଗୁଛନ୍ତି ଗାଁ ଲୋକେ । ଗାଁକୁ ବିଜୁଳି ଆଲୁଅ ନଥିବାରୁ ମୋବାଇଲ ଚାର୍ଜ ପାଇଁ ୨ କିମି ଯାଆନ୍ତି ଲୋକେ । ତେବେ ନଟିଆ ଗାଁକୁ କେବେ ବିଦ୍ୟୁତ୍ ଯୋଗାଣ ସମ୍ପର୍କରେ ଉପଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ବିଦ୍ୟୁତ୍ ବିଭାଗ ସହ ଏ ନେଇ ଆଲୋଚନା ହୋଇ ଆକଳନ ପ୍ରସ୍ତୁତ କରିବାକୁ ପ୍ରସ୍ତାବ ଦିଆଯାଇଛି । କୌଣସି ସରକାରୀ ଅନୁଦାନ ଦିଆଯାଇ ନଟିଆ ଗାଁକୁ ବିଦ୍ୟୁତ୍ କରଣ କରାଯିବ ।

## ଜାତୀୟ ମତଦାତା ଦିବସ ପାଳିତ

# ନୂତନ ଭୋଟରଙ୍କୁ ପରିଚୟପତ୍ର ଓ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ




**ବାରିପଦା, ୨୫ ।୧(ସମିସ)**

ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ରବିବାର ୧୬ତମ ଜାତୀୟ ମତଦାତା ଦିବସ ପାଳିତ ହୋଇଯାଇଛି । ସକାଳେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଏକ ସଚେତନତା ରାଲି ବାହାରି ସହର ପରିକ୍ରମା କରିଥିଲା । ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକ, ଈଶ୍ୱର ନାୟକ, ବାରିପଦା ଉପଜିଲ୍ଲାପାଳ ଡଃ ଦୟାସିନ୍ଧୁ ପରିଡ଼ା ପତାକା ଦେଖାଇ ରାଲିକୁ ଶୁଭାରମ୍ଭ କରିଥିବାବେଳେ ବହୁ ସଂଖ୍ୟକ ଏନଏସଏସ, ରେଡକ୍ରସ, ସିଭିଲିଆନ ଦଳର ଛାତ୍ରଛାତ୍ରୀ ଏବଂ ଜନସାଧାରଣ ଏହି ରାଲିରେ ଯୋଗ ଦେଇଥିଲେ । ଏ ଅବସରରେ ନୂତନ ଭୋଟରଙ୍କୁ ପରିଚୟପତ୍ର ଓ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଛି ।

ସଚେତନତା ରାଲି ପରେ ସମ୍ମିଳନୀ କକ୍ଷରେ ଆୟୋଜିତ ବୈଠକରେ ସମସ୍ତେ ଯୋଗ ଦେଇଥିଲେ । ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନାୟକ ଛାତ୍ରଛାତ୍ରୀଙ୍କ ସହିତ ଜାତୀୟ ମତଦାତା ଦିବସ ପାଳନର ଆଭିମୁଖ୍ୟ ଓ ଭୋଟଦାନ ସମ୍ପର୍କରେ ଆଲୋଚନା କରିଥିଲେ । ଏକ ସଂକ୍ଷିପ୍ତ ପ୍ରଶ୍ନୋତ୍ତର ଦ୍ୱାରା ନିଜର ଭୋଟଦାନ ସମ୍ପର୍କିତ ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ପର୍କରେ ସେମାନଙ୍କୁ ସଚେତନ କରାଇବା ସହ ମତଦାନ କରିବାକୁ ଶପଥ ନେଇଥିଲେ । ନାଗରିକଙ୍କୁ ମିଳିଥିବା ମତଦାନର ଅଧିକାର ବ୍ୟବହାର ସହ ଭୋଟ ହାର ବୃଦ୍ଧି କରିବା ପାଇଁ ସମସ୍ତଙ୍କୁ ଆହ୍ୱାନ ଦେଇଥିେ । ତତସହିତ ନୂତନ ଯୁବ ଭୋଟରଙ୍କୁ ଭୋଟଦାନ କରିବା ପାଇଁ ପ୍ରୋତ୍ସାହିତ କରିଥିଲେ । ଜାତୀୟ ମତଦାତା ଦିବସ ଉପଲକ୍ଷେ ପୂର୍ବରୁ ଅନୁଷ୍ଠିତ ମତଦାନ ସ୍ଲୋଗାନ, ବ୍ୟାଙ୍ଗ ନାଟକ, ରିଲ୍ସ, ବକ୍ତୃତା, ଚିତ୍ରାଙ୍କନ, କୁଇଜ୍ ଓ ରଚନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ଏଥିସହିତ ଜିଲ୍ଲାର ବିଭିନ୍ନ ନିର୍ବାଚନୀମଣ୍ଡଳରେ ନିର୍ବାଚନ ପ୍ରସ୍ତୁତିରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିବା ଅଧିକାରୀଙ୍କୁ ପୁରସ୍କୃତ କରାଯାଇଥିଲା । ଏଥିରେ ବିଭିନ୍ନ ନିର୍ବାଚନ ମଣ୍ଡଳୀରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଅତିରିକ୍ତ ନିର୍ବାଚନ ପଞ୍ଜୀକରଣ ଅଧିକାରୀ ଭାବେ, ବାଙ୍ଗିରିପୋଷି ନିର୍ବାଚନମଣ୍ଡଳୀ ପାଇଁ ବିଡିଓ ବାଙ୍ଗିରିପୋଷି ପରମାନନ୍ଦ ଖଣ୍ଡେଇ, ବଡ଼ସାହି ନିର୍ବାଚନ ମଣ୍ଡଳୀ ପାଇଁ ବିଡ଼ିଓ ବଡ଼ସାହି, ବନଜା ଦାସ, ବାରିପଦା ନିର୍ବାଚନ ମଣ୍ଡଳୀ ପାଇଁ ବିଡ଼ିଓ ଖୁଣ୍ଟା ସତ୍ୟଜିତ ରାଉତ, ମୋରଡା ନିର୍ବାଚନ ମଣ୍ଡଳୀ ପାଇଁ ବିଡିଓ ଶୁଳିଆପଦା ଲକ୍ଷ୍ମୀସାଗର ମାଝୀ, ଉଦଳା ନିର୍ବାଚନମଣ୍ଡଳୀ ପାଇଁ ଗୋପବନ୍ଧୁନଗର ତହସିଲଦାର ଓମ୍ ପ୍ରକାଶ ମହାନ୍ତି, ଯଶିପୁର ନିର୍ବାଚନ ମଣ୍ଡଳୀ ପାଇଁ ସହକାରୀ ଜିଲ୍ଲାପାଳ କରଞ୍ଜିଆ ନିହାର ରଞ୍ଜନ ସେଠୀ, କରଞ୍ଜିଆ ନିର୍ବାଚନ ମଣ୍ଡଳୀ ପାଇଁ ତହସିଲଦାର ଠାକୁରମୁଣ୍ଡା ସମ୍ବିତ କର, ସାରସକଣା ନିର୍ବାଚନମଣ୍ଡଳୀ ପାଇଁ ବିଶୋଇ ବିଡିଓ ସାଗର ମୁର୍ମୁ, ରାଇରଙ୍ଗପୁର ନିର୍ବାଚନମଣ୍ଡଳୀ ପାଇଁ ବିଡିଓ ରାଇରଙ୍ଗପୁର ନାରାୟଣୀ ପ୍ରିୟଦର୍ଶିନୀ ପଣ୍ଡାଙ୍କୁ ପୁରସ୍କୃତ କରାଯାଇଥିଲା । ଏତଦବ୍ୟତୀତ ବୁଥ୍ ଲେଭେଲ୍ ଅଫିସର ଓ ବୁଥ୍ ଲେଭେଲ୍ ସୁପରଭାଇଜର୍‌ଙ୍କୁ ମଧ ତାଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଉପଜିଲ୍ଲାପାଳ ଡଃ ପରିଡ଼ା ସଭା କାର୍ଯ୍ୟ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମକୁ ଡେପୁଟି କଲେକ୍ଟର ଇଲେକ୍ସନ କ୍ରିସେନସିଆ ତିର୍କୀ ସଂଯୋଜନା କରିଥିଲେ ।


## ପାଞ୍ଚପୀର ମହିଳା ଉଚ୍ଚମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

**କରଞ୍ଜିଆ, ୨୫।୧(ସମିସ):** ପାଞ୍ଚପୀର ମହିଳା ଉଚ୍ଚମାଧ୍ୟମିକ ବିଦ୍ୟାଳୟର ୪୦ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି । ଅଧକ୍ଷ ଦିଲୀପ ପୃଷ୍ଟିଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବକୁ ମୁଖ୍ୟଅତିଥି ଭାବେ ସାଂସଦ ଅନନ୍ତ ଚରଣ ନାୟକ ଓ ସମ୍ମାନିତ ଅତିଥି ଭାବେ ବିଧାୟକ ପଦ୍ମଚରଣ ହାଇବ୍ରୁ, ମୁଖ୍ୟବକ୍ତା ଭାବେ ଡା. ଦିଲ୍ଲୀପ କୁମାର ଭୋଇ ଓ ପରିଚାଳନା ସମିତିର ପୂର୍ବତନ ସଦସ୍ୟ ବାଞ୍ଛାନିଧି ପୃଷ୍ଟି ପ୍ରଥମ ପର୍ଯ୍ୟାୟ ଅଧିବେଶନରେ ଅତିଥି ଭାବେ ଗୋପାଳ ଅଗ୍ରୱାଲ, ଗୋଜେନ୍ଦ୍ର ନାଥ ସାହୁ, ଅବସରପ୍ରାପ୍ତ ଅଧାପିକା ଲକ୍ଷ୍ମୀପ୍ରିୟା ମିଶ୍ର ଯୋଗ ଦେଇ ଉଦବୋଧନ ଦେଇଥିଲେ । ଅଧାପିକା ଅର୍ଚ୍ଚନା ମାଝୀ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଅଧକ୍ଷ ଶ୍ରୀ ପୃଷ୍ଟି ସ୍ୱାଗତ ଭାଷଣ ଓ ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ । ମହିଳା ମହାବିଦ୍ୟାଳୟର ଅଧାପିକା ଦେବଯାନୀ ନାୟକ ଓ ଦିବ୍ୟାଶ୍ରୀ ବାରିକ ମଞ୍ଚ ପରିଚାଳନା କରିଥିଲେ । ମହିଳାଙ୍କ ଦାୟିତ୍ୱ, ସାମାଜିକ ବ୍ୟବସ୍ଥାରେ ତାଙ୍କର ଅବଦାନ, ମହିଳାମାନେ କିପରି ପୁରାତନ ସମୟରୁ ଆଜି ପର୍ଯ୍ୟନ୍ତ ବିଭିନ୍ନ କ୍ଷେତ୍ରରେ ତାଙ୍କର ଅବଦାନ ଓ ବିଶେଷକରି ମୟୂରଭଞ୍ଜର କଳା, ସଂସ୍କୃତି, କିପରି ବିଶ୍ୱରେ ଆଦୃତ ହୋଇଛି ତା' ଉପରେ ଅତିଥିମାନେ ଉଲ୍ଲେଖ କରିଥିଲେ । ଯୁଇଲିଅମ କେରକେଟା ଧନ୍ୟବାଦ ଦେଇଥିଲେ । ପରେ ଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା ।

## ମୟୂରଭଞ୍ଜ ପୁସ୍ତକମେଳା ରାଜ୍ୟସ୍ତରୀୟ ସାରସ୍ୱତ ପୁରସ୍କାର ଘୋଷିତ

# ଲକ୍ଷ୍ମୀ ଚାନ୍ଦ, ଦେବାଶିଷ ପାତ୍ର, ସୁଜିତ ଶତପଥୀ ଓ ସ୍ନିଗ୍ଧା ନାୟକ ମନୋନୀତ



**ବାରିପଦା, ୨୫ ।୧(ସମିସ):** ସ୍ଥାନୀୟ ଛଉ ପଡ଼ିଆଠାରେ ଚାଲିଥିବା ଦ୍ୱାଦଶ ମୟୂରଭଞ୍ଜ ପୁସ୍ତକ ମେଳାର ରାଜ୍ୟସ୍ତରୀୟ ସାରସ୍ୱତ ପୁରସ୍କାର ରବିବାର ଘୋଷଣା କରାଯାଇଛି । ଚଳିତ ବର୍ଷ ପାଇଁ ଉପନ୍ୟାସ କ୍ଷେତ୍ରରେ 'ଫେରି ଆସିଥିବା ପାଦ' ପୁସ୍ତକ ପାଇଁ ଲକ୍ଷ୍ମୀ ଚାନ୍ଦ, ଗଳ୍ପ କ୍ଷେତ୍ରରେ 'ଚକଲେଟ୍' ପୁସ୍ତକ ପାଇଁ ଡ. ଦେବାଶିଷ ପାତ୍ର, କବିତା କ୍ଷେତ୍ରରେ 'ଅନାମିତ ରହୁ କିଛି' ପୁସ୍ତକ ପାଇଁ ସୁଜିତ କୁମାର ଶତପଥୀ ଓ ଶିଶୁ ସାହିତ୍ୟ କ୍ଷେତ୍ରରେ 'ପାଠ ପଢ଼ିବା ଜଗତ ଜିଣିବା' ପୁସ୍ତକ ପାଇଁ ସ୍ନିଗ୍ଧା ନାୟକଙ୍କୁ ମୟୂରଭଞ୍ଜ ପୁସ୍ତକ ମେଳା ପକ୍ଷରୁ ରାଜ୍ୟସ୍ତରୀୟ ସାରସ୍ୱତ ପୁରସ୍କାର ପ୍ରଦାନ କରାଯିବ ବୋଲି ସମ୍ପାଦକ ମନୋଜ ଦଳବେହେରା ଜଣାଇଛନ୍ତି । ଏହି ପୁରସ୍କାର ୩୧ ତାରିଖରେ ଆୟୋଜିତ ହେବାକୁ ଥିବା ଉଦଯାପନୀ ଉତ୍ସବରେ ପ୍ରଦାନ କରାଯିବ ।

# ବନଦୁର୍ଗାଙ୍କ ପୀଠରେ ଶତଚଣ୍ଡୀ ଯଜ୍ଞ

**କୁଆମରା, ୨୫ ।୧(ସମିସ):** ଗୋପବନ୍ଧୁନଗର ବ୍ଲକ ପୁରୁଣା ବାରିପଦା ପଞ୍ଚାୟତ ଗଡ଼ିଆମାଳସ୍ଥ ଗଦାଧର କୁମାରୀପୁର ଶାସନରେ ଅଧିଷ୍ଠାତ୍ରୀ ଦେବୀ ମା' ବନଦୁର୍ଗାଙ୍କ ପୀଠରେ ପାରମ୍ପରିକ ବିଶ୍ୱଶାନ୍ତି ଶତଚଣ୍ଡୀ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ପ୍ରହଲ୍ଲାଦ ମିଶ୍ର ଓ ଚନ୍ଦ୍ରଭାନୁ ପାଢ଼ୀଙ୍କ ତତ୍ତ୍ୱାବଧାନରେ ସପ୍ତାହ ଧରି ଯଜ୍ଞ କାର୍ଯ୍ୟ ଅନୁଷ୍ଠିତ ହୋଇଛି । ସ୍ଥାନୀୟ ପୋଖରୀରୁ ୧୦୮ କଳସ ଶୋଭାଯାତ୍ରା ଗ୍ରାମ ପରିକ୍ରମା କରିବା ପରେ ଯଜ୍ଞ ମଣ୍ଡପରେ ପହଞ୍ଚିଥିଲା । ପୃଥକ ଦିବସରେ ରୁଦ୍ରାଭିଷେକ, ଚଣ୍ଡୀପାଠ, ଷୋଡ଼ଶ ଉପଚାର ପୂଜା, ସୂର୍ଯ୍ୟପୂଜା, ହୋମ ଯଜ୍ଞ ସହ ରବିବାର ପୂର୍ଣ୍ଣାହୂତି ହୋଇଛି । ଏଥିରେ ବିଭିନ୍ନ ପ୍ରାନ୍ତରରୁ ବହୁ ପଣ୍ଡିତ ଓ ସାଧୁସନ୍ଥ ଯୋଗ ଦେଇଥିଲେ । ମୟୂରଭଞ୍ଜ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ ଓ ମହାରାଣୀ ରଶ୍ମି ରାଜଲକ୍ଷ୍ମୀ ଭଞ୍ଜଦେଓ ଅତିଥି ଭାବେ ଯୋଗଦେଇ ମା'ଙ୍କ ଦର୍ଶନ ଓ ଆଶୀର୍ବାଦ ନେଇଥିଲେ ।



ଉଭୟଙ୍କୁ ଗ୍ରାମବାସୀଙ୍କ ପକ୍ଷରୁ ଭବ୍ୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ବ୍ରାହ୍ମଣଙ୍କ ଦ୍ୱାରା ପୂଜା କାର୍ଯ୍ୟ ସମ୍ପନ୍ନ ହୋଇଥିବାବେଳେ ବହୁ ଭକ୍ତ ଯୋଗ ଦେଇଥିଲେ ।

## ଚାଳିଶଘରିଆ କୈବର୍ତ୍ତ ସମାଜର ଗଡ଼ଚଣ୍ଡୀଙ୍କ ପୂଜା



**ରାସଗୋବିନ୍ଦପୁର, ୨୫।୧ (ସମିସ):** ଦେବଶୂଳ ପଞ୍ଚାୟତ ଅଧୀନସ୍ଥ ରାମଚନ୍ଦ୍ରପୁର ଗ୍ରାମର ଚାଳିଶଘରିଆ କୈବର୍ତ୍ତ ସମାଜର ସ୍ୱୟଂ ଆବିର୍ଭୂତ ମା' ଗଡ଼ଚଣ୍ଡୀଙ୍କ ପୂଜା ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଗଡ଼ଚଣ୍ଡୀଙ୍କ ପୀଠ ଦେବଶୂଳ ପଞ୍ଚାୟତର ଏକ ଆମ୍ବତୋଟାରେ ଅବସ୍ଥିତ । ଯାହାକି ସେଇ ଜାଗାରେ ମୃତ ବ୍ୟକ୍ତିଙ୍କ ଶବଦାହ ହୋଇଥାଏ । ଠିକ୍ ସରସ୍ୱତୀ ପୂଜାର ପୂର୍ବ ରାତିରେ ଆଦିକନ୍ଦ ବେହେରାଙ୍କୁ ମା'ଙ୍କ ସ୍ୱପ୍ନାଦେଶ ହୋଇଥିବା ଗାଁର ମୁରବିଙ୍କୁ ପ୍ରକାଶ କରିଥିଲେ ଓ ନିଜେ ଗଡ଼ଚଣ୍ଡୀଙ୍କ ସହିତ ଭଉଣୀ କାଳୀଚଣ୍ଡିଙ୍କୁ ସାଙ୍ଗରେ ନେଇ ସମାଜର କଲ୍ୟାଣ ପାଇଁ ଆବିର୍ଭୂତ ହେଉଛନ୍ତି ବୋଲି ଜଣାଇବା ପରେ ସଙ୍ଗେ ସଙ୍ଗେ ମୁରବିମାନେ ଉକ୍ତ ଜାଗାକୁ ସଫା କରି ପୂଜାର୍ଚ୍ଚନା ଆରମ୍ଭ କରିଥିବାବେଳେ କାଳିଶି ଲାଗିଥିବା ଲୋକଟି କଣ୍ଟା ଝଟାକୁ ଖାତିର୍ ନ କରି ଗଡ଼ିଗଡ଼ି ସେହି ଜାଗାକୁ ତାଡିବା ପାଇଁ କହିଥିଲେ । ଚାରି ପାଞ୍ଚ ଫୁଟ୍ ଗଭୀର ମାଟି ତାଡ଼ିବା ପରେ ଦୁଇଟି ପିତଳ ମୂର୍ତ୍ତି ବାହାର ହୋଇ ଆଜି ପର୍ଯ୍ୟନ୍ତ ସେହି ସରସ୍ୱତୀ ପୂଜା ଦିନ ପୂଜା ପାଇଆସୁଛନ୍ତି । ଉକ୍ତ ଗଡ଼ଚଣ୍ଡୀ ଓ କାଳୀଚଣ୍ଡିଙ୍କ ନିକଟରେ କାହିଁ କେତେ ଦୂରରୁ ଧର୍ମୀୟ ଭାବନା ଓ ବିଶ୍ୱାସ କରି ପ୍ରତି ବର୍ଷ ମାନସିକ ପୂଜା ଦେବାକୁ ଆସିଥାନ୍ତି । ନିଃସନ୍ତାନଙ୍କୁ ସନ୍ତାନ ପ୍ରାପ୍ତି ଓ ଅସହାୟଙ୍କ ସହାୟକ ମା' ଗଡ଼ଚଣ୍ଡୀ ଓ କାଳୀଚଣ୍ଡି ହୋଇଥିବା ଲୋକଙ୍କ ବିଶ୍ୱାସ ରହିବା ଦେଖିବାକୁ ମିଳିଛି । ଉକ୍ତ ଦିନରେ ମା' ସରସ୍ୱତୀ ଦେବୀଙ୍କ ପୂଜା ହୋଇଥିବାରୁ ଚାଳିଶଘରିଆ କୈବର୍ତ୍ତ ସମାଜର ଲୋକେ ଏକ ହୋଇ ସରସ୍ୱତୀ ପୂଜା ମହୋତ୍ସବ ପାଳନ କରିଥା'ନ୍ତି । ଉକ୍ତ ମହୋତ୍ସବକୁ ସମ୍ପାଦନ କରିବା ପାଇଁ ଗ୍ରାମର ଯୁବକ ସହଯୋଗ କରୁଛନ୍ତି ।

## ଶାନ୍ତି ଡ୍ୟାନ୍ସ ଗ୍ରୁପ୍‌ର ବାର୍ଷିକ ପ୍ରତିଯୋଗିତା

**ବାରିପଦା, ୨୫ ।୧(ସମିସ):** ଶାନ୍ତି ଡ୍ୟାନ୍ସ ଗ୍ରୁପ୍‌ର ବାର୍ଷିକ ନୃତ୍ୟ ପ୍ରତିଯୋଗିତା ୱାଲିଗଞ୍ଜ ଶାଖା ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିଯୋଗିତାକୁ ଶାନ୍ତି ବିଦ୍ୟାମନ୍ଦିର ଅଧକ୍ଷା ମଧୁସ୍ମିତା ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ଏହି ପ୍ରତିଯୋଗିତାରେ ମୁଖ୍ୟ ବିଚାରକ ଭାବେ ବାରିପଦାର ସୁପରିଚିତ ନୃତ୍ୟ ଗୁରୁ ହୃଦାନନ୍ଦ ବାରିକ, ସୁନାମଧନ୍ୟ ନୃତ୍ୟ ସଂଯୋଜକ ଦିଲ୍ଲୀପ ପାତ୍ର ଯୋଗ ଦେଇଥିବାବେଳେ ଅନ୍ୟ ବିଚାରକ ମଧ୍ୟରେ ବିଦ୍ୟାଳୟର ନୃତ୍ୟ ଶିକ୍ଷକ ନରେନ ପାତ୍ର ଓ ଦେବାନନ୍ଦ ପାତ୍ର ପ୍ରମୁଖ ଯୋଗ ଦେଇଥିଲେ । ଏହି ପ୍ରତିଯୋଗିତାରେ ସବ୍‌ଜୁନିୟର, ଜୁନିୟର, ସିନିୟର ବିଭାଗରେ ସୋଲୋ, ଡ୍ୟୁଏଟ୍



ଆଦି ପ୍ରତିଯୋଗିତା ହୋଇଥିଲା । ଏହି ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ଆସନ୍ତା ଫେବୃଆରୀ ୭ ତାରିଖ ଦିନ ବାରିପଦାର ସହିଦ ସ୍ମୃତି ଭବନରେ ଅନୁଷ୍ଠିତ ହେବାକୁ ଥିବା କାର୍ଯ୍ୟକ୍ରମରେ ପୁରସ୍କୃତ କରାଯିବ । ଏହି କାର୍ଯ୍ୟକ୍ରମକୁ ଶାନ୍ତି ବିଦ୍ୟାମନ୍ଦିର ୱାଲିଗଞ୍ଜ ଶାଖା ଓ ମୁର୍ଗାବାଡ଼ି ଶାଖାର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସମେତ ଶାନ୍ତି ଡ୍ୟାନ୍ସ ଗ୍ରୁପ୍, ଶାନ୍ତି ଡ୍ୟାନ୍ସ ଷ୍ଟୁଡ଼ିଓର ସମସ୍ତ ସଦସ୍ୟ ପରିଚାଳନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟର ପରିଚାଳନା ନିର୍ଦ୍ଦେଶକ ଶିବାନୀ ଶଙ୍କର ନାୟକ, ବିଦ୍ୟାଳୟ ପରିଚାଳନା କମିଟି ଉପଦେଷ୍ଟା ସତ୍ୟମ ଶିବମ ସୁନ୍ଦରମ, ଜ୍ୟୋତି ପ୍ରକାଶ ଦାସ ଓ ସମ୍ପାଦକ ରବୀନ୍ଦ୍ର ନାଥ ଦାଶ ପ୍ରମୁଖ ଉପସ୍ଥିତ ଥିଲେ ।

# ମୁସ୍କାନର ଗ୍ରାମାଞ୍ଚଳ ଓ ଜାତୀୟ ଭଲିବଲ୍ ଟୁର୍ଣ୍ଣାମେଣ୍ଟ




**ବାରିପଦା, ୨୫ ।୧(ସମିସ):** ମୟୂରଭଞ୍ଜ ୟୁନାଇଟେଡ୍ ସ୍ପୋର୍ଟ୍ସ, କଲଚର ଏଣ୍ଡ ଆର୍ଟ ଆସୋସିଏସନ୍ (ମୁସ୍କାନ) ପକ୍ଷରୁ ଗ୍ରାମାଞ୍ଚଳ ଓ ଜାତୀୟ ଭଲିବଲ୍ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଯାଇଛି । ପ୍ରଥମ ଦିବସରେ ଗ୍ରାମାଞ୍ଚଳ ଟୁର୍ଣ୍ଣାମେଣ୍ଟରେ ୬ଟି ଦଳ ମୁସ୍କାନ ବାରିପଦା, ଚନ୍ଦନେଶ୍ୱର, ବିକାଶ ସେନା, ମାଣିକପୁରା, ମଧୁପୁରା ଓ ଅଶନଖାଲି ଅଂଶଗ୍ରହଣ କରିଥିଲେ । ଫାଇନାଲ୍ ମ୍ୟାଚ୍‌ରେ ମାଣିକପୁରା ସିଧାସଳଖ ୨-୦ ସେଟ୍‌ରେ ବିକାଶ ସେନା ଦଳକୁ ପରାସ୍ତ କରି ଚାମ୍ପିଅନ୍ ହୋଇଥିଲା । ସେହିପରି ଦ୍ୱିତୀୟ ଦିବସରେ ଜାତୀୟ ଭଲିବଲ୍ ଖେଳରେ ଗତବର୍ଷର ବିଜେତା କିଟ୍ ଭୁବନେଶ୍ୱର ଦଳ ଝାଡ଼ଖଣ୍ଡର ଧାନବାଦ ଦଳକୁ ପରାସ୍ତ କରି ଚାମ୍ପିଅନ୍ ହୋଇଥିଲା । ଏହି ଟୁର୍ଣ୍ଣାମେଣ୍ଟରେ କୋଲକାତା ଦଳ ଅଂଶଗ୍ରହଣ କରିଥିଲେ ମଧ ସଫଳତା ପାଇ ନ ଥିଲା । କିଟ୍ ଭୁବନେଶ୍ୱରର ମୋହନଙ୍କୁ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ କରାଯାଇଥିଲା ।

ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ରାଜକିଶୋର ଦାସ, ବାରିପଦା ପୌରପାଳିକା ଅଧକ୍ଷ କୃଷାନନ୍ଦ ମହାନ୍ତି ଓ ବିକାଶ ସ୍ୱାଇଁ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ପୁରସ୍କାର ପ୍ରଦାନ କରିଥିଲେ । ଖେଳ ପ୍ରତି ଅବଦାନ ଓ ମୁସ୍କାନ ସହ ଦୀର୍ଘଦିନର ସମ୍ପୃକ୍ତି ପାଇଁ ବିଜୟ କୁମାର ସିଂହବାବୁ, ଅଜୟ କୁମାର ମହାପାତ୍ର, ଶ୍ରେଷ୍ଠ ରାଜନୀତିଜ୍ଞ ଭାବେ ରାଜକିଶୋର ଦାସ, ଖେଳପ୍ରେମୀ ଓ ସମାଜସେବୀ ଭାବେ ଗିରିଶ ଚନ୍ଦ୍ର ଦାସ ଓ ଖେଳ ପ୍ରଶାସକ ଭାବେ ହକି ଓଡ଼ିଶା ସମ୍ପାଦକ ସନାତନ ସାହୁଙ୍କୁ ସମ୍ମାନିତ କରାଯାଇଥିଲା ।


ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ମୁସ୍କାନ ସଂଗଠନର ଅଧକ୍ଷ ସୁକାନ୍ତ କୁମାର ଦେ, ସମ୍ପାଦକ ସ୍ୱପନ ପ୍ରଧାନ, ଟୁର୍ଣ୍ଣାମେଣ୍ଟ ଚିଫ୍ ଜୟନ୍ତ ପଣ୍ଡାଙ୍କ ସହିତ ବରିଷ୍ଠ ସଦସ୍ୟ ଆଶୁତୋଷ ପଣ୍ଡା, ବିକର୍ତ୍ତନ ଲେଙ୍କା, ବ୍ରଜକିଶୋର ପଟ୍ଟନାୟକ, ଦୁର୍ଯ୍ୟୋଧନ ବେହେରା, ପ୍ରଦୋଷ ଟିପିରିଆ, ଚିତ୍ତରଞ୍ଜନ ଲେଙ୍କା, ସୌମ୍ୟରଞ୍ଜନ ମହଲା, ସଞ୍ଜୟ ସାହୁ, ହେମନ୍ତ ପାଲ, ରତିକାନ୍ତ ମହାନ୍ତ, ସୁନ୍ଦରମୋହନ ଜୀଉ, ନରସିଂହ ବାରିକ, ଡା. ଶିବ ଶଙ୍କର ଦାସ, ଦେବାଶିଷ ଘୋଷ ଓ କୃଷ୍ଣଚନ୍ଦ୍ର ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିବା ମିଡ଼ିଆ ସଂଯୋଜକ କିଶୋର ବିଶ୍ୱାଳ ପ୍ରକାଶ କରିଛନ୍ତି ।

# ସାନ୍ତାଳୀ ଲେଖକ ଚରଣ ହେମ୍ବ୍ରମ୍‌ଙ୍କୁ ପଦ୍ମଶ୍ରୀ



**ବାରିପଦା/ରାଇରଙ୍ଗପୁର, ୨୫ ।୧(ସମିସ):** ସୋନ୍ତାଳୀ ଭାଷା ଓ ସାହିତ୍ୟ ପ୍ରତି ଜୀବନ ବ୍ୟାପି ଅବଦାନ ପାଇଁ ସାନ୍ତାଳୀ ଲେଖକ ଚରଣ ହେମ୍ବ୍ରମ୍‌ଙ୍କୁ ପଦ୍ମଶ୍ରୀ ସମ୍ମାନ ମିଳିବାକୁ ଯାଉଛି । ଏ ନେଇ ରାଷ୍ଟ୍ରପତି ଭବନ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ଖବର ମିଳିବା ପରେ ସ୍ଥାନୀୟ ଅଞ୍ଚଳରେ ଖୁସିର ମାହୋଲ ସୃଷ୍ଟି ହୋଇଛି । ରାଇରଙ୍ଗପୁର ନୂଆଗାଁ ନିବାସୀ ଚରଣ ହେମ୍ବ୍ରମ୍ ମୟୂରଭଞ୍ଜ ଜିଲ୍ଲାର ସାନ୍ତାଳ ଜନଜାତି ସମ୍ପ୍ରଦାୟର ଜଣେ ପ୍ରତିନିଧି । ସେ ସାନ୍ତାଳୀ ଭାଷା, ସାହିତ୍ୟ ଓ ସଂସ୍କୃତିର ସଂରକ୍ଷଣ ଓ ପ୍ରଚାର ପାଇଁ ଆଜୀବନ କାର୍ଯ୍ୟ କରିଆସିଛନ୍ତି । ଏହି ପୁରସ୍କାର ଏ ବର୍ଷର 'ଅନସଙ୍ଗ୍ ହିରୋଜ୍' (ଅଜଣା ବୀରପୁରୁଷ/ମହିଳା) ବର୍ଗରେ ଅନ୍ତର୍ଭୁକ୍ତ ହୋଇଛି । ଯାହା ଦେଶର ନିର୍ଭୀକ ଓ ନିଃସ୍ୱାର୍ଥ ସେବକଙ୍କୁ ସମ୍ମାନ ଦେବା ପାଇଁ ରଖାଯାଇଛି । ଚରଣ ହେମ୍ବ୍ରମ୍ ସ୍ୱୟଂ ଶିକ୍ଷିତ ହୋଇ ସାନ୍ତାଳୀ ଲୋକକଥା, କବିତା, ଗଳ୍ପ ଓ ସାମାଜିକ ବିଷୟକୁ ନେଇ ଅନେକ ପୁସ୍ତକ ରଚନା କରିଛନ୍ତି । ତାଙ୍କର କେତେକ ପ୍ରମୁଖ ରଚନାରେ ସୋହର୍ ବୁରୁ (କବିତା ସଂକଳନ) ପରି କୃତି ରହିଛି । ସେ ରାମାୟଣ ଓ ମହାଭାରତର କିଛି ଅଂଶକୁ ସାନ୍ତାଳୀ ଭାଷାରେ ଅନୁବାଦ କରି ଆଦିବାସୀ ଯୁବକ/ଯୁବତୀଙ୍କ ପାଇଁ ଉପଲବ୍ଧ କରାଇଛନ୍ତି । ଓଲ୍‌ଚିକି ଲିପିରେ ସାନ୍ତାଳୀ ଭାଷାର ପ୍ରଚାର ପାଇଁ ସେ ଗ୍ରାମାଞ୍ଚଳରେ ଅନେକ ଶିବିର, କାର୍ଯ୍ୟକ୍ରମ ଓ ସାକ୍ଷରତା ଅଭିଯାନ ଚଳାଇଛନ୍ତି । ଅଲ୍ ଇଣ୍ଡିଆ ସାନ୍ତାଳ ସାହିତ୍ୟ ପରିଷଦ ଭଳି ସଂଗଠନରେ ସକ୍ରିୟ ଭୂମିକା ନେଇ ସ୍କୁଲ୍ ପାଠ୍ୟକ୍ରମରେ ସାନ୍ତାଳୀ ଭାଷା ଅନ୍ତର୍ଭୁକ୍ତି ପାଇଁ ପ୍ରୟାସ କରିଛନ୍ତି । ତାଙ୍କ ପ୍ରୟାସରେ ସାନ୍ତାଳୀ ପୁସ୍ତକ ପ୍ରକାଶନ ବହୁଗୁଣ ବୃଦ୍ଧି ପାଇଛି । ଏହି ପୁରସ୍କାର ସାନ୍ତାଳ ସମ୍ପ୍ରଦାୟର ସାଂସ୍କୃତିକ ପରିଚୟ ଓ ଭାଷା ସଂରକ୍ଷଣରେ ତାଙ୍କର ଅବଦାନକୁ ସ୍ୱୀକୃତି ଦେଉଛି । ଓଡ଼ିଶାରେ ସାନ୍ତାଳୀ ଭାଷା ଓ ସାହିତ୍ୟର ବିକାଶରେ ଏହା ଏକ ମାଇଲଖୁଣ୍ଟ ଭାବେ ବିବେଚନା କରାଯାଉଛି । ପଦ୍ମଶ୍ରୀ ପୁରସ୍କାର ପାଇଁ ଚରଣ ହେମ୍ବ୍ରମ୍‌ଙ୍କୁ ଓଡ଼ିଶାବାସୀ ଅଭିନନ୍ଦନ ଜଣାଇଛନ୍ତି । ଏହା ଦେଶର ଭାଷା ବିବିଧତା ଓ ଆଦିବାସୀ ସଂସ୍କୃତି ସଂରକ୍ଷଣ ପାଇଁ ଏକ ବଡ଼ ପ୍ରେରଣା ହେବ ।



ସକାଳ THE SAKALA



## ଅବସରପ୍ରାପ୍ତ ଶିକ୍ଷକ ନିର୍ଯାତିତ

# ନ୍ୟାୟ ପାଇଁ ବିଇଓ କାର୍ଯ୍ୟାଳୟ ସମ୍ମୁଖରେ ଦେଲେ ଧାରଣା

ବାରିପଦା/ବଡସାହି,୨୫।୧(ସମିସ):

ଦୀର୍ଘଦିନ ଧରି ବିବାଦୀୟ ଥିବା ବଡ଼ସାହି ବିଇଓ କାର୍ଯ୍ୟାଳୟ ଦ୍ୱାରା ନିର୍ଯାତିତ ଜଣେ ଅବସରପ୍ରାପ୍ତ ପ୍ରାଥମିକ ସ୍କୁଲର ପ୍ରଧାନଶିକ୍ଷକ ତଥା ସଂଘର ନେତା ଧାରଣାରେ ବସିଛନ୍ତି। ନ୍ୟାୟ ପାଇଁ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଜଣଙ୍କ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେବା ପରେ ମଧ୍ୟ ନ୍ୟାୟ ନ ପାଇବାରୁ ସେ ଉପରୋକ୍ତ ପନ୍ଥା ଆପଣାଇଛନ୍ତି। ଅବସରପ୍ରାପ୍ତ ଶିକ୍ଷକ ଜଣଙ୍କ ହେଲେ ବୀରେନ୍ଦ୍ର ପ୍ରଧାନ। ସରକାରୀ ଛୁଟିଦିନ ପାଇଁ କେହି ଧାରଣା ସ୍ଥଳକୁ ଆସି ନ ଥିବାବେଳେ ଶ୍ରୀ ପ୍ରଧାନ ପୁନର୍ବାର ସୋମବାର ସକାଳ ୭ଟାରୁ ଧାରଣାରେ ବସିବେ ବୋଲି କହିଛନ୍ତି।



ବଡ଼ସାହି ବିଇଓଙ୍କ ଅଫିସରେ ଜଣେ ନୂଆ କିରାଣିଙ୍କ ଯୋଗଦାନ ପରେ ଶିକ୍ଷକ ସଂଘର ହସ୍ତକ୍ଷେପ ଦ୍ୱାରା ବଡସାହିରେ ବନ୍ଦ ହୋଇଥିବା ଅଫିସ ଦଲାଲ ବ୍ୟବସ୍ଥା ପୁଣି ସକ୍ରିୟ ହୋଇ ଉଠିଛି ବୋଲି ସେ କହିଛନ୍ତି। ଗତ ମଇ ମାସରେ ଅବସର ଗ୍ରହଣ କରିଥିବା ୫ ଜଣ ଶିକ୍ଷକଙ୍କ ଅବସର ପରବର୍ତ୍ତୀ ଭତ୍ତା ପ୍ରଦାନରେ ହୋଇଥିବା ଦୁର୍ନୀତି ଓ ସ୍ୱେଚ୍ଛାଚାରିତାରେ ବିଇଓ ମଧୁସ୍ମିତା ଗିରି ସୀମା ଲଂଘନ କରିଛନ୍ତି ବୋଲି ଜିଲ୍ଲାପାଳଙ୍କ ନିକଟରେ ତଦନ୍ତ ଦାବି କରିଥିଲେ। ଗତ ଡିସେମ୍ବର ୩୦ତାରିଖରେ ୫ଜଣ ଅବସରପ୍ରାପ୍ତ ଶିକ୍ଷକଙ୍କ ପୂର୍ଣ୍ଣକାଳୀନ ଅନୁଦାନ ପ୍ରଦାନ ପାଇଁ ରାଜ୍ୟ ମୁଖ୍ୟ କୋଣ୍ଟ୍ରୋଲର ଅନୁମୋଦନ କରିଥିବାବେଳେ ଚଞ୍ଚକତା ପୂର୍ବକ ବୀରେନ୍ଦ୍ର ପ୍ରଧାନଙ୍କୁ ବାଦ୍ ଦେଇ ଅନ୍ୟ ୪ଜଣ ଶିକ୍ଷକଙ୍କୁ ତାହା ମିଳିସାରିଛି। ନିର୍ଦ୍ଦିଷ୍ଟ ମୋବାଇଲ ନମ୍ବରରୁ ଅବସର ଗ୍ରହଣ କରିବାକୁ ଥିବା ଶିକ୍ଷକ ଶିକ୍ଷୟିତ୍ରୀଙ୍କ ମୋବାଇଲକୁ ଫୋନ୍ ଆସିଥିଲା ଓ ଅବସର କାଗଜ କାମ ପାଇଁ ବିଇଓଙ୍କ ଅଫିସ ଖର୍ଚ୍ଚ ବାବଦରେ ୧୫ ହଜାର ଟଙ୍କା ଦେବାପାଇଁ ସେ କହିଥା'ନ୍ତି। କେହି ଅରାଜି ହେଲେ ତାଙ୍କ କାମ ହେବନି ଓ ପଡିରହିବ ବୋଲି ଧମକ ଦିଅନ୍ତି। ପୀଡ଼ିତ ବୀରେନ୍ଦ୍ର ପ୍ରଧାନଙ୍କ କ୍ଷେତ୍ରରେ ମଧ୍ୟ ଠିକ୍ ସମାନ କଥା ଦେଖିବାକୁ ମିଳିଥିଲା। ୨୦୨୩ ମଇରୁ ଏମ୍ଏସିପି ଓ ଶେଷ ଅବସରକାଳୀନ ଭତ୍ତା ଉଦ୍ଦେଶ୍ୟମୂଳକ ଭାବରେ ବନ୍ଦ କରାଯାଇଥିବା କଥା ମୁଖ୍ୟମନ୍ତ୍ରୀ ଅଭିଯୋଗ ପୋର୍ଟାଲରେ ଜଣାଇବା ସହ ଲିଖିତ ଭାବରେ ମୟୂରଭଞ୍ଜ ଜିଲ୍ଲାପାଳ, ଜିଲ୍ଲା ଶିକ୍ଷା ଅଧିକାରୀ ଓ ବଡସାହି ଥାନାରେ ଜଣାଇଛନ୍ତି। ଇତିମଧ୍ୟରେ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ନିଜ ନାମରେ ଅଭିଯୋଗ ହୋଇଥିବା ଜାଣି ନିଜ ଦୁର୍ନୀତିକୁ ଲୁଚାଇବା ପାଇଁ ଅତି ଚାଲାକିରେ ବିଇଓ ଜାନୁଆରୀ ୧୬ ତାରିଖରେ ପୁରୁଣା ଚିଠି ସଂଖ୍ୟା ୯୪(୨)ଓ ୯୫ ୧୨/୧/୨୬ ରେ ବୀରେନ୍ଦ୍ର ପ୍ରଧାନ ଥିବା ପୂର୍ବ ଦୁଇ ବିଦ୍ୟାଳୟ ପ୍ରଧାନଶିକ୍ଷକ/ଶିକ୍ଷୟିତ୍ରୀଙ୍କୁ ଗତ ୫ବର୍ଷ ମଧ୍ୟାହ୍ନ ଭୋଜନ ତଥ୍ୟ ମାଗିଛନ୍ତି। ମୟୂରଭଞ୍ଜ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ଏହି ଅଭିଯୋଗକୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଭାବେ ଗ୍ରହଣ କରି ଗତ ମଙ୍ଗଳବାର ସୁଦ୍ଧା ଶ୍ରୀ ପ୍ରଧାନଙ୍କ ସମସ୍ତ କାମ କରିଦେବାକୁ ବଡସାହି ବିଇଓଙ୍କୁ ଚେତାବନୀ ଦେବା ପରେ ମଧ୍ୟ ସମାଧାନ ହୋଇନଥିବାରୁ ଶ୍ରୀ ପ୍ରଧାନ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣା ଆରମ୍ଭ କରିଛନ୍ତି। ଗତ ଜାନୁଆରୀ ୯ ତାରିଖରେ ବଡସାହି ପଞ୍ଚାୟତ ସମିତି ବୈଠକରେ ମଧ୍ୟ ବଡସାହି ବିଇଓଙ୍କ ଦୁର୍ନୀତି ଓ ମନମାନୀ ବିରୋଧରେ ପ୍ରୋସିଡିଂ କରାଯାଇ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ବିଇଓ ମଧୁସ୍ମିତା ଗିରିଙ୍କୁ ଏନେଇ ପଚାରିବାରୁ ଶ୍ରୀ ପ୍ରଧାନଙ୍କ ବିରୋଧରେ ଅଭିଯୋଗ ଥିବାରୁ ଅବଶିଷ୍ଟ ଟଙ୍କା ଦିଆଯାଇଥିଲା। ତେବେ ଖୁବଶୀଘ୍ର ତାହା ପ୍ରଦାନ ପାଇଁ ଟ୍ରେଜେରୀକୁ ତଥ୍ୟ ଦିଆଯାଇଛି।

## ଶାଢ଼ି ଲଗାଇ ଦମ୍ପତିଙ୍କ ଆତ୍ମହତ୍ୟା

ହାଟଡ଼ିହୀ,୨୫।୧(ସମିସ): ସୋସୋ ଥାନା ହରଡ଼ବାଡ଼ି ନିକଟସ୍ଥ ନାଏକ ସାହି ନିକଟରେ ଏକ ଗଛ ଡାଳରେ ଶାଢ଼ି ଲଗାଇ ଦମ୍ପତି ଆତ୍ମହତ୍ୟା କରିଛନ୍ତି। ସୂଚନା ଅନୁସାରେ ହରଡ଼ବାଡ଼ି ଗ୍ରାମର ବାଗରାଇ ହାଁସଦା ନାମକ ଜଣେ ଯୁବକ ନିଜର କୌଣସି ପାରିବାରିକ କଳହରୁ ତାଙ୍କ ଦ୍ୱିତୀୟ ପତ୍ନୀଙ୍କ ସହ ଗଛ ଡାଳରେ ଆଜି ଶାଢ଼ି ଲଗାଇ ଝୁଲିପଡ଼ିଥିବା ଦେଖିବାକୁ ମିଳିଛି। ଖବର ପାଇ ସୋସୋ ଆଇଆଇସି ଘଟଣାସ୍ଥଳରେ ପହଞ୍ଚି ଶବକୁ ଜବତ କରିବା ସହ ଘଟଣାକୁ ନେଇ ତଦନ୍ତ ଜାରି ରଖିଛନ୍ତି। ତେବେ ଦମ୍ପତିଙ୍କ କେଉଁ କାରଣ ସକାଶେ ଆତ୍ମହତ୍ୟା କରିଛନ୍ତି ତାହା ଏଯାଏଁ ସ୍ପଷ୍ଟ ହୋଇନି।

## ଯୋଗେଶ୍ୱର ୟୁଥ କ୍ଲବ ପକ୍ଷରୁ କ୍ରିକେଟ ଟୁର୍ଣ୍ଣାମେଣ୍ଟ

କେନ୍ଦୁଝର,୨୫।୧(ସମିସ) : କେନ୍ଦୁଝର ସଦର ବ୍ଲକ୍ ଗୋବର୍ଦ୍ଧନ ପଞ୍ଚାୟତ ବଣ୍ଡୁଆଁ ଗ୍ରାମର ସ୍କୁଲ ଖେଳପଡିଆ ଠାରେ ଯୋଗେଶ୍ୱର ୟୁଥ କ୍ଲବ ପକ୍ଷରୁ ୧୫ତମ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଛି। ମୁଖ୍ୟ ଅତିଥି ଭାବେ ସରପଞ୍ଚ ସଞ୍ଜୟ ମୁଣ୍ଡା ଯୋଗଦେଇ ମ୍ୟାଚ୍ ଉଦ୍‌ଘାଟନ କରିଥିଲେ। ପ୍ରଥମ ମ୍ୟାଚ୍ ଟାଙ୍କରାଣୀ ଏବଂ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ଟୁର୍ଣ୍ଣାମେଣ୍ଟରେ ୧୬ଟି ଦଳ ଅଂଶଗ୍ରହଣ କରିଛନ୍ତି।ଅମ୍ପାୟାର ବିବେକାନନ୍ଦ ଦାସ ଓ ରୁଦ୍ର ନାଏକ ଖେଳ ପରିଚାଳନା କରିଥିଲେ।ଶାନ୍ତନୁ କୁମାର ବାରିକ୍ ଧାରାବିବରଣୀ ପ୍ରଦାନ କରିଥିଲେ। କ୍ଲବ ସଭାପତି ଦୀପକ ନାଏକ, ସମ୍ପାଦକ ରାମଚନ୍ଦ୍ର ନାଏକ, ସଦସ୍ୟ ସୁବ୍ରତ ନାଏକ, ଦେବାନନ୍ଦ ମହାକୁଡ଼, ଦେବବ୍ରତ ନାଏକ, ସୁବାଷ ନାଏକ, ସରୋଜ ମହାକୁଡ଼, ଶିବୁ ଗିରି, ବିଜୟ ପ୍ରଧାନ, ସଚିନ ଚକ୍ର, ଆକାଶ ନାଏକ, ଅରୁଣ ନାଏକ ପ୍ରମୁଖ ସହଯୋଗେ କରିଥିଲେ।



## ଚୂଡ଼ାମଣି ମଞ୍ଚରେ ନାଟକ କାଳିଜାଇ ମଞ୍ଚସ୍ଥ

ଆନନ୍ଦପୁର,୨୫।୧(ସମିସ): ମା ତାରିଣୀ ମନ୍ଦିରର ତୃତୀୟ ବାର୍ଷିକ ଉତ୍ସବ ବାସୁଦେବପୁରସ୍ଥିତ ତଳସାହି, ଚୂଡ଼ାମଣି ସାଂସ୍କୃତିକ ମଞ୍ଚରେ ସାନ୍ଧ୍ୟ ଅଧିବେଶନରେ ଶାଳପଡ଼ାର ପ୍ରତିଷ୍ଠିତ ନୃତ୍ୟାନୁଷ୍ଠାନ ବୀଣାପାଣି କଳାନିକେତନର ନୃତ୍ୟ ଶିଳ୍ପୀମାନେ ଗୁରୁ ଜିତୁ ଦାଶଙ୍କ ନିର୍ଦ୍ଦେଶନାରେ ନୃତ୍ୟାଭିନୟ "କାଳୀଜାଇ' ମଞ୍ଚସ୍ଥ କରିଥିଲେ। ଏହାକୁ ହଜାର ହଜାର ଦର୍ଶକ ମନଭରି ଉପଭୋଗ କରିଥିଲେ। "କାତ ଧରି ଧୀରେ ବୁହାରେ ନାଉରୀ... ଆରମ୍ଭ ହୋଇ ଭାଲେରି ଶିଖର କଥା ବସ୍ତୁର କାହାଣୀ ପ୍ରତେକ ଦର୍ଶକଙ୍କ ଆଖିରେ ଲୁହ ଭରିଦେଇଥିଲା। ଝିଅ ଭୂମିକାରେ ଲିଜାରାଣୀ ସାହୁ, ବାପା ଭୂମିକାରେ ନୃତ୍ୟ ଗୁରୁ ଜିତୁ ଦାଶ ଅଭିନୟକରିବା ସହିତ ମୋନିକା ଦାଶ, ଆରତ୍ରିକା ଦେହୁରରୀ, ଦେବହୁତି ପଟ୍ଟନାୟକ, ପରିଣତି ଚକ୍ର, ସୁଶ୍ରୀ ଶ୍ରାବଣୀ ପାଢ଼ୀ, ଦେବସ୍ମିତା ପଟ୍ଟନାୟକ, ସୁଶ୍ରୀ ସୁକନ୍ୟା, ବିଜୟିନୀ ଦାଶ, ସାଇସମ୍ପନ୍ନ ଚକ୍ର, ସାଇନୁ ନାୟକ, ଅନ୍ୱେଷା ସାହୁ, ଆରୋସ୍ମିତା ତ୍ରିପାଠୀ, ବିନୋଦ ଓଝା ପରିବେଷଣ କରିଥିଲେ ଶେଷ ରେ ନୃତ୍ୟ ଗୁରୁ ଙ୍କୁ ଶ୍ରେଷ୍ଠ କଳାକୃତି ସମ୍ମାନ ରେ ଓ ନୃତ୍ୟ ଶିଳ୍ପୀ ଙ୍କୁ କଳାକାର ସମ୍ମାନ ରେ ଉତ୍ତରୀୟ, ମାନପତ୍ର, ଟ୍ରଫି ଦେଇ ଅନୁଷ୍ଠାନ ତରଫରୁ ସମ୍ମାନିତ କରିଥିଲେ।



## ଧାଉଁଡିଡିହା ପ୍ରିମିୟର ଲିଗ୍ ଉଦ୍‌ଯାପିତ



ଆନନ୍ଦପୁର,୨୫।୧(ସମିସ): ଘସିପୁରା ବ୍ଲକ୍ ଖାଲିଆମେଣ୍ଟା ପଞ୍ଚାୟତ ଧାଉଡ଼ିଡ଼ିହା ଖେଳପଡିଆରେ ମା' ମଙ୍ଗଳା କ୍ରିକେଟ କ୍ଲବ ପକ୍ଷରୁ ଆୟୋଜିତ ୩ ୟ ଧାଉଡ଼ିଡିହା ପ୍ରିମିୟର ଲିଗ୍ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଦିବସର ଫାଇନାଲ ମୁକାବିଲା କଅଁସ ଏକାଦଶ ଓ ଗଡ଼ବାନ୍ଧଗୋଡ଼ା ଏକାଦଶ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। କଅଁସ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୬ ଓଭର୍‌ରେ ୬୪ ରନ ସଂଗ୍ରହ କରିଥିଲା। ଜବାବରେ ଗଡ଼ବାନ୍ଧଗୋଡା ବ୍ୟାଟିଂ କରି ୪.୩ ଓଭରରେ ୨ୱିକେଟ୍ ହରାଇ ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିବା ସହିତ ଚାମ୍ପିଅନ୍ ହୋଇଥିଲା। ପରେ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଦେବାଶିଷ ପାତ୍ର, ସମ୍ମାନିତ ଅତିଥି ଭାବେ ସମାଜସେବୀ ସୁରେନ୍ଦ୍ର ଭୁୟାଁ, ସମାଜସେବୀ ଅନ୍ତର୍ଯ୍ୟାମୀ ଭଞ୍ଜ ଓ ବହୁ ବ୍ୟକ୍ତି ବିଶେଷ ଯୋଗଦେଇ ରନର୍ସପ ଓ ଚମ୍ପିୟାନ ଦଳକୁ ଟ୍ରଫି ପ୍ରଦାନ କରିଥିଲେ।ଏହି ଖେଳକୁ କ୍ଲବର ସଦସ୍ୟମାନେ ସହଯୋଗ କରିଥିଲେ।

## ଓଡ଼ିଶା ବନ୍ଦକୁ ସମର୍ଥନ କରିବାକୁ କୃଷକ ସଂଗଠନର ବୈଠକ



ବେତନଟୀ,୨୫।୧(ସମିସ): ଆଜି ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ବେତନଟୀ ହାଟରେ ରାଜ୍ୟ ସଂଘ ପକ୍ଷରୁ ଆସନ୍ତା ୨୮ ତାରିଖରେ ଓଡ଼ିଶା ବନ୍ଦକୁ ସମର୍ଥନ କରିବା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଭାପତି ପ୍ରାଣବନ୍ଧୁ ପଲେଇ ଧାନମଣ୍ଡିରେ ଏଫ୍ଏକ୍ୟୁ ଆଲରେ ୮/୧୦ କିଲୋ ଧାନ ଚୋରି, ଟାଟା ପାୱାର ସ୍ମାର୍ଟ ମିଟର ଷଡ଼ଯନ୍ତ୍ର ଓ ଶୋଷଣ, ସରକାର ପ୍ରଦୂଷଣ ନାମରେ ଗାଡ଼ି ଚାଳକଙ୍କଠାରୁ ବେଆଇନ୍ ଜରିମାନା ଆଦାୟ ଓ ଉପମୁଖ୍ୟମନ୍ତ୍ରୀ ବା କୃଷିମନ୍ତ୍ରୀ ଚାଷୀଙ୍କ ଆନ୍ଦୋଳନକୁ ନୌଟଙ୍କି ବା ଦଲାଲ କହିବା ଓ ପ୍ରତିବାଦ କଲେ ପୁଲିସ ଗୁଣ୍ଡା ଲଗାଇ ମାଡ଼ ମାରିବା ବିରୋଧରେ ମୟୁରଭଞ୍ଜ ଜିଲ୍ଲା ସଂଘ ତରଫରୁ ବନ୍ଦ ପାଳନ କରାଯିବ ବୋଲି କହିଛନ୍ତି। ଜିଲ୍ଲା ପ୍ରଭାରୀ ଚିନୁ ଦାଶ ଉପସ୍ଥିତ ରହି ସରକାର ଓ କମ୍ପାନୀର ଅତ୍ୟାଚାର ବିରୁଦ୍ଧରେ ସମସ୍ତ ବୁଦ୍ଧିଜିବୀ, ନେତୃତ୍ୱ, ଯୁବକ, ମହିଳା ଓ କୃଷକଙ୍କୁ ଏକ ହେବାକୁ ଆହ୍ୱାନ ଦେଇଥିଲେ। ବ୍ଲକ ସଭାପତି ପ୍ରଶାନ୍ତ କରଣ, ବଡ଼ସାହି ବ୍ଲକ ସଭାପତି ରାମକୃଷ୍ଣ ନାଏକ, ମାଧବୀ ସେନାପତି, ପଦ୍ମଲୋଚନ ମହାନ୍ତ, ମହେନ୍ଦ୍ର ମହାନ୍ତ, ପ୍ରଦ୍ୟୁମ୍ନ ମହାନ୍ତ ୮ ଘଣ୍ଟିଆ ବନ୍ଦକୁ ସମର୍ଥନ କରିଛନ୍ତି।

## ଦିବ୍ୟାଙ୍ଗ ଯୁବତୀଙ୍କୁ ଦୁଷ୍କର୍ମ ଅଭିଯୋଗ

ବାରିପଦା,୨୫।୧(ସମିସ): ସଦର ଥାନା ଅଞ୍ଚଳରେ ଜଣେ ଦିବ୍ୟାଙ୍ଗ ଯୁବତୀଙ୍କୁ ଦୁଷ୍କର୍ମ ହୋଇଥିବା ନେଇ ଅଭିଯୋଗ ହୋଇଛି। ପୁଲିସ ଅଭିଯୋଗ ପାଇବା ପରେ ଥାନାରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସୂଚନା ମୁତାବକ, ଗତ ମାସ ୨୦ ତାରିଖରେ ସଦର ଥାନା ଅଞ୍ଚଳର ଜଣେ ଦିବ୍ୟାଙ୍ଗ ଯୁବତୀ ଘରେ ଏକା ରହିଥିବାବେଳେ ସାହିର ଜଣେ ଯୁବକ ତାଙ୍କୁ ଦୁଷ୍କର୍ମ କରିଥିଲା। ଏ ନେଇ ଉକ୍ତ ଦିବ୍ୟାଙ୍ଗ ଜଣକଠାରୁ କୌଣସି ମତେ ଘର ଲୋକେ ଜାଣିବାକୁ ପାଇଥିଲେ। ପରେ ପୁଲିସକୁ ଏନେଇ ଅଭିଯୋଗ ଦେଇଥିଲେ। ପୁଲିସ ମାମଲା ରୁଜୁ କରିଥିବାବେଳେ ଅଭିଯୁକ୍ତ ଜଣକ ଚମ୍ପଟ ମାରିଥିବାରୁ ତାକୁ ଧରିବାକୁ ବିଭିନ୍ନ ସ୍ଥାନରେ ଚଢ଼ଉ ଚାଲିଥିବା ଜଣାପଡିଛି। ଏତଲାରେ ଗଣଦୁଷ୍କର୍ମ ନେଇ ଅଭିଯୋଗ ଥିବାବେଳେ ପୁଲିସ ଜଣେ ଅଭିଯୁକ୍ତ ବିରୋଧରେ ମାମଲା ରୁଜୁ କରି ତଦନ୍ତ କରୁଛି। ଏକାଧିକ ଅଭିଯୁକ୍ତ ଜଡ଼ିତ ଅଛନ୍ତି କି ନାହାନ୍ତି ତଦନ୍ତ ପରେ ଜଣାପଡିବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି।

## ମହାଶିବରାତ୍ରୀ ପାଇଁ ପ୍ରସ୍ତୁତି ବୈଠକ

ବାରିପଦା, ୨୫।୧(ସମିସ): ସ୍ଥାନୀୟ ତକତପୁରସ୍ଥ ପାତାଳେଶ୍ୱର ମହାଦେବ ମନ୍ଦିର ପରିସରରେ ୩୯ତମ ମହାଶିବରାତ୍ରୀ ପାଳନ ଅବସରରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ମନ୍ଦିର ପରିଚାଳନା କମିଟି ସଭାପତି ସୋମନାଥ ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମନ୍ଦିର ଟ୍ରଷ୍ଟି ତଥା ପୂଜକ ଶ୍ରୀନିବାସ ପ୍ରସାଦ, ସମ୍ପାଦକ ବଳରାମ ନାଥ, ଉପସଭାପତି ଡଃ ନିରୋଜ କୁମାର ପୋଥାଳ ଓ ସୁଜିତ କୁମାର ସାହୁ, ଉପଦେଷ୍ଟା ଡଃ ଅସୀମ କୁମାର ଚକ୍ରବର୍ତ୍ତୀ, କାର୍ଯ୍ୟାଳୟ ସମ୍ପାଦକ ଗଦାଧର ଭଦ୍ର, କୋଷାଧ୍ୟକ୍ଷ ସୁସ୍ମିତା ପ୍ରସାଦ, ଯୁଗ୍ମସମ୍ପାଦକ ଅମ୍ବିକା ମହାନ୍ତ, ମହିଳା ସାଙ୍ଗଠନିକ ସମ୍ପାଦିକା ଛବିରାଣୀ ଧଳ, ସଂଯୋଜକ ଚନ୍ଦ୍ରକାନ୍ତ ବେହେରା, ବରିଷ୍ଠ ସଦସ୍ୟ ହିମାଂଶୁ ଶେଖର ପ୍ରହରାଜ, ଗୌରଦାସ ଗିରି, ଅଜିତ ଦାସ, ଅଟଳ ମହାନ୍ତ, ସଂଯୁକ୍ତାରାଣୀ ସୁର ପ୍ରମୁଖ ଉପସ୍ଥିତ ରହି ମହାଶିବରାତ୍ରୀ ପାଳନ ଉପରେ ସୁଚିନ୍ତିତ ମତ ପ୍ରକାଶ କରିଥିଲେ। ଚଳିତ ବର୍ଷ ଫେବୃଆରୀ ୧୪ ତାରିଖ ଭୋର ୩ଟା ୨୧ରେ ଏକବାରୀ ଆରମ୍ଭ ହେବା ପରେ ଅପରାହ୍ଣ ୧ଟା ୧୫ ମିନିଟରେ କାର୍ଯ୍ୟକ୍ରମ ରହିଛି ଓ ୧୫ ତାରିଖ ଦିନ ମହାଶିବରାତ୍ରୀ ପାଳନ ଅବସରରେ ଭୋର ୩ଟା ୨୧ରୁ ବାବାଙ୍କ ପୂଜାବିଧି ଆରମ୍ଭ ହେବା ସହ ଅପରାହ୍ଣ ୪ଟା ୧୭ ମିନିଟରେ ସମୂହ ଜାଗର ଦୀପ ପ୍ରଜ୍ୱଳନ ଆରମ୍ଭ ହେବ। ୧୬ ତାରିଖ ସକାଳ ୫ଟା ୧୫ ମିନିଟରେ ମହାଦୀପ ଉଠିବ ବୋଲି ପୂଜକ ଶ୍ରୀ ପ୍ରସାଦ ପ୍ରକାଶ କରିଥିଲେ। ଏହି ମନ୍ଦିରରେ ମୟୂରଭଞ୍ଜ ସମେତ ଝାଡଖଣ୍ଡ, ପଶ୍ଚିମବଙ୍ଗ ଅଞ୍ଚଳରୁ ପ୍ରାୟ ୨ ହଜାର ଭକ୍ତ ଜାଗର ଦୀପ ଜାଳିବା ସହ ପ୍ରାୟ ୫ ହଜାରରୁ ଊର୍ଦ୍ଧ୍ୱ ଭକ୍ତଙ୍କୁ ଅନ୍ନ ପ୍ରସାଦ ବଣ୍ଟନ କରାଯାଇଥାଏ। ଶାନ୍ତିଶୃଙ୍ଖଳା ସହ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା ପାଇଁ ବିଭିନ୍ନ କମିଟି ଗଠନ କରାଯାଇଛି।



## ଦୁର୍ଘଟଣାରେ ଜଣେ ମୃତ, ଜଣେ ଗୁରୁତର

ବୈଶିଙ୍ଗା,୨୫।୧ (ସମିସ): ବୈଶିଙ୍ଗା ଥାନା ଅଧୀନ ୧୮ ନଂ ଜାତୀୟ ରାଜପଥର ଗଡ଼ଦେଉଳିଆଠାରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଦ୍ରୁତଗାମୀ ମାଲବାହୀ ଟ୍ରକ ଭୁଲ ରାସ୍ତାରେ ଆସି କାରକୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ କାର ଚାଳକଙ୍କ ପାଖରେ ବସିଥିବା ଗାୟତ୍ରୀ ଆଶ୍ରମର ପ୍ରବଚକ ଗଞ୍ଜାମ ଜିଲ୍ଲା ପୁସ୍ତପୁର ଗ୍ରାମର ଏମ ଭାଗୀରଥି ଦୁରାଙ୍କ ଶୋଚନୀୟ ମୃତ୍ୟୁ ଘଟିଥିବାବେଳେ ଚାଳକ ବୈଶିଙ୍ଗା ଗାୟତ୍ରୀ ଆଶ୍ରମ ମୁଖ୍ୟ ଯୋଗଗୁରୁ ହେମନ୍ତ ପଣ୍ଡା ଗୁରୁତର ଆହତ ହେଇଥିଲେ। ସେମାନେ ଭୁବନେଶ୍ୱରରେ ଏକ କାର୍ଯ୍ୟକ୍ରମ ସାରି ବୈଶିଙ୍ଗା ଫେରୁଥିଲେ। ଘଟଣାସ୍ଥଳରେ ବୈଶିଙ୍ଗା ପୁଲିସ ରାସ୍ତାରୁ ଦୁର୍ଘଟଣାଗ୍ରସ୍ତ ଗାଡିକୁ ଉଠାଇବା ସହିତ ଘଟଣାର ତଦନ୍ତ ଆରମ୍ଭ କରିଛି।

## ମା' ତାରିଣୀ ମନ୍ଦିରରେ ମାଘସପ୍ତମୀ ମହୋତ୍ସବ

ମୋରଡା,୨୫।୧(ସମିସ):ମୋରଡାଠାରେ ଥିବା ସର୍ବପୁରାତନ ମା' ତାରିଣୀଙ୍କ ପୀଠରେ ରବିବାର ରୀତିନୀତି ଅନୁସାରେ ମାଘସପ୍ତମୀ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ମାଘ ସପ୍ତମୀରେ ଶ୍ରଦ୍ଧାଳୁଙ୍କ ସମାଗମ ପରିବେଶକୁ ଆଧ୍ୟାତ୍ମିକତାର ରୂପ ପ୍ରଦାନ କରିଛି। ଏଥିପାଇଁ ମନ୍ଦିର ପରିଚାଳନା ଓ ମହୋତ୍ସବ କମିଟି ପକ୍ଷରୁ ଶ୍ରଦ୍ଧାଳୁଙ୍କ ପାଇଁ ସ୍ୱତନ୍ତ୍ର ଭାବେ ଅନ୍ନପ୍ରସାଦର ବ୍ୟବସ୍ଥା ହୋଇଥିଲା। ତେବେ ପ୍ରଥମେ ମନ୍ଦିରରେ ନିୟମିତ ଭାବେ ପୂଜାର୍ଚ୍ଚନା ସଂପନ୍ନ ପରେ ହରିନାମ ସଂକୀର୍ତ୍ତନ ମଧ୍ୟରେ ଘଟ ଉତ୍ତୋଳନ କରାଯାଇ ପୂଜାକଙ୍କ ମନ୍ତ୍ରଚ୍ଚାରଣ ସହ ଅଣାଯାଇ ମନ୍ଦିରରେ ଘଟସ୍ଥାପନ କରାଯାଇଥିଲା। ବିଧି ଅନୁସାରେ ପୂଜାର୍ଚ୍ଚନା ସାଙ୍ଗକୁ ଚଣ୍ଡୀପାଠ ସହ ହୋମଯଜ୍ଞ ଆରମ୍ଭ ହୋଇ ସନ୍ଧ୍ୟାରେ ପୂର୍ଣ୍ଣାହୁତି ସଂପନ୍ନ ହୋଇଥିଲା। ତେବେ ଭିନ୍ନ ଭିନ୍ନ ସଂକୀର୍ତ୍ତନ ଦଳ ପକ୍ଷରୁ ପର୍ଯ୍ୟାୟ କ୍ରମେ ହରିନାମ ସଂକୀର୍ତ୍ତନ ପରିବେଷଣ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବିଭିନ୍ନ ଦଳ ର ନେତାମାନେ ଆସି ମା ଙ୍କ ଆଶୀର୍ବାଦ ଲାଭ କରିଥିବାର ଦେଖିବାକୁ ମିଳିଛି। ତେବେ ଉକ୍ତ ମହୋତ୍ସବର ସଭାପତି ନିରଞ୍ଜନ କଲିଆ, ଉପସଭାପତି ଚନ୍ଦ୍ରକାନ୍ତ ଜେନା,ସମ୍ପାଦକ ଟିଟୁ ମହାନ୍ତି , ସହ ସମ୍ପାଦକ କାର୍ତ୍ତିକ ଧଳ ଓ ଅନ୍ୟମାନେ କାର୍ଯ୍ୟକ୍ରମକୁ ସଫଳ କରିଛନ୍ତି।



## ଘରେ ପଶି ଲୁଟିନେଲେ ଦୁର୍ବୃତ୍ତ

ଉଦଳା, ୨୫।୧(ସମିସ): ଉଦଳା ଅଞ୍ଚଳରେ ଦିନକୁ ଦିନ ଚୋରି ଘଟଣା ବଢ଼ିବାରେ ଲାଗିଛି। ଘରେ କେହି ନ ଥିବାବେଳେ ଦୁର୍ବୃତ୍ତ ପଶି ବୁଲାଇଲେ କଳାକନା। ଲୁଟିନେଲେ ୧୫ ଲକ୍ଷରୁ ଅଧିକ ଟଙ୍କାର ସୁନା ଅଳଙ୍କାର। ଏଭଳି ଘଟଣା ଘଟିଛି ଉଦଳା ଥାନା ୨ ନମ୍ବର ୱାର୍ଡର ଶିକ୍ଷକ ତ୍ରିଲୋଚନ ବେହେରାଙ୍କ ଘରେ । ତ୍ରିଲୋଚନ ବେହେରା ତାଙ୍କ ଶଶୁର ଘରକୁ ଘର ପ୍ରତିଷ୍ଠା ନିମନ୍ତେ ଯାଇଥିଲେ। ଆଜି ଆସି ଘରେ ପହଞ୍ଚିବା ପରେ ଘର ପଛ ପାଖ ଗେଟ ତାଲା ଭଙ୍ଗାଯାଇଥିବା ଦେଖିବାକୁ ପାଇଥିଲେ। ଘର ଭିତରେ ପଶିବା ପରେ ଲୁଟ ହୋଇଥିବା ଜାଣିବାକୁ ପାଇଥିଲେ। ଲୁଟେରା ଗଡ଼ରେଜ ଓ କବଡ଼ ଭାଙ୍ଗି ୧୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସୁନା ଅଳଙ୍କାର ଓ ୪୦ ହଜାର ଟଙ୍କା ଲୁଟି ନେଇଥିବା ଜାଣି ଥାନାରେ ଅଭିଯୋଗ କରିଥିବା ଜଣାପଡ଼ିଛି।

## ଏପ୍ରିଲ ୩ରୁ ପଶୁଦା ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ

କୁଆମରା,୨୫।୧(ସମିସ): ଗୋପବନ୍ଧୁନଗର ବ୍ଲକ ପଶୁଦା ସରକାରୀ ଉଚ୍ଚବିଦ୍ୟାଳୟ ପ୍ରତିଷ୍ଠାର ୫୦ ବର୍ଷ ପୂର୍ତ୍ତି ଅବସରରେ ଆସନ୍ତା ଏପ୍ରିଲ ୩, ୪ ଓ ୫ ତାରିଖରେ ସୁବର୍ଣ୍ଣ ଜୟନ୍ତୀ ପାଳନ ହେବ। ଏଥିନିମନ୍ତେ ଆଜି ବିଦ୍ୟାଳୟ ପରିସରରେ ବିଧାୟକ ଭାସ୍କର ମଢେଇଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୁରାତନ ଛାତ୍ରଛାତ୍ରୀ, ପ୍ରାକ୍ତନ ଶିକ୍ଷକ, କର୍ମଚାରୀ, ଶିକ୍ଷାବିତ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପରିଚାଳନା ପାଇଁ ପୁରାତନ ଛାତ୍ରଙ୍କୁ ନେଇ ଏକ ସ୍ୱତନ୍ତ୍ର କମିଟି ଗଠନ ହୋଇଛି। ଆଜି ବୈଠକରେ ପ୍ରଧାନଶିକ୍ଷକ କାର୍ତ୍ତିକ ଜେନା, କମିଟି ସଭାପତି ଶ୍ରୀକାନ୍ତ ରାଉତ, ସମ୍ପାଦକ ଅଜୟ ରାଉତ, କୋଷାଧ୍ୟକ୍ଷ ଷ୍ଟାଲିନ କୁମାର ଦେ, ଗୋବିନ୍ଦ ରାଉତ, ମନୋଜ ରାୟ ସିଂ, ପୂର୍ବତନ ପ୍ରଧାନଶିକ୍ଷକ ଗଜେନ୍ଦ୍ର କଟୁଆଳ ପ୍ରମୁଖ ଉପସ୍ଥିତ ଥିଲେ।



## ସୋସିଆଲ ମିଡିଆରେ ଜଗନ୍ନାଥଙ୍କୁ ଅପମାନ ଘଟଣାରେ ଯୁବକ ଗିରଫ

ବାରିପଦା, ୨୫।୧(ସମିସ): ସୋସିଆଲ ମିଡିଆରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଅପମାନ କରିବା ଘଟଣାରେ ବାରିପଦା ସଦର ଥାନା ପୁଲିସ ସମ୍ପୃକ୍ତ ଯୁବକଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣଙ୍କ ହେଲେ ବାରିପଦା ସଦର ଥାନା ଅନ୍ତର୍ଗତ ସାନଶୋଳ ଗ୍ରାମର ଭୋଳାନାଥ ସିଂ। ସେ ହିନ୍ଦୁ ହୋଇଥିବା ସତ୍ତ୍ୱେ ହିନ୍ଦୁ ସଂସ୍କୃତି ଓ ଧାର୍ମିକ ଭାବାବେଗକୁ କୁଠାରଘାତ କରିଛନ୍ତି। ଶ୍ରୀଜଗନ୍ନାଥଙ୍କ ଫଟୋକୁ ଅପମାନିତ କରି ଗୋଇଠା ମାରିବା ଭିଡିଓ କରି ସୋସିଆଲ ମିଡିଆରେ ପୋଷ୍ଟ କରିଥିଲେ। ଦୀପକ ନାମକ ଏକ ଇନଷ୍ଟାଗ୍ରାମ ଆଇଡିରେ ଏହା ପୋଷ୍ଟ ହୋଇ ଅନେକ ମାତ୍ରାରେ ଭାଇରାଲ ହୋଇଥିଲା। ଯାହାକୁ ନେଇ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଓଡ଼ିଆ ଜାତିର ମଉଡମଣୀ ଆରାଧ ଦେବତା ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅପମାନିତ କରିବା ଅସହ୍ୟ ଅଟେ। ଏନେଇ ଜିଲ୍ଲାର ବିଭିନ୍ନ ହିନ୍ଦୁ ସଂଗଠନ ପକ୍ଷରୁ ପୁଲିସକୁ ଜଣାଇଥିଲେ। ଏହାର ଅନୁଧ୍ୟାନ କରି ପୁଲିସ ପକ୍ଷରୁ ତାଙ୍କ ବିରୋଧରେ ମାମଲା ରୁଜୁ ପୂର୍ବକ ଉପରୋକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।



## ଏକଦିବସୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ, ବାହାନଡ଼ା ଚାମ୍ପିଅନ୍

ବେତନଟୀ,୨୫।୧(ସମିସ):

ବେତନଟୀ ଓ ବଡ଼ସାହି ବ୍ଲକ ଅଧୀନ ବିଭିନ୍ନ ଅଞ୍ଚଳର ୮ଟି ଟିମକୁ ନେଇ ଶନିବାର ବାହାନଡାଠାରେ ଏକଦିବସୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବିଜେପିର ଜିଲ୍ଲା ଉପସଭାପତି ରାଜକିଶୋର ଶାହା ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦଘାଟନ କରିଥିଲେ। ବେତନଟୀ, ବାହାନଡା, କାଠପାଳ, କୁଳିଅଣା, ଗରୁଡବସା ସମେତ ଉଭୟ ବ୍ଲକର ବିଭିନ୍ନ ସ୍ଥାନରୁ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ୍‌ରେ ବେତନଟୀ ଟିମ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୬ ଓଭରରେ ୬ ୱିକେଟ ହରାଇ ୬୧ ରନ ସଂଗ୍ରହ କରିଥିଲା। ୬୨ ରନ୍ ବିଜୟ ଲକ୍ଷ୍ୟ ନେଇ ମଇଦାନକୁ ଓହ୍ଲାଇଥିବା ବାହାନଡା ଟିମ କୌଣସି ୱିକେଟ ନ ହରାଇ ୪ ଓଭରରେ ଆବଶ୍ୟକ ସଂଗ୍ରହ କରି ଚାମ୍ପିଅନ୍ ହୋଇଥିଲା। ବାହାନଡା ଖେଳାଳି ରୋହିତ ସାହୁ ମ୍ୟାନ ଅଫ ଦି ମ୍ୟାଚ୍ ବିବେଚିତ କରାଯାଇଥିବାବେଳେ ବିଶ୍ୱଜିତ ନାୟକ ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ ହୋଇଥିଲେ। ସଞ୍ଜୟ ପଣ୍ଡିତ ଓ ଦୀନବନ୍ଧୁ ପାତ୍ର ଖେଳ ପରିଚାଳନା କରିଥିଲେ। ଆୟୋଜକ କମିଟି ସଦସ୍ୟ ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।



ପୁରସ୍କାର ବିତରଣ ଉତ୍ସବରେ ବିଜେପିର ଜିଲ୍ଲା ଉପସଭାପତି ରାଜକିଶୋର ଶାହା, ପୂର୍ବତନ ରଣଜୀ ଖେଳାଳି ଲଲାଟେନ୍ଦୁ ବେହେରା, ନିରଞ୍ଜନ ମହାନ୍ତି, ସଞ୍ଜୟ ବେହେରା, ଅଲୟ ପ୍ରଧାନ, କେଦାର ନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଖେଳାଳି ଚାମ୍ପିଅନ ଓ ରନର୍ସଅପ ଟିମ ସମେତ କୃତୀ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ। ବିପ୍ଳବ ବିଶ୍ୱକଲ୍ୟାଣ ବେହେରା, ରୋହିତ ସାହୁ, ବିଶ୍ୱଜିତ ନାୟକ, ଶ୍ରୀନିବାସ ବେହେରା, ବୀରଭଦ୍ର ପରିଡା, ରତିକାନ୍ତ ସିଂହ, ଶୁଭମ ସାହୁ, ଭବାନୀଶଙ୍କର ମହୁଆଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୯୧.୯୬ ● ପାଉଣ୍ଡ ୧୨୩.୩୯
- ୟୁରୋ ୧୦୭.୪୬ ● ୟେନ୍ ୦.୫୭

## ସୁନା, ରୁପା ଦର (ଟଙ୍କାରେ)



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୬୦,୨୬୦ (ନୂଆଦିଲ୍ଲୀ)
- ରୁପା : ୩,୩୫,୦୦୦ (କେଜି)



## ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୧,୫୩୭.୦୦
- ନିଫ୍ଟି ୨୫,୦୪୮.୦୦



## ପେଟ୍ରୋଲ-ଡିଜେଲ୍


ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



# ବଜେଟ ପରେ କମିବ ସୁନା, ରୁପା ଦର

**ନୂଆଦିଲ୍ଲୀ,୨୫।୧(ଏଜେନ୍ସି):** ସମ୍ପ୍ରତି ସୁନା ଏବଂ ରୂପା ମୂଲ୍ୟ ସର୍ବକାଳୀନ ଉଚ୍ଚ ସ୍ତରରେ ରହିଛି। ଶୁକ୍ରବାର ସୁନାର ମୂଲ୍ୟ ୧୦ ଗ୍ରାମ ୧,୫୫,୯୬୩ ଟଙ୍କା ଏବଂ ରୁପା ମୂଲ୍ୟ କିଲୋ ପିଛା ୩,୩୪,୬୦୦ ଟଙ୍କା ରହିଥିଲା। କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଫେବୃଆରୀ ପହିଲାରେ କେନ୍ଦ୍ର ବଜେଟ୍ ୨୦୨୬-୨୭ ଉପସ୍ଥାପନ କରିବାର କାର୍ଯ୍ୟକ୍ରମ ରହିଛି। କରଦାତା ଏବଂ ସାଧାରଣ ଜନତା ଉଭୟ ଏହି ବଜେଟ ଉପରେ ଉଚ୍ଚ ଆଶା ରଖିଛନ୍ତି। ଏହା ବିଶ୍ୱାସ କରାଯାଉଛି ଯେ ବଜେଟ୍ ପରେ ସୁନା ଏବଂ ରୂପା ମୂଲ୍ୟ ହ୍ରାସ ପାଇପାରେ। କମୋଡିଟି ବଜାର ଅଂଶଗ୍ରହଣକାରୀମାନେ ବଜେଟରେ ପରିବର୍ତ୍ତନ ପାଇଁ ଡାକୁଛନ୍ତି, ଯାହା ରପ୍ତାନି ବୃଦ୍ଧି କରି ସୁନା ଏବଂ ରୂପା ମୂଲ୍ୟ ହ୍ରାସ କରିବ। ଗ୍ରୀନଲ୍ୟାଣ୍ଡ ଉତ୍ତେଜନା, ଡଲାରର ଦୁର୍ବଳତା ଏବଂ ଆମେରିକା ଫେଡେରାଲ୍ ରିଜର୍ଭ ଉପରେ ବଢ଼ୁଥିବା ଚାପ ସମେତ ଅନେକ ବିଶ୍ୱସ୍ତରୀୟ ଉତ୍ତେଜନା ସୁନା ଏବଂ ରୂପା ମୂଲ୍ୟ ବୃଦ୍ଧି ପଛରେ ରହିଛି। ଏହି କାରଣଗୁଡ଼ିକ ବଜାରରେ ଅନିଶ୍ଚିତତା ବୃଦ୍ଧି କରୁଛନ୍ତି। ଏହା ବ୍ୟତୀତ, ସାଧାରଣ ଜନତାଙ୍କୁ ଆଶ୍ୱସ୍ତି ପ୍ରଦାନ କରିବା ପାଇଁ ସ୍ୱର୍ଣ୍ଣ ଅଳଙ୍କାର ଉପରେ ଜିଏସ୍‌ଟି ମଧ୍ୟ ହ୍ରାସ କରାଯିବା ଉଚିତ। ବର୍ତ୍ତମାନ, ଦେଶରେ ସ୍ୱର୍ଣ୍ଣ ଅଳଙ୍କାର ୩% ଜିଏସ୍‌ଟି ଲାଗୁଛି। ତଥାପି, ଏହି ଜଏସ୍‌ଟି ହାର ହ୍ରାସ କରିବାକୁ ଦାବି ହେଉଛି, ଯାହା ଦ୍ୱାରା ସାଧାରଣ ଜନତା ସୁନା ଏବଂ ରୂପା ମୂଲ୍ୟ ବୃଦ୍ଧିରେ ଆଶ୍ୱସ୍ତି ପାଇପାରିବେ। ଜିଏସ୍‌ଟି ହାର ହ୍ରାସ କରିବା ଦ୍ୱାରା ଅଳଙ୍କାର ମୂଲ୍ୟ ମଧ୍ୟ ହ୍ରାସ ପାଇବ।

**ସ୍ୱର୍ଣ୍ଣ ଅଳଙ୍କାର ଉପରୁ କମିପାରେ ଜିଏସ୍‌ଟି**




# ଜାତୀୟ ବିଦ୍ୟୁତ୍ ମାନ୍ୟତାରେ ଟାଟା ପାୱାର ନେତୃତ୍ୱାଧୀନ ଓଡ଼ିଶା ଡିସକମ୍‌ର ସଫଳତା

**ଭୁବନେଶ୍ୱର, ୨୫।୧(ସମିସ):** ଶକ୍ତି କ୍ଷେତ୍ରରେ ଓଡ଼ିଶାର ସଫଳତା ପୁଣି ଥରେ ଜାତୀୟ ସ୍ତରରେ ପ୍ରଶଂସିତ ହୋଇଛି। କେନ୍ଦ୍ର ଶକ୍ତି ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ୨୦୨୫ ଆର୍ଥିକବର୍ଷର ୧୪ତମ ସମନ୍ୱିତ ରେଟିଂ ଏବଂ ର୍ୟାଙ୍କିଙ୍ଗ୍ ରିପୋର୍ଟ ରେ ଟାଟା ପାୱାର ନେତୃତ୍ୱାଧୀନ ଓଡ଼ିଶା ଡିସକମ୍ ଗୁଡ଼ିକ ଶ୍ରେଷ୍ଠ ସ୍ଥାନ ହାସଲ କରିଛନ୍ତି। ସାରା ଦେଶର ୬୫ଟି ବିଦ୍ୟୁତ ବିତରଣ ସଂସ୍ଥାକୁ ନେଇ କରାଯାଇଥିବା ଏହି ସର୍ଭେରେ ଓଡ଼ିଶାର ଡିସକମ୍ ଗୁଡ଼ିକ ଉତ୍ତମ ପ୍ରଦର୍ଶନ କରି ନିଜର ସ୍ଥିତିକୁ ସୁଦୃଢ଼ କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ରାଜ୍ୟର ବିଦ୍ୟୁତ ଭିତ୍ତିଭୂମିରେ ବୈପ୍ଳବିକ ପରିବର୍ତ୍ତନ ପାଇଁ ଟାଟା ପାୱାର ପରିଚାଳିତ ଏହି ସଂସ୍ଥାଗୁଡ଼ିକ ଲଗାତାର ତୃତୀୟ ବର୍ଷ ପାଇଁ ଜାତୀୟ ସ୍ତରରେ ସମ୍ମାନିତ ହୋଇଛନ୍ତି। ଜାତୀୟ ସ୍ତରରେ ଓଡ଼ିଶାର ଟିପି ନର୍ଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିଏନ୍‌ଓଡିଏଲ୍) ଚମତ୍କାର ପ୍ରଦର୍ଶନ କରି ଦେଶର ସମସ୍ତ ବିଦ୍ୟୁତ ବିତରଣ କମ୍ପାନୀ ମଧ୍ୟରେ ୯ମ ସ୍ଥାନ ହାସଲ କରିଛି। ଓଡ଼ିଶା ପାଇଁ ଏହା ଏକ ଗୌରବର ବିଷୟ ଯେ, ଟିପିଏନ୍‌ଓଡିଏଲ୍ ଏବଂ ଟିପିସିଓଡିଏଲ୍ ଉଭୟ ସେମାନଙ୍କର ସମ୍ମାନଜନକ 'ଏ+' ଗ୍ରେଡ୍ ବଜାୟ ରଖିବାରେ ସଫଳ ହୋଇଥିବା ବେଳେ ଟିପିଡବ୍ଲୁଓଡିଏଲ୍ ମଧ୍ୟ ନିଜର ଶ୍ରେଷ୍ଠ ପ୍ରଦର୍ଶନ ଜରିଆରେ 'ଏ' ଗ୍ରେଡ୍ ହାସଲ କରିଛି।

## ଭାରତରେ ୟୁରୋପ କମିସନ ଅଧ୍ୟକ୍ଷ

# ମୁକ୍ତ ବାଣିଜ୍ୟ ଓ ପ୍ରତିରକ୍ଷା ଚୁକ୍ତିରେ ଲାଗିବ ମୋହର

**ନୂଆଦିଲ୍ଲୀ,୨୫।୧(ଏଜେନ୍ସି)**

ଭାରତ ଏବଂ ଆମେରିକା ମଧ୍ୟରେ ଏ ପର୍ଯ୍ୟନ୍ତ ଏକ ବାଣିଜ୍ୟ ଚୁକ୍ତି ଉପରେ ସହମତି ହୋଇପାରିଲାନାହିଁ। ଜାନୁଆରୀ ୨୭ ତଥା ସୋମବାର ସ୍ୱାକ୍ଷର ହେବ 'ମଦର ଅଫ୍ ଅଲ୍ ଡିଲ୍'। ଏହି ଚୁକ୍ତି ଭାରତ ଏବଂ ୟୁରୋପୀୟ ସଂଘ (ଇୟୁ) ମଧ୍ୟରେ ସ୍ୱାକ୍ଷର କରାଯିବ। ଆମେରିକାର ଉଚ୍ଚ ଶୁଳ୍କ ଯୋଗୁଁ ବିଶ୍ୱ ବାଣିଜ୍ୟରେ ଚାଲିଥିବା ବାଧା ମଧ୍ୟରେ ଏହି ଚୁକ୍ତିନାମା ଦୁଇ କ୍ଷେତ୍ର ମଧ୍ୟରେ ଆର୍ଥିକ ସମ୍ପର୍କକୁ ବୃଦ୍ଧି କରିବା ଲକ୍ଷ୍ୟ ରଖିଛି। ଦୀର୍ଘ ୧୮ ବର୍ଷର ଅପେକ୍ଷା ପରେ ଭାରତ-ଇୟୁ ଚୁକ୍ତିନାମା ଏବେ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ୨୦୦୭ରେ ବାଣିଜ୍ୟ ଚୁକ୍ତି ନେଇ ଆଲୋଚନା ଆରମ୍ଭ ହୋଇଥିଲା। ଏଠାରେ ଅନୁଷ୍ଠିତ ହେଉଥିବା ଭାରତ-ୟୁରୋପୀୟ ସଂଘ ଶିଖର ସମ୍ମିଳନୀ ସମୟରେ ଆଲୋଚନାର ସମାପ୍ତି ଘୋଷଣା କରାଯିବ।

**୧୮ ବର୍ଷ ପରେ ସ୍ୱାକ୍ଷର ହେବ 'ମଦର ଅଫ୍ ଅଲ୍ ଡିଲ୍'**



ୟୁରୋପୀୟ କମିଶନ୍ ଅଧ୍ୟକ୍ଷ ଉର୍ସୁଲା ଭନ୍ ଡେର୍ ଲେଏନ୍ ଜାନୁଆରୀ ୨୪ଠାରୁ ଚାରି ଦିନିଆ ଗସ୍ତରେ ଭାରତ ଆସିଛନ୍ତି। ସେ ଜାନୁଆରୀ ୨ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହିତ ୟୁରୋପୀୟ ପରିଷଦ ଅଧ୍ୟକ୍ଷ ଆଣ୍ଟୋନିଓ କୋଷ୍ଟାଙ୍କ ସହ ଶିଖର ଆଲୋଚନା କରିବେ। ଏହି ସପ୍ତାହରେ ଆଲୋଚନା ସମାପ୍ତ ହେବାର ଘୋଷଣା କରାଯିବାବେଳେ, ଆଇନଗତ ସମୀକ୍ଷା ପରେ ଚିଠା ଚୁକ୍ତିନାମା ପାରସ୍ପରିକ ସହମତିରେ ସ୍ୱାକ୍ଷରିତ ହେବ।

ଏହି ଚୁକ୍ତିନାମା ଅନୁଯାୟୀ, ଉଭୟ ପକ୍ଷ ସେମାନଙ୍କ ମଧ୍ୟରେ ବାଣିଜ୍ୟ ହେଉଥିବା ୯୦ ପ୍ରତିଶତରୁ ଅଧିକ ସାମଗ୍ରୀ ଉପରେ ଆମଦାନୀ ଶୁଳ୍କ ହ୍ରାସ କିମ୍ବା ସମାପ୍ତ କରିବେ। କପଡ଼ା ଏବଂ ଫୁଟ୍‌ୱେର ଭଳି ଶ୍ରମ-ସଘନ କ୍ଷେତ୍ରର ଉତ୍ପାଦ ଉପରେ ଶୁଳ୍କ ପ୍ରଥମ ଦିନରୁ ଉଚ୍ଛେଦ କରାଯାଇପାରେ, ଯେତେବେଳେ କି ଅନ୍ୟ କିଛି ସାମଗ୍ରୀ ଉପରେ ଶୁଳ୍କ ୫ରୁ ୧୦ ବର୍ଷ ମଧ୍ୟରେ ପର୍ଯ୍ୟାୟକ୍ରମେ ପ୍ରତ୍ୟାହାର କରାଯିବ। ଏହି ଚୁକ୍ତିନାମା ମଧ୍ୟ ଗୁରୁତ୍ୱପୂର୍ଣ୍ଣ କାରଣ ଆମେରିକା ଦ୍ୱାରା ଲାଗୁ କରାଯାଇଥିବା ଉଚ୍ଚ ଶୁଳ୍କ ବିଶ୍ୱ ବାଣିଜ୍ୟ ପ୍ରବାହକୁ ପ୍ରଭାବିତ କରିଛି। ଭାରତ ବର୍ତ୍ତମାନ ସେଠାରେ ୫୦ ପ୍ରତିଶତ ପର୍ଯ୍ୟନ୍ତ ଉଚ୍ଚ ଶୁଳ୍କ ସମ୍ମୁଖୀନ ହେଉଛି। ଏହି ଏଫ୍‌ଟିଏ ଭାରତୀୟ ରପ୍ତାନିକାରୀମାନଙ୍କୁ ସେମାନଙ୍କର ବଜାରକୁ ବିବିଧ କରିବା ଏବଂ ଚୀନ୍ ଉପରେ ନିର୍ଭରଶୀଳତା ହ୍ରାସ କରିବାରେ ସାହାଯ୍ୟ କରିବ ବୋଲି ଆଶା କରାଯାଉଛି।

ଏହି ଚୁକ୍ତିନାମା ମାଧ୍ୟମରେ ଭାରତ ବୟନଶିଳ୍ପ, ଚମଡା ଏବଂ ହସ୍ତତନ୍ତ ଭଳି କ୍ଷେତ୍ର ପାଇଁ ଶୂନ୍ୟ-ଶୁଳ୍କ ବଜାର ପ୍ରବେଶ ଚାହୁଁଛି। ଏହି ସମୟରେ, ଇୟୁ ଏହାର ଅଟୋମୋବାଇଲ୍ ରପ୍ତାନି, ମଦ ଏବଂ ଉଚ୍ଚ-ପ୍ରଯୁକ୍ତି ଉତ୍ପାଦନ କ୍ଷେତ୍ର ପାଇଁ ଭାରତୀୟ ବଜାରକୁ ଅଧିକ ପ୍ରବେଶ ଚାହୁଁଛି। କ୍ଷୁଦ୍ର ଏବଂ ଚାଷୀଙ୍କ ସ୍ୱାର୍ଥକୁ ସୁରକ୍ଷା ଦେବା ପାଇଁ ସମ୍ବେଦନଶୀଳ କୃଷି ଏବଂ ଦୁଗ୍ଧ କ୍ଷେତ୍ରକୁ ବର୍ତ୍ତମାନ ଏହି ଚୁକ୍ତିନାମାରୁ ବାଦ୍ ଦିଆଯାଇଛି। ଏଠାରେ ସୂଚନାଯୋଗ୍ୟ ଯେ, ଇୟୁ ହେଉଛି ଭାରତର ସବୁଠାରୁ ବଡ଼ ବାଣିଜ୍ୟିକ ଅଂଶୀଦାର। ୨୦୨୪-୨୫ ଆର୍ଥିକବର୍ଷରେ ଦୁଇ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟ କାରବାର ୧୩୬.୫୩ ବିଲିୟନ ଡଲାର ଆକଳନ କରାଯାଇଥିଲା, ଯେଉଁଥିରେ ଭାରତର ରପ୍ତାନି ୭୫.୮୫ ବିଲିୟନ ଡଲାର ଏବଂ ଆମଦାନୀ ୬୦.୬୮ ବିଲିୟନ ଡଲାର ରହିଛି। ଏହା ବ୍ୟତୀତ, ଇୟୁ ମଧ୍ୟ ଭାରତରେ ଏକ ପ୍ରମୁଖ ନିବେଶକ। ଏପ୍ରିଲ ୨୦୦୦ ରୁ ସେପ୍ଟେମ୍ବର ୨୦୨୪ ମଧ୍ୟରେ ଇୟୁରୁ ଭାରତକୁ ୧୧୭.୪ ବିଲିୟନ ଡଲାରର ବିଦେଶୀ ପ୍ରତ୍ୟକ୍ଷ ନିବେଶ (ଏଫ୍‌ଡିଆଇ) ଆସିଛି।

# ହ୍ୱାଟ୍ସଆପ୍‌ର ଏଣ୍ଡ-ଟୁ-ଏଣ୍ଡ ଏନକ୍ରିପସନ୍ ଉପରେ ପ୍ରଶ୍ନ

**ନୂଆଦିଲ୍ଲୀ,୨୫।୧(ଏଜେନ୍ସି):** ବିଶ୍ୱର ସବୁଠାରୁ ଲୋକପ୍ରିୟ ମେସେଜିଂ ଆପ୍ ହ୍ୱାଟ୍ସଆପ୍‌ର ମୂଳ କମ୍ପାନୀ ମେଟା ପୁଣି ଥରେ ଗୋପନୀୟତା ସମ୍ବନ୍ଧୀୟ ଅଭିଯୋଗର ସମ୍ମୁଖୀନ ହେଉଛି। ସାନ ଫ୍ରାନ୍ସିସ୍କୋର ଏକ ଫେଡେରାଲ୍ କୋର୍ଟରେ ଦାୟର ଏକ ନୂତନ ମାମଲା ଦାବି କରିଛି ଯେ କମ୍ପାନୀ ବ୍ୟବହାରକାରୀଙ୍କ ଚାଟ୍ ମଧ ଆକ୍ସେସ୍ କରିପାରିବ, ଯାହାକୁ ସେ ଏଣ୍ଡ-ଟୁ-ଏଣ୍ଡ ଏନକ୍ରିପ୍ଟେଡ୍ (ଇ୨ଇ) ବୋଲି କହି ସମ୍ପୂର୍ଣ୍ଣ ସୁରକ୍ଷିତ ବୋଲି ଦାବି କରୁଛି। ଅଷ୍ଟ୍ରେଲିଆ, ବ୍ରାଜିଲ୍, ଭାରତ, ମେକ୍ସିକୋ ଏବଂ ଦକ୍ଷିଣ ଆଫ୍ରିକାର ଏକ ଗୋଷ୍ଠୀ ଏହି କ୍ଲାସ୍-ଆକ୍ସନ୍ ମାମଲା ଦାୟର କରିଛନ୍ତି। ଆମେରିକାର ଏକ କୋର୍ଟରେ ଦାୟର ହୋଇଥିବା ମାମଲା ଅଭିଯୋଗ କରିଛି ଯେ ମେଟା ଏବଂ ହ୍ୱାଟ୍ସଆପ୍ ସୁରକ୍ଷା ନାମରେ ସେମାନଙ୍କର କୋଟି କୋଟି ବ୍ୟବହାରକାରୀଙ୍କୁ ଭ୍ରମିତ କରୁଛନ୍ତି। ଏହି ମାମଲାରେ ବାଦୀମାନେ ଦାବି କରିଛନ୍ତି ଯେ କମ୍ପାନୀ ପ୍ରାୟ ସମସ୍ତ ବ୍ୟକ୍ତିଗତ କଥାବାର୍ତ୍ତା ସଂରକ୍ଷଣ, ବିଶ୍ଳେଷଣ ଏବଂ ପ୍ରବେଶ କରିବାର କ୍ଷମତା ରଖିଛି।





## ଗଣତନ୍ତ୍ର ଦିବସ ଖର୍ଚ୍ଚ

# ୧୯୫୦ରେ ୧୧ ହଜାର, ୨୦୧୫ରେ ୩୨୦ କୋଟି

**ନୂଆଦିଲ୍ଲୀ,୨୫।୧(ଏଜେନ୍ସି)**

ଭାରତ ଏହାର ୭୭ତମ ଗଣତନ୍ତ୍ର ଦିବସ ପାଳନ କରିବାକୁ ଯାଉଛି। ପ୍ରଥମ ଗଣତନ୍ତ୍ର ଦିବସରେ ରାଜଧାନୀ ନୂଆଦିଲ୍ଲୀରେ ଏକ ସାଧାରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପିଲାମାନଙ୍କୁ ପ୍ଲେଟ୍ ଏବଂ କଏଦୀମାନଙ୍କୁ ମିଠା ବଣ୍ଟନ କରାଯାଇଥିଲା। ସେତେବେଳେ ଖର୍ଚ୍ଚ ବହୁତ କମ୍ ଥିଲା। ଏହା ଆଜିର ଜାକଜମକ ଆୟୋଜନ ତୁଳନାରେ ବହୁତ କମ୍ ଖର୍ଚ୍ଚ।

ପ୍ରତିବର୍ଷ ପରି, ଚଳିତଥର ପରେଡ୍‌ରେ ଦେଶର ସାମରିକ ଶକ୍ତି, ସାଂସ୍କୃତିକ ବିବିଧତା ଏବଂ ପ୍ରଯୁକ୍ତିବିଦ୍ୟା ପ୍ରଗତି ପ୍ରଦର୍ଶନ କରାଯିବ। ସ୍ୱାଧୀନତା ପରଠାରୁ ପ୍ରତିବର୍ଷ ଗଣତନ୍ତ୍ର ଦିବସ ପରେଡ୍ ଅନୁଷ୍ଠିତ ହୋଇଆସୁଛି। ଏଥିରେ କୋଟି କୋଟି ଟଙ୍କା ଖର୍ଚ୍ଚ ହୁଏ। ୨୦୧୫ ମସିହାରେ ସରକାର ଏଥିପାଇଁ ୩୨୦ କୋଟି ଖର୍ଚ୍ଚ କରିଛନ୍ତି। ତଥାପି, ପ୍ରାରମ୍ଭିକ ଦିନଗୁଡ଼ିକରେ ଏହି ଖର୍ଚ୍ଚ ବହୁତ କମ୍ ଥିଲା। ଯେତେବେଳେ ଭାରତ ୧୯୫୦ ମସିହାରେ ପ୍ରଥମ ଗଣତନ୍ତ୍ର ଦିବସ ପାଳନ କରିଥିଲା ସେତେବେଳେ ଏହାର ଆୟୋଜନରେ ମୋଟ ଖର୍ଚ୍ଚ ପ୍ରାୟ ୧୧,୦୯୩ ଟଙ୍କା ଥିଲା। ଏହି ପରିମାଣ ଆଜିର ଏକ ଶସ୍ତା ସ୍ମାର୍ଟଫୋନର ମୂଲ୍ୟ ସହିତ ସମାନ। ତଥାପି, ସମୟ ସହିତ ଏହି ଖର୍ଚ୍ଚ ବହୁ ଗୁଣ ବୃଦ୍ଧି ପାଇଛି। ୧୯୫୬ ରେ ଗଣତନ୍ତ୍ର ଦିବସ ଆୟୋଜନ ଖର୍ଚ୍ଚ ୫,୭୫,୦୦୦ ଟଙ୍କା, ୧୯୭୧ରେ ୧୭,୧୨,୦୦୦ ଟଙ୍କା, ୧୯୭୩ରେ ୨୩,୩୮,୦୦୦ ଏବଂ ୧୯୮୮ରେ ଏ ବାବଦ ଖର୍ଚ୍ଚ ୭୯,୭୯,୧୫୯ ଟଙ୍କା ରେ ପହଞ୍ଚିଥିଲା।






# ନବନିର୍ମିତ ରେଳ ଲାଇନ୍‌ର ଯାଞ୍ଚ କଲେ ରେଳ ସୁରକ୍ଷା କମିସନର



**ଭୁବନେଶ୍ୱର,୨୫।୧(ସମିସ):** ଦକ୍ଷିଣ ପୂର୍ବ ସର୍କଲର ରେଳ ସୁରକ୍ଷା କମିଶନର (ସିଆର୍‌ଏସ୍) ବ୍ରିଜେଶ କୁମାର ମିଶ୍ର ଲାଞ୍ଜା -ଜେମାଦେଇପେଣ୍ଟ ଷ୍ଟେସନ ମଧ୍ୟରେ ନବନିର୍ମିତ ତୃତୀୟ ଲାଇନର ଏକ ବିସ୍ତୃତ ବୈଧାନିକ ଯାଞ୍ଚ କରିଛନ୍ତି। ପୂର୍ବତଟ ରେଳପଥର ୱାଲଟେୟାର ମଣ୍ଡଳ ଅନ୍ତର୍ଗତ ୭ .୧୮୧ କିମିର ଦୈର୍ଘ୍ୟ ବିଶିଷ୍ଟ ଏହି ଲାଇନ୍ ଟିଟଲାଗଡ଼-ବିଜିଆନଗରମ୍ ତୃତୀୟ ଲାଇନ ପ୍ରକଳ୍ପର ଏକ ଅଂଶ। ଏହି ସେକ୍ସନଟି ୬୦ କିଲୋଗ୍ରାମ ରେଳରେ ନିର୍ମିତ ଏବଂ ଏହି ସେକ୍ସନରେ ୨୫ଟି ଆକ୍ସଲ୍ ଲୋଡ୍ ମାନଦଣ୍ଡ ଅନୁଯାୟୀ ନିର୍ମିତ ଏକ ପ୍ରମୁଖ ସେତୁ ରହିଛି। ବୈଧାନିକ ଯାଞ୍ଚ ସଫଳତାର ସହ ସମାପ୍ତ ହୋଇଛି, କୌଣସି ସମସ୍ୟା ବିନା ବେଗର ପରୀକ୍ଷଣ ସଫଳତାର ସହିତ ପାସ୍ କରିଛି , ଯାହା ଫଳରେ ଏହି ସେକ୍ସନଟି ପୂର୍ଣ୍ଣ କମିଶନିଂ ପାଇଁ ଅନୁମୋଦନ ମିଳିଛି।ଏହି ମାଇଲଖୁଣ୍ଟ ନିର୍ମାଣ ସଂଗଠନର ସିଭିଲ୍ ଇଞ୍ଜିନିୟରିଂ, ରେଳ ବିକାଶ ନିଗମ ଲିମିଟେଡ୍, ସଂକେତ ଏବଂ ଦୂରସଂଚାର ଏବଂ ବିଦ୍ୟୁତ ବିଭାଗ ୱାଲଟେୟାର ମଣ୍ଡଳର ପରିଚାଳନା ଏବଂ ଟ୍ରାଫିକ୍ ବିଭାଗ ସହିତ ଘନିଷ୍ଠ ସମନ୍ୱୟର ସମର୍ପିତ ପ୍ରୟାସକୁ ପ୍ରତିଫଳିତ କରୁଛି ,ଯାହା ଫଳରେ ଏହି ସଫଳତା ହାସଲ ହୋଇପାରିଛି । ୱାଲ୍ଟେୟାର ମଣ୍ଡଳର ମଣ୍ଡଳ ରେଳ ପ୍ରବନ୍ଧକ ଏବଂ ନିର୍ମାଣ ସଂଗଠନ, ରେଳ ବିକାଶ ନିଗମ ଲିମିଟେଡ୍, ଇଞ୍ଜିନିୟରିଂ ବିଭାଗର ଉଚ୍ଚ ପଦସ୍ଥ ଅଧିକାରୀ ଏବଂ ୱାଲ୍ଟେୟାର ମଣ୍ଡଳର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ମଧ୍ୟ ଏହି ଯାଞ୍ଚରେ ଅଂଶଗ୍ରହଣ କରିଥିଲେ।



## ବୁମ୍‌ରାଙ୍କ ଘାତକ ବୋଲିଂ ପରେ ଅଭିଷେକ, ସୂର୍ଯ୍ୟକୁମାରଙ୍କ ବିସ୍ଫୋରକ ବ୍ୟାଟିଂ

# ହ୍ୟାଟ୍ରିକ୍ ଜିତ୍ ସହ ଭାରତର ଟି-୨୦ ସିରିଜ୍ କବ୍‌ଜା

ବର୍ଷାପଡ଼ା, ଗୌହାଟୀ, ୨୫।୧(ଏଜେନ୍ସି): ଯଶପ୍ରୀତ୍ ବୁମ୍‌ରାଙ୍କ ଘାତକ ବୋଲିଂ ପରେ ଅଭିଷେକ ଶର୍ମା ଓ ସୂର୍ଯ୍ୟକୁମାର ଯାଦବଙ୍କ ବିସ୍ଫୋରକ ବ୍ୟାଟିଂ ବଳରେ ଏଠାରେ ରବିବାର ଅନୁଷ୍ଠିତ ତୃତୀୟ ଟି-୨୦ ମ୍ୟାଚ୍‌ରେ ଭାରତ ୮ ୱିକେଟରେ ନ୍ୟୁଜିଲାଣ୍ଡକୁ ପରାସ୍ତ କରିଛି। ଏହା ଫଳରେ ଏଠାରେ ଚାଲିଥିବା ୫ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ ୨ଟି ମ୍ୟାଚ୍ ବାକିଥାଇ ଭାରତ ଆଗୁଆ ସିରିଜ୍ ଜିତିନେଇଛି। ପୂର୍ବରୁ ଖେଳାଯାଇଥିବା ପ୍ରଥମ ଦୁଇଟି ଟି-୨୦ରେ ଭାରତ ଯଥାକ୍ରମେ ୪୮ ରନ୍‌ରେ ୭ ୱିକେଟରେ ଜିତିଥିଲା। ସିରିଜ୍‌ର ସିରିଜ୍‌ର ଚତୁର୍ଥ ମ୍ୟାଚ୍ ବିଶାଖାପାଟଣାରେ ଜାନୁଆରୀ ୨୮ ତାରିଖରେ ଖେଳାଯିବ। ଏଠାରେ ୧୪ଟି ବଲ୍‌ରୁ ୫୦ ରନ୍ ପୂରଣ କରି ଅଭିଷେକ ଦ୍ୱିତୀୟ ଦ୍ରୁତତମ ଭାରତୀୟ ଅର୍ଦ୍ଧଶତକ ହାସଲକାରୀ ବିବେଚିତ ହୋଇଛନ୍ତି। ପୂର୍ବରୁ ଇଂଲଣ୍ଡ ବିପକ୍ଷରେ ଯୁବରାଜ ସିଂହ ୧୨ଟି ବଲ୍‌ରୁ ଅର୍ଦ୍ଧଶତକ ପୂରଣ କରି ଦ୍ରୁତତମ ସାବ୍ୟସ୍ତ ହୋଇଥିଲେ।

ଏଠାରେ ପ୍ରଥମେ ବ୍ୟାଟିଂ କରିଥିବା ନ୍ୟୁଜିଲାଣ୍ଡ ଭାରତୀୟ ବୋଲିଂର ଉଚିତ ମୁକାବିଲା କରି ନ ପାରି ନିର୍ଦ୍ଧାରିତ ୨୦ ଓଭରରେ ୯ ୱିକେଟ ହରାଇ ୧୫୩ ରନ୍ କରିଥିଲା। ଦଳ ପକ୍ଷରୁ ଗ୍ଲେନ୍ ଫିଲିପ୍ସ ସର୍ବାଧିକ ୪୮, ମାର୍କ ଚାପ୍‌ମ୍ୟାନ୍ ୩୨ ଓ ମିଚେଲ ସାଣ୍ଟନର ୨୭ ରନ୍ କରିଥିଲେ। ନ୍ୟୁଜିଲାଣ୍ଡ ଇନିଂସରେ ଚତୁର୍ଥ ବୋଲର ଭାବେ ବୋଲିଂ କରିବାକୁ ଆସିଥିବା ଯଶପ୍ରୀତ୍ ବୁମ୍‌ରା ଘାତକ ବୋଲିଂ କରି ୧୭ ରନ୍‌ରେ ୩ଟି, ହାର୍ଦ୍ଦିକ ପାଣ୍ଡ୍ୟା ଓ ରବି ବିଷ୍ଣୋଇ ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ଜବାବରେ ଭାରତ ୧୦ ଓଭରରେ ମାତ୍ର ୨ ୱିକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ଦଳ ପକ୍ଷରୁ ଯୁବ ଓପନର ଅଭିଷେକ ଶର୍ମା ମାତ୍ର ୨୦ ବଲରେ ୭ ଚୌକା




ଓ ୫ଛକା ସହ ୬୮ ଏବଂ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ୨୬ ବଲ୍‌ରେ ୬ ଚୌକା ଓ ୩ଛକା ସହ ୫୭ ରନ୍ କରି ଶେଷଯାଏ ଅପରାଜିତ ରହିଥିଲେ। ଏମାନେ ଅବିଭକ୍ତ ତୃତୀୟ ୱିକେଟ ଯୋଡିରେ ୪୦ ବଲ୍‌ରୁ ୧୦୨ ରନ୍ ଉଠାଇ ଭାରତର ବିଜୟ ସହଜ କରିଦେଇଥିଲେ। ମାତ୍ର ୧୪ ବଲ୍‌ରେ ୫୦ ରନ୍ ପୂରଣ କରିଥିବା ଅଭିଷେକ ୯ମଥର ଲାଗି ୨୫ରୁ କମ୍ ବଲ୍‌ରେ ଅର୍ଦ୍ଧଶତକ ହାସଲ କରି ସୂର୍ଯ୍ୟକୁମାର ଯାଦବଙ୍କ ରେକର୍ଡ ସହ ସମକକ୍ଷ ହୋଇଛନ୍ତି।

ଭାରତ ପକ୍ଷରୁ ଆଉଟ ହୋଇଥିବା ଖେଳାଳିଙ୍କ ମଧ୍ୟରେ ସଞ୍ଜୁ ସାମସନ ଖାତା ଖୋଲି ପାରି ନ ଥିଲେ। ସେ କ୍ରମାଗତ ତୃତୀୟ ମ୍ୟାଚ୍‌ରେ ଫେଲ୍ ମାରିଛନ୍ତି। ପ୍ରଥମ ଦୁଇଟି ମ୍ୟାଚ୍‌ରେ ସେ ୧୦ ଓ ୬ ରନ୍ କରିଥିଲେ। ଦ୍ୱିତୀୟ ଖେଳାଳି ଇଶାନ କିସାନ ୧୩ ବଲ୍‌ରେ ୩ ଚୌକା ଓ ୨ଛକା ସହ ୨୮ ରନ୍‌ରେ ଆଉଟ ହୋଇଥିଲେ। ସେ ଆଉଟ ହେବା ପୂର୍ବରୁ ଦ୍ୱିତୀୟ ୱିକେଟରେ ଅଭିଷେକଙ୍କ ସହ ୧୯ ବଲରୁ ୫୩ ରନ୍ ଉଠାଇଥିଲେ। ମ୍ୟାଟ ହେନରୀ ଓ ଇସ୍ ସୋଧି ଜଣେ ଲେଖାଏଁ ଖେଳାଳିଙ୍କୁ ଆଉଟ କରିଥିଲେ।

## ୯ କ୍ରୀଡ଼ାବିତ୍‌ଙ୍କୁ ପଦ୍ମ ପୁରସ୍କାର

**ଅମୃତରାଜଙ୍କୁ ପଦ୍ମବିଭୂଷଣ; ରୋହିତ, ହରମନପ୍ରୀତ୍‌ଙ୍କୁ ପଦ୍ମଶ୍ରୀ**

ନୂଆଦିଲ୍ଲୀ, ୨୫।୧ (ଏଜେନ୍ସି): ବର୍ଷ ୨୦୨୬ ଲାଗି ୧୩୧ଜଣଙ୍କୁ ସମ୍ମାନଜନକ 'ପଦ୍ମ' ପୁରସ୍କାର ପ୍ରଦାନ କରାଯିବ। ୭୭ତମ ସାଧାରଣତନ୍ତ୍ରର ପୂର୍ବ ସନ୍ଧ୍ୟାରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ୧୩୧ଜଣ ପୁରସ୍କାର ବିଜେତାଙ୍କ ତାଲିକା ପ୍ରକାଶ କରାଯାଇଥିଲା। ଯେଉଁଥିରେ ୯ଜଣ ବର୍ତ୍ତମାନ ଓ ପୂର୍ବତନ କ୍ରୀଡ଼ାବିତ୍ ରହିଛନ୍ତି। ଭାରତୀୟ ପୁରୁଷ ଓ ମହିଳା କ୍ରିକେଟ୍ ଦଳର ନେତୃତ୍ୱ ନେଉଥିବା ରୋହିତ ଶର୍ମା ଓ ହରମନପ୍ରୀତ୍ କୌରଙ୍କୁ 'ପଦ୍ମଶ୍ରୀ' ସମ୍ମାନ ଲାଗି ମନୋନୀତ କରାଯାଇଛି। ସେହିଭଳି 'ପଦ୍ମଶ୍ରୀ' ଲାଗି ମନୋନୀତ ହୋଇଥିବା ଅନ୍ୟ କ୍ରୀଡ଼ାବିତ୍ ହେଲେ ପାରାଅଲିମ୍ପିକ୍ ସ୍ୱର୍ଣ୍ଣ ବିଜେତା ପ୍ରବୀଣ କୁମାର, ଭାରତୀୟ ମହିଳା ହକି ଖେଳାଳି ସବିତା ପୁନିଆ, ଭେଟେରାନ ହକି କୋଚ୍ ବଳଦେବ ସିଂହ, କେ ପଜନିଭେଲ ଓ ମାର୍ଶାଲ ଆର୍ଟ୍ସରେ ଭଗବାନଦାସ ରାଇକୱର। ଗତବର୍ଷ ଇହଲୀଳା ସମ୍ବରଣ କରିଥିବା ଜର୍ଜିଆର ମହାନ ରେସଲିଂ କୋଚ୍ ଭ୍ଲାଦିମିର ମେଷ୍ଟଭିରିଶିଭିଲଙ୍କୁ ମରୋଣୋତ୍ତୋର ଭାବେ 'ପଦ୍ମଶ୍ରୀ' ପ୍ରଦାନ କରାଯିବ। ଦୁଇ ଦଶନ୍ଧି ଧରି ଭାରତୀୟ କୁସ୍ତି ଦଳର ପ୍ରଶିକ୍ଷକ ରହିଥିବା ଭ୍ଲାଦିମିରଙ୍କ ସମୟରେ ଯୋଗେଶ୍ୱର ଦତ୍ତ, ବଜରଙ୍ଗ ପୁନିଆ, ସୁଶୀଲ କୁମାର (୨ଟି) ଅଲିମ୍ପିକ୍ସ ପଦକ ବିଜୟୀ ହୋଇଥିଲେ। ଏକମାତ୍ର କ୍ରୀଡ଼ାବିତ୍‌ଭାବେ ଲିଜେଣ୍ଡ ଟେନିସ ଖେଳାଳି ବିଜୟ ଅମୃତରାଜ ଦେଶର ତୃତୀୟ ସର୍ବୋଚ୍ଚ ନାଗରିକ ସମ୍ମାନ 'ପଦ୍ମଭୂଷଣ' ପାଇବାକୁ ମନୋନୀତ ହୋଇଛନ୍ତି।


## ପର୍ଥ ସ୍କଚର୍ସକୁ ରେକର୍ଡ ୬ଷ୍ଠ ବିବିଏଲ୍ ଟ୍ରଫି

ପର୍ଥ, ୨୫।୧ (ଏଜେନ୍ସି): ପର୍ଥ ସ୍କଚର୍ସ ରେକର୍ଡ ୬ଷ୍ଠଥର ଲାଗି ବିଗ୍ ବାସ୍ ଲିଗ୍ (ବିବିଏଲ୍) ଟାଇଟଲ୍ ଜିତିବାର ସୌଭାଗ୍ୟ ଲାଭ କରିଛି। ୧୫ତମ ସଂସ୍କରଣର ଫାଇନାଲ୍‌ରେ ପର୍ଥ ୬ ୱିକେଟ୍‌ରେ ସିଡ୍‌ନୀ ସିକ୍ସର୍ସକୁ ହରାଇ ଚାମ୍ପିଅନ ହୋଇଥିଲା। ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ସିଡ୍‌ନୀ ୨୦ ଓଭରରେ ମାତ୍ର ୧୩୨ ରନ କରି ଅଲ୍‌ଆଉଟ୍ ହୋଇଥିଲା। ଜବାବରେ ପର୍ଥ ସ୍କଚର୍ସ ୧୭.୩ ଓଭରରେ ୪ ୱିକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ପର୍ଥ ଦଳ ଏଥିପୂର୍ବରୁ ୨୦୧୩, ୨୦୧୪, ୨୦୧୬, ୨୦୨୧ ଓ ୨୦୨୨ରେ ଟାଇଟଲ୍ ଜିତିଥିଲା।

**ଅଷ୍ଟ୍ରେଲିଆନ୍ ଓପନ ଟେନିସ**

## କ୍ୱାର୍ଟରରେ ସାବାଲେଙ୍କା, ଆଲ୍‌କାରାଜ

ମେଲବୋର୍ଣ୍ଣ, ୨୫।୧ (ଏଜେନ୍ସି): ଦୁଇ ଟପ୍ ସିଡ ଯଥା ମହିଳା ବିଭାଗର ଆରିନା ସାବାଲେଙ୍କା ଓ ପୁରୁଷ ବିଭାଗରେ କାର୍ଲୋସ ଆଲକାରାଜ ଏଠାରେ ରବିବାର ଖେଳାଯାଇଥିବା ଅଷ୍ଟ୍ରେଲିଆନ୍ ଓପନ ଟେନିସ ଟୁର୍ଣ୍ଣାମେଣ୍ଟର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି।






ମହିଳା ବିଭାଗରେ ଆଜି ଖେଳାଯାଇଥିବା ପ୍ରି-କ୍ୱର୍ଟରଫାଇନାଲ ବା ଚତୁର୍ଥ ରାଉଣ୍ଡ ମୁକାବିଲାରେ ସାବାଲେଙ୍କା ୧୭ତମ ସିଡ୍ କନାଡାର ଭିକ୍ଟୋରିଆ ଏମ୍‌ବକୋଙ୍କୁ ୨-୦ରେ ହରାଇ କ୍ୱାର୍ଟରରେ ପ୍ରବେଶ କରିଥିଲେ। କ୍ୱାର୍ଟରରେ ତାଙ୍କର ଆମେରିକୀୟ ଖେଳାଳି ଇଭା ଜୋଭିଚ୍‌ଙ୍କ ସହ ମୁକାବିଲା ହେବ। ଜୋଭିଚ୍ ଅନ୍ୟ ପ୍ରି-କ୍ୱାର୍ଟର ଫାଇନାଲ ମୁକାବିଲାରେ ୬-୦, ୬-୧ ସିଧାସଳଖ ସେଟ୍‌ରେ କାଜାଖସ୍ଥାନର ଯୁଲିଆ ପୁଟିନ ସୋଭାଙ୍କୁ ପରାସ୍ତ କରିଥିଲେ। ମହିଳା ବିଭାଗର ଅନ୍ୟ ଏକ କ୍ୱାର୍ଟର ଫାଇନାଲରେ ଆମେରିକାର କୋକୋ ଗଫ୍‌ଙ୍କ ସହ ୟୁକ୍ରେନର ଏଲିନା ଭିଟୋଲିନାଙ୍କ ସହ ହେବ। ଆଜି ଖେଳାଯାଇଥିବା ପ୍ରି-କ୍ୱାଟରରେ ଗଫ୍ ୨-୧ରେ ଚେକ୍ ଗଣରାଜ୍ୟର କାରୋଲିନା ମୁଚୋଭାଙ୍କୁ ହରାଇଥିଲେ। ସେହିପରି ପୁରୁଷ ବିଭାଗ କ୍ୱାର୍ଟରରେ ବିଶ୍ୱର ନଂ-୧ ଖେଳାଳି କାର୍ଲୋସ ଆଲକାରାଜଙ୍କ ସହ ୬ଷ୍ଠ ସିଡ୍ ଆଲେକ୍ସ ଡି ମିନାଉରଙ୍କର ମୁକାବିଲା ହେବ। ସେହିପରି ଗତବର୍ଷର ରନର୍ସ ଅପ୍ ଜର୍ମାନୀର ଆଲେକ୍‌ଜାଣ୍ଡର ଜ୍ୱେରେଭ୍‌ଙ୍କ ସହ ନଂ-୨୫ ସିଡ୍ ଆମେରିକାର ଲର୍ନର ଟିଏନ୍‌ଙ୍କ ମଧ୍ୟରେ ମୁକାବିଲା ହେବ। ଜ୍ୱେରେଭ୍ ଗତବର୍ଷ ଏଠାରେ ପୁରୁଷ ଏକକରେ ରନର୍ସ ଅପ୍ ହୋଇଥିଲେ। ସେହିପରି ଚତୁର୍ଥ ସିଡ ନୋଭାକ ଜୋକୋଭିଚ୍ ମଧ୍ୟ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି।

## ହକି ଇଣ୍ଡିଆ ଲିଗ୍ ଫାଇନାଲ ଆଜି

**୮ ବର୍ଷ ପରେ ଟ୍ରଫି ଜିତିବା ଲକ୍ଷ୍ୟରେ କଳିଙ୍ଗ ଲାନ୍ସର୍ସ**

ଭୁବନେଶ୍ୱର, ୨୫।୧ (ସମିସ): ଚଳିତ ହକି ଇଣ୍ଡିଆ ଲିଗ୍ (ଏଚ୍‌ଆଇଏଲ୍)ର ୭ମ ସଂସ୍କରଣ ଫାଇନାଲ ମ୍ୟାଚ୍ ସୋମବାର ଖେଳାଯିବ। ଆଇକନିକ କଳିଙ୍ଗ ଷ୍ଟାଡିୟମରେ ଘରୋଇ ବେଦାନ୍ତ କଳିଙ୍ଗ ଲାନ୍ସର୍ସ ଓ ରାଞ୍ଚି ରୟାଲ୍ସ ମଧ୍ୟରେ ଗ୍ରାଣ୍ଡଫାଇନାଲ ମ୍ୟାଚ୍ ରାତି ୭ଟା ୩୦ରେ ଆରମ୍ଭ ହେବ। ଭୁବନେଶ୍ୱରଭିତ୍ତିକ ଦଳ କଳିଙ୍ଗ ଲାନ୍ସର୍ସ ପ୍ରଥମ ଓ ଶେଷଥର ଲାଗି ୨୦୧୭ରେ ଏହି ସମ୍ମାନଜନକ ଟ୍ରଫି ଜିତିଥିଲା। ଫଳରେ କଳିଙ୍ଗ ନିକଟରେ ଦ୍ୱିତୀୟଥର ଲାଗି ଚାମ୍ପିଅନ ହେବାର ସୁଯୋଗ ରହିଛି। ନେଦରଲାଣ୍ଡସର ଆର୍ଥର ଭାନ ଡୋରେନଙ୍କ ନେତୃତ୍ୱରେ ଖେଳୁଥିବା କଳିଙ୍ଗ ଚଳିତ ଲିଗ୍‌ରେ ବେଶ୍ ଦମ୍‌ଦାର ପ୍ରଦର୍ଶନ କରିଛି। ଲିଗ୍ ପର୍ଯ୍ୟାୟରେ ୭ଟି ମ୍ୟାଚରୁ କ୍ରମାଗତ ୬ ବିଜୟ ଓ ଗୋଟିଏ ପରାଜୟ ସହ ଲାନ୍ସର୍ସ ୧୬ ପଏଣ୍ଟ ପାଇ ଟେବଲ ଶୀର୍ଷରେ ରହିଥିଲା। ଏହାପରେ ପ୍ରଥମ କ୍ୱାଲିଫାୟରରେ କଳିଙ୍ଗ ଲାନ୍ସର୍ସ ୨-୧ ଗୋଲରେ ରାଞ୍ଚି ରୟାଲ୍ସକୁ ପରାସ୍ତ କରି ସିଧାସଳଖ ଫାଇନାଲକୁ ପ୍ରବେଶ କରିଥିଲା। ସେହିଭଳି ସୋମବାର ସନ୍ଧ୍ୟା ୫ଟାରେ ଏଚ୍‌ଆଇଏଲ୍ ଜିସି ଓ ହାଇଦ୍ରାବାଦ ତୁଫାନ୍ସ ମଧ୍ୟରେ କାଂସ୍ୟ ପଦକ ଲାଗି ଲଢ଼େଇ ହେବ।




## ପାମେଲା ୧୭ ବର୍ଷରୁ କମ୍ ଭାରତୀୟ ମହିଳା ଫୁଟବଲ କୋଚ୍

ନୂଆଦିଲ୍ଲୀ,୨୫।୧(ଏଜେନ୍ସି): ଇଟାଲୀର ସୁପରଷ୍ଟାର ପାମେଲା କୋଣ୍ଟି ୧୭ ବର୍ଷରୁ କମ୍ ଭାରତୀୟ ମହିଳା ଫୁଟବଲ ଦଳର ହେଡ୍ କୋଚ ନିଯୁକ୍ତ ହୋଇଛନ୍ତି। ଏହା ପରେ ସେ ଆନ୍ଧ୍ରପ୍ରଦେଶର ଅନନ୍ତପୁରଠାରେ ଚାଲିଥିବା କ୍ୟାମ୍ପରେ ଯୋଗ ଦେଇଛନ୍ତି। ତାଙ୍କ ଭାଇ ଭିନ୍‌ସେଞ୍ଜୋ କୋଣ୍ଟି ଆସିଷ୍ଟାଣ୍ଟ କୋଚ୍ ରହିଛନ୍ତି। ପୂର୍ବପରି ନିଭେଥା ରାମାଦୋସ୍ ଆସିଷ୍ଟାଣ୍ଟ କୋଚ୍ ଭାବେ ଦାୟିତ୍ୱ ତୁଲାଉଛନ୍ତି। ନେପାଳରେ ଜାନୁଆରୀ ୩୧ରୁ ଫେବୃଆରୀ ୭ ଯାଏ ଖେଳାଯିବାକୁ ଥିବା ସାଫ୍ ୧୯ ବର୍ଷରୁ କମ୍ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ପ୍ରଥମ ଥର ଖେଳିବେ। ଏହା ପରେ ଚୀନ୍‌ରେ ହେବାକୁ ଥିବା ଏସିଆ କପ୍‌ରେ ସେମାନେ ଭାଗ ନେବେ।

**ସିକେ ନାଇଡୁ ଟ୍ରଫି**

## ଇନିଂସ ବିଜୟ ଦ୍ୱାରରେ ଓଡ଼ିଶା

ଭୁବନେଶ୍ୱର, ୨୫।୧ (ସମିସ): ବଲାଙ୍ଗିରର ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ହରିୟାଣା ବିପକ୍ଷରେ ଚାଲିଥିବା ୨୩ ବର୍ଷରୁ କମ୍ ସିକେ ନାଇଡୁ ଟ୍ରଫିରେ ଓଡ଼ିଶା ଇନିଂସ ବିଜୟ ସମ୍ଭାବନା ସୃଷ୍ଟି କରିଛି।





୩୩୮ ରନ ପଛରେ ଥାଇ ଦ୍ୱିତୀୟ ପାଳି ଆରମ୍ଭ କରିଥିବା ଭ୍ରମଣକାରୀ ହରିୟାଣା ରବିବାର ୩ୟ ଦିବସ ଷ୍ଟମ୍ପ ସୁଦ୍ଧା ୪ ୱିକେଟ୍‌ରେ ୧୨୬ ରନ ସଂଗ୍ରହ କରିଛି। ସୋମବାର ମ୍ୟାଚର ଅନ୍ତିମ ଦିବସ। ୬ ୱିକେଟ୍ ବଳକା ଥାଇ ହରିୟାଣା ପାଳି ପରାଜୟ ଏଡ଼ାଇବା ଲାଗି ଆହୁରି ୨୧୨ ରନ ଆବଶ୍ୟକ କରୁଛି। ଅପରପକ୍ଷରେ ହରିୟାଣାର ବଳକା ୬ଟି ୱିକେଟ୍ ଶୀଘ୍ର ନେଇ ଘରୋଇ ଓଡ଼ିଶା ଇନିଂସ ବିଜୟ ସହ ବୋନସ ପଏଣ୍ଟ ହାତେଇବା ଲକ୍ଷ୍ୟରେ ରହିଛି। ପୂର୍ବରୁ ହରିୟାଣାର ପ୍ରଥମ ପାଳି ସ୍କୋର ୨୭୬ ରନ ଜବାବରେ ଓଡ଼ିଶା ୯ ୱିକେଟ୍‌ରେ ୬୧୪ ରନର ବିଶାଳ ସ୍କୋର କରି ଘୋଷଣା କରିଥିଲା। ଓଡ଼ିଶା ପକ୍ଷରୁ ସୂଜଲ ସିଂ ୧୫୬, ଶ୍ରେୟାଂଶ ଭରଦ୍ୱାଜ ୧୨୧, ଆଶୀର୍ବାଦ ସ୍ୱାଇଁ ୮୨, ସାଇଦୀପ୍ ମହାପାତ୍ର ୬୫ ରନର ଉଲ୍ଲେଖନୀୟ ପାଳି ଖେଳିଥିଲେ।





**ରଣଜୀ ଟ୍ରଫି କ୍ରିକେଟ**

## ତାମିଲନାଡୁଠାରୁ ହାରିଲା ଓଡ଼ିଶା

ଭୁବନେଶ୍ୱର, ୨୫।୧ (ସମିସ): ପ୍ରତ୍ୟାବର୍ତ୍ତନ ଖେଳାଳି ସୋନୁ ଯାଦବଙ୍କ ଅଲରାଉଣ୍ଡ ସଫଳତା ବଳରେ କିଟ୍ ଷ୍ଟାଡିୟମ୍‌ରେ ଆଜି ଶେଷ ହୋଇଥିବା ୬ଷ୍ଠ ରାଉଣ୍ଡ ଗ୍ରୁପ୍-ଏ' ଏଲିଟ ରଣଜୀ ମ୍ୟାଚ୍‌ରେ ଓଡ଼ିଶା ୨୦୭ ରନ୍‌ର ବଡ଼ ବ୍ୟବଧାନରେ ପରାଜିତ ହୋଇଛି। ଏହା ଫଳରେ ଚଳିତ ସିଜନରେ ଦଳ ୬ଷ୍ଠ ପରାଜୟ ସହ ୭ ପଏଣ୍ଟ ପାଇ ଟେବଲର ୭ମ ସ୍ଥାନରେ ରହିଛି। ଓଡ଼ିଶା ପଛକୁ କେବଳ ନାଗାଲାଣ୍ଡ ରହିଛି। ଓଡ଼ିଶା ତାହାର ଶେଷ ଲିଗ୍ ମ୍ୟାଚ୍ ଝାଡଖଣ୍ଡ ସହ କିନାନ ଷ୍ଟାଡିୟମ୍‌ରେ ଜାନୁଆରୀ ୨୯ରୁ ଖେଳିବ। ଏହି ମ୍ୟାଚ୍‌ରେ ପରାଜିତ ହେଲେ ଓଡ଼ିଶା ପ୍ଲେଟ୍ ଲିଗ୍‌କୁ ଖସିଯିବାର ଆଶଙ୍କା ରହିଛି। ଏହି ମ୍ୟାଚ୍‌ରେ ୭ଟି ୱିକେଟ ନେବା ସହ ୮୨ ରନ୍ କରିଥିବା ତାମିଲନାଡୁର ପେସ୍ ବୋଲିଂ ଅଲରାଉଣ୍ଡର ସୋନୁ ଯାଦବଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ଘୋଷଣା କରାଯାଇଛି।


ଅନିଲ ପରିଡ଼ା

ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ତାମିଲନାଡୁ ୨୮୬ ରନ୍ କରିଥିଲା। ଜବାବରେ ଓଡ଼ିଶା ୧୪୮ ରନ୍‌ରେ ଆଉଟ ହୋଇଯାଇଥିଲା। ୧୩୮ ରନ୍‌ରେ ଆଗୁଆ ଥିବା ତାମିଲନାଡୁ ଦ୍ୱିତୀୟ ଇନିଂସରେ ୩୧୬ ରନ୍ କରିବା ପରେ ଓଡ଼ିଶା ଆଗରେ ୪୫୫ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଥିଲା। ଏହି ଲକ୍ଷ୍ୟକୁ ପିଛା କରି ଓଡ଼ିଶା ଦଳ ଅନିଲ ପରିଡ଼ାଙ୍କ ୯୮ ଓ ଶଭ୍ରାଂଶୁ ସେନାପତିଙ୍କ ୫୫ ରନ୍ ସହାୟତାରେ ୨୪୭ ରନ୍‌ରେ ଅଲଆଉଟ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଫାଷ୍ଟ ବୋଲର ରାଜେଶ ମହାନ୍ତି ୩୦ ଗୋବିନ୍ଦ ପୋଦ୍ଦାର ୨୭ ରନ୍‌ର ଯୋଗଦାନ ଦେଇଥିଲେ।




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ: ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS